

ଜନନୀ ଓ ଜନ୍ମଭୂମି ସରଗରୁ ବଡ଼।
- ମହର୍ଷି ବାଲ୍ମୀକି



## ସଂକ୍ଷେପରେ

### ମହିଳାଙ୍କୁ ଅପହରଣ, ୨ ଅଟକ

**ରସୁଲପୁର,୧୫।୧୨(ଡିଏନଏ):** ରସୁଲପୁର ବ୍ଲକ ବ୍ରହ୍ମବରଦା ଅଞ୍ଚଳର ସଂଖ୍ୟାଲଘୁ ସମ୍ପ୍ରଦାୟର ଜଣେ ନବବିବାହିତା ମହିଳାଙ୍କୁ ଅପହରଣ ଅଭିଯୋଗରେ ପୋଲିସ ୨ଜଣ ଯୁବକଙ୍କୁ ଅଟକ ରଖିଛି। ଅଟକ ଯୁବକ ଦ୍ୱୟ ଅପହୃତା ମହିଳାଙ୍କ ପୁରୁଷ ବନ୍ଧୁ ବୋଲି କୁହାଯାଉଛି। ଉଭୟ ବାଲେଶ୍ୱର ଜିଲା ସୋର ଥାନା ବ୍ରଜଦେଉଳି ରୂପାଖଣ୍ଡ ଗ୍ରାମର ବୋଲି ଜଣାପଡିଛି। ପୋଲିସ ଉଭୟଙ୍କୁ ଧରି ଆଣି ଥାନାରେ ପଚରା ଉଚୁରା ଜାରି ରଖିଛି। ଏଯାବତ୍ ପୋଲିସ ଅପହୃତା ମହିଳାଙ୍କ ନିକଟରେ ପହଞ୍ଚିବାରେ ସକ୍ଷମ ହୋଇପାରି ନାହିଁ। ପ୍ରକାଶ ଯେ, ଗତ ୧୦ତାରିଖରେ ୨ଜଣ ଯୁବକ ଏକ ବୋଲେରୋରେ ଆସି ଉକ୍ତ ମହିଳାଙ୍କୁ ଉଠାଇ ନେଇଥିଲେ। ମହିଳା ଜଣକ ଗତ କିଛି ମାସ ହେବ ସ୍ଥାନୀୟ ମହେଶ୍ୱରପୁର ପଞ୍ଚାୟତ ଚାନ୍ଦପୁର ଗ୍ରାମରେ ବିବାହ କରିଥିଲେ। ବିବାହ ଦିନଠାରୁ ସେ ଅଶାନ୍ତିରେ ରହୁଥିଲେ। ଏ ସମ୍ପର୍କରେ ମହିଳା ଜଣକ ତାଙ୍କର ଜଣେ ସାଙ୍ଗଙ୍କୁ ଜଣାଇଥିଲେ। ସେ ସେଠାରୁ ମୁକୁଳିବାକୁ ଚାହୁଁଥିବା କହି ତାଙ୍କର ସହାୟତା ଲୋଡିଥିଲେ। ସେହି ମୁତାବକ ତାଙ୍କ ସାଙ୍ଗଙ୍କ କହିବା ମୁତାବକ ଉକ୍ତ ୨ଯୁବକ ଆସି ତାଙ୍କୁ ନେଇ ଦିଲ୍ଲୀ ପଠାଇ ଦେଇଥିଲେ ବୋଲି ଅଟକ ଯୁବକ ଦ୍ୱୟ କହିଛନ୍ତି। ଏହାପରେ ମହିଳାଙ୍କ ଶାଶୁଘର ଲୋକେ ଥାନାରେ ଅଭିଯୋଗ କରିଥିଲେ। ତେବେ ଦିଲ୍ଲୀରେ ମହିଳା ଜଣକ ଜଣେ ସମ୍ପର୍କୀୟଙ୍କ ଘରେ ରହୁଛନ୍ତି ବୋଲି ଯୁବକ ଦ୍ୱୟଙ୍କ ବୟାନରୁ ପୋଲିସ ଜାଣିବାକୁ ପାଇଛି। ନିଖୋଜ ମହିଳାଙ୍କ ପତ୍ତା ମିଳିବା ପରେ ଘଟଣାର ସତ୍ୟାସତ୍ୟ ଜଣାପଡିବ ବୋଲି କୁହାଯାଉଛି। ପୋଲିସ ଏ ନେଇ ତଦନ୍ତ ଜାରି ରଖିଛି।

### ପ୍ରତିଭା ଅନ୍ୱେଷଣ ପ୍ରତିଯୋଗିତା

**ଯାଜପୁର ଅଫିସ,୧୫।୧୨:** ଯାଜପୁର ରୋଡ଼ ଏବଂ ଏହାର ଆଖପାଖ ସ୍କୁଲର ଛାତ୍ରୀଛାତ୍ରଙ୍କୁ ନେଇ ୬ଷ୍ଠ ପ୍ରତିଭା ଅନ୍ୱେଷଣ ପ୍ରତିଯୋଗିତା ବ୍ୟାସନଗର ପ୍ରେସ ଫୋରମ ପକ୍ଷରୁ ରବିବାର ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗିତାରେ ଚିତ୍ରାଙ୍କନ, ନୃତ୍ୟ ଓ ସାଧାରଣ ଜ୍ଞାନ ପ୍ରତିଯୋଗୀତା ସହିତ ମହିଳାଙ୍କୁ ନେଇ ଖାଦ୍ୟ ମେଳା ହୋଇଥିଲା। ଗ୍ଲୋରିୟସ ଇଂଲିଶ ମିଡ଼ିୟମ ସ୍କୁଲ ପରିସରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଛାତ୍ରୀମାନେ ବାଜି ମାରିଥିଲେ। ନଟପଡା କାହ୍ନୁଚରଣ ସ୍ମୃତି ସଂସଦ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଯାଜପୁରରୋଡ ଥାନାଧିକାରୀ ଅନିଲ କୁମାର ମହାନ୍ତି ଉଦଘାଟନ କରିଥିଲେ। ଫୋରମ ସଭାପତି ଅଭୟ ପତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ସମ୍ପାଦକ ଉଦୟ ନାଥ ଖଣ୍ଡାଇ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କାର୍ଯ୍ୟକାରୀ ସଭାପତି ପ୍ରକାଶ କୁମାର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ଜେମ୍ସ ସ୍କୁଲର ଶିକ୍ଷକ ସରୋଜ କୁମାର ସାହୁ, ବିମଳ ମିଶ୍ର, ଶ୍ରୀକାନ୍ତ ପାତ୍ର, ପ୍ରକାଶ ସାହୁ ଓ ଶିକ୍ଷୟିତ୍ରୀ ରୀନା ମଲିକ, ସରିତା ଗୁପ୍ତା, ସୁଜାତା ପତି, ରୀତାଞ୍ଜଳି ନାଥ ପରିଚାଳନାରେ ସହଯୋଗ କରିଥିଲେ। ଏଥିରେ ମୋଟ ୧୪ଟି ସ୍କୁଲରୁ ପ୍ରାୟ ୩୫୦ରୁ ଅଧିକ ଛାତ୍ରୀଛାତ୍ର ଭାଗ ନେଇଥିଲେ।

# ମନ୍ଥର ଗତିରେ ବିଭାଗୀୟ କାର୍ଯ୍ୟ

**ବରୀ,୧୫।୧୨(ସ୍ୱ.ପ୍ର)**

**ପୂର୍ତ୍ତ ଓ ଗୃହନିର୍ମାଣ ବିଭାଗ**
- ମରାମତି ଓ ରକ୍ଷଣାବେକ୍ଷଣ ନାଁରେ ହରିଲୁଟ୍ ହେଉଛି ଅର୍ଥ
- ବୃଦ୍ଧି ପାଉଛି ଅସନ୍ତୋଷ

ଯାଜପୁର ଜିଲା ବରୀ ବ୍ଲକ ଅଞ୍ଚଳରେ ପୂର୍ତ୍ତ ଓ ଗୃହ ନିର୍ମାଣ ବିଭାଗ କାର୍ଯ୍ୟ ମନ୍ଥର ଗତିରେ ଚାଲିଛି। ଏନେଇ ସାଧାରଣରେ ଅସନ୍ତୋଷ ବୃଦ୍ଧି ପାଉଛି। ଆଗାମୀ ଦିନରେ ଏହା ଏକ ବଡ ଆନ୍ଦୋଳନର ରୂପ ନେବ ବୋଲି ସୂଚନା ମିଳିଛି। ବରୁହାଁଠାରୁ କଳାମାଟିଆ ପର୍ଯ୍ୟନ୍ତ ରାସ୍ତାଟି ଏହି ବିଭାଗ ଅଧୀନରେ ରହିଛି। ଆହୁରି ୪ଟି ଆର୍‌ଡି ବିଭାଗ ରାସ୍ତାକୁ ନିଜ ଅଧୀନକୁ ଆଣିବ ବୋଲି ପୂର୍ତ୍ତ ଓ ଗୃହ ନିର୍ମାଣ ବିଭାଗ ସୂଚନା ଦେଇଥିଲାବେଳେ ଏହା କାର୍ଯ୍ୟକାରୀ ହୋଇ ନ ଥିବା ସରକାରୀସ୍ତରରୁ ଜଣାପଡିଛି। ତେବେ ଏହି ବିଭାଗର ସୂଚନାରେ ସତ୍ୟତା ନ ଥିବା କୁହାଯାଉଛି। ବରୁହାଁଠାରୁ କଳାମାଟିଆ ରାସ୍ତା କଡ଼ରେ ପୁରୁଣା ଗଛଗୁଡ଼ିକ ରହି ଟ୍ରାଫିକ ସମସ୍ୟା ସୃଷ୍ଟି କରୁଥିବାରୁ ଏହି ଗଛଗୁଡ଼ିକ ପାଇଁ ଦୁର୍ଘଟଣା ଘଟୁଛି। ଗଛଗୁଡିକୁ କାଟିଦେବା ପାଇଁ ବାରମ୍ବାର ଅଭିଯୋଗ ହୋଇଛି। ଏ ନେଇ ପୂର୍ତ୍ତ ଓ ଗୃହ ବିଭାଗ ପକ୍ଷରୁ ଯାଜପୁର ରୋଡ ଡିଏଫ୍‌ଓଙ୍କୁ ଚିଠି କରାଯାଇଛି। ଏଥିସହିତ ବରୀ ତହସିଲଦାର ଓ ବରୀ ପୋଲିସକୁ ଏହି ବିଭାଗ ପକ୍ଷରୁ ଗଛ କଟା ପାଇଁ ଚିଠି କରାଯାଇଛି। ଏହିଭଳି ସୂଚନା ବିଭାଗ ପକ୍ଷରୁ ଦିଆଯାଇଥିଲାବେଳେ ଏଥିରେ ସତ୍ୟତା ନ ଥିବା ଅଭିଯୋଗ ହୋଇଛି। ଏହି ବରୁହାଁ କଳାମାଟିଆ ରାସ୍ତାର ଅରଙ୍ଗାବାଦ ଛତରଠାରୁ ବାଲିବିଲି ଖେମେଶ୍ୱର ପର୍ଯ୍ୟନ୍ତ ରାସ୍ତାକୁ ଦୁର୍ଘଟଣା ପ୍ରବଣ ଅଞ୍ଚଳଭାବେ ଚିହ୍ନଟ କରାଯାଇ ରାଜ୍ୟ ସରକାର ଏଥିନିମନ୍ତେ ଗାର୍ଡୱାଲ ନିର୍ମାଣ କରିବାକୁ ସ୍ଥିର କରିଥିଲେ। ୧୧ଲକ୍ଷ ୭୦ ହଜାର ଟଙ୍କା ବ୍ୟୟ ଅଟକଳରେ ଲିଖିତଭାବେ ଠିକାଦାର ଜରିଆରେ ଗାର୍ଡୱାଲ ନିର୍ମାଣ ଚାଲିଛି। ତାହା ପୁଣି ଅତି ନିମ୍ନମାନର ହେଉଥିବା ଅଭିଯୋଗ ହୋଇଛି। କଳାମାଟିଆରୁ ବଗମରା ଘାଟ ପର୍ଯ୍ୟନ୍ତ ବିଞ୍ଝାରପୁରକୁ ସଂଯୋଗୀକରଣ କାର୍ଯ୍ୟ ୪କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ ଅଟକଳରେ ୨୦୧୭ରୁ ନିର୍ମାଣ ଚାଲିଥିଲାବେଳେ ଅଦ୍ୟାବଧି ସମ୍ପୂର୍ଣ୍ଣ ହେଉନାହିଁ। ଏନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ଗୋଳକୁଣ୍ଡ-ରତ୍ନଗିରି, ଗୋଳକୁଣ୍ଡ-ଇନ୍ଦୁପୁର, ଶୁକଳ-ମହାକାଳପଡା, ବରୀ ମାଉଣ୍ଡରୁ ରାମଚନ୍ଦ୍ରପୁର ବ୍ଲକ ପର୍ଯ୍ୟନ୍ତ ରାସ୍ତାକୁ ପୂର୍ତ୍ତ ବିଭାଗ ନିଜ ଅଧୀନକୁ ନେବ ବୋଲି ସ୍ଥିର କରିଛି। ଏନେଇ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ସର୍ଭେ କରିସାରିଛନ୍ତି। ମାତ୍ର ତାହା ସରକାରୀଭାବେ ଘୋଷଣା ହେବା ବାକି ରହିଛି। ବରୁହାଁ କଳାମାଟିଆ ରାସ୍ତା ମରାମତି ରକ୍ଷଣାବେକ୍ଷଣରେ ଲକ୍ଷାଧିକ ଟଙ୍କା ହରିଲୁଟ୍ ହୋଇଥିବା ଜଣାଯାଇଛି। ଏ ସଂକ୍ରାନ୍ତରେ ବିଭାଗୀୟ ସହକାରୀ ଯନ୍ତ୍ରୀ ଅଲେଖ ଚନ୍ଦ୍ର ବେହେରାଙ୍କୁ ପଚାରିବାରୁ, ରାସ୍ତାକଡ ଗଛ କାଟିବା ପାଇଁ ଡିଏଫଓ, ତହସିଲଦାର ଓ ପୋଲିସଙ୍କୁ ଚିଠି କରାଯାଇଛି। ଖୁବ୍ ଶୀଘ୍ର ଗଛ କଟାହେବ। ଏହି ରାସ୍ତାର ଛତର ନିକଟରେ ଗାର୍ଡୱାଲ ନିର୍ମାଣ ଚାଲିଛି। ମରାମତି ରକ୍ଷଣାବେକ୍ଷଣ ନାଁରେ ହରିଲୁଟ୍ ହୋଇ ନ ଥିବା କହିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଖଣ୍ଡି ଗଣିଆର ଦି'ଗୁଣ ସରେ;**
**ଆଟିକା ପୋଛାର ମାଇପ ମରେ ।**

ଅଭାବୀ ଲୋକର ଖର୍ଚ୍ଚ ଅଧିକ। ସେ ଯେତେ ଯାହା ଚେଷ୍ଟା କଲେ ମଧ୍ୟ ନିଜ ଖର୍ଚ୍ଚକୁ ରୋକିବାରେ ସଫଳ ହୋଇପାରି ନ ଥାନ୍ତି। ପରନ୍ତୁ ଧନ ଥାଇ କୃପଣ ପ୍ରକୃତିର ବ୍ୟକ୍ତି ନିଜ ଖାଇବା, ପିଇବା ତଥା ଚଳିବାରେ ଅନେକ କାଟଛାଣ୍ଟ କରିଥାନ୍ତି। ଫଳସ୍ୱରୂପ ଉକ୍ତ ବ୍ୟକ୍ତିର ପତ୍ନୀ ଭୋକ ଉପାସରେ ପଡ଼ିରହିବାକୁ ବାଧ ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଖାଇବ ସଅଳ, ଶୋଇବ ବେଗେ**
**ଉଠିବ ସଅଳ, ଚାଲିବ ବେଗେ ।**

ରାତ୍ରୀର ଖାଦ୍ୟ ସଅଳ ଖାଇ ଶୀଘ୍ର ବିଛଣା ଯିବା ଉଚିତ। ଶୀଘ୍ର ଶୋଇଲେ ବଡ଼ି ଭୋରରୁ ନିଦ ଭାଙ୍ଗିଯାଇଥାଏ। ସେହିପରି ଅତି ସକାଳୁ ଉଠି ବାହାରେ ଚଲାବୁଲା କଲେ ଦେହ ମନ ତାଜା ହୋଇଯାଇଥାଏ, ଫୁର୍ତ୍ତି ଆସିଥାଏ। ବ୍ୟକ୍ତି ସୁସ୍ଥ ନୀରୋଗ ରହିବା ପାଇଁ ଏପରି ଦିନଚର୍ଯ୍ୟା କରିବା ଉଚିତ ଅର୍ଥରେ ଏଭଳି ଉପଦେଶ ପ୍ରଦାନ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ସର୍ବଭାରତୀୟ ସତ୍ୟସାଇ କ୍ରିକେଟ: ଶହୀଦ ସ୍ପୋର୍ଟିଂ ଚାମ୍ପିୟନ



ଅତିଥିମାନେ ଚାମ୍ପିୟନ ଦଳକୁ ଟ୍ରଫି ପ୍ରଦାନ କରୁଛନ୍ତି।

**ରସୁଲପୁର,୧୫।୧୨(ଡିଏନଏ)**

ଯାଜପୁର ବ୍ଲକ ଖାଲପଡା ପଞ୍ଚାୟତ କାକୁଡିକୁଦ ସତ୍ୟସାଇ ଖେଳ ପଡିଆରେ ଚାଲିଥିବା ୩୫ତମ ସର୍ବଭାରତୀୟ ସତ୍ୟସାଇ କ୍ରିକେଟ୍ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ମା ବଟ ମଙ୍ଗଳା କ୍ରିକେଟ କ୍ଲବ, ଗୋଳକୁଣ୍ଡକୁ ହରାଇ ଶହୀଦ ସ୍ପୋର୍ଟିଂ କ୍ଲବ, ଭୁବନେଶ୍ୱର ଚାମ୍ପିୟନ ହୋଇଛି। ଟସ୍ ଜିଣି ଗୋଳକୁଣ୍ଡ ଟିମ୍ ବ୍ୟାଟିଂ କରି ନିର୍ଦ୍ଧାରିତ ୨୫ଓଭରରୁ ୨୪.୨ ଓଭରରେ ସମସ୍ତ ଉଇକେଟ୍ ହରାଇ ୧୪୩ ରନ୍ ସଂଗ୍ରହ କରିଥିଲା। ଜବାବରେ ଶହୀଦ ସ୍ପୋର୍ଟିଂ ଭୁବନେଶ୍ୱର ୧୪୪ ରନର ବିଜୟ ଲକ୍ଷ୍ୟକୁ ପିଛା କରି ୨୩.୨ ଓଭରରେ ୭ ଉଇକେଟ ହରାଇ ୧୪୬ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ବିଜୟୀ ଦଳର ସୁଶୀଲ ମହାନ୍ତିଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିବାବେଳେ ସେହି ଦଳର ଅଂଶୁମାନ ସିହ୍ନାଙ୍କୁ ମ୍ୟାନ୍ ଅଫ ଦି ସିରିଜ ଭାବେ ପୁରସ୍କୃତ କରାଯାଇଥିଲା। ଖେଳକୁ ରମେଶ ମହାରଣା ଓ ଆଶୁତୋଷ ପାଣି ପରିଚାଳନା କରିଥିଲେ। ସ୍କୋରର ଚିନ୍ମୟ ଦଳେଇ ଓ ଅରୂପ ସାହୁ ଭାଷ୍ୟକର ଭାବେ ଅରୁଣ ପତି ଓ ପ୍ରିୟନାଥ ରାଉତ ସହଯୋଗ କରିଥିଲେ। ଏହି ଅବସରରେ ଏକ ଉଦ୍‌ଯାପନୀ ସଭାର ଆୟୋଜନ କରାଯାଇଥିଲା। ସତ୍ୟସାଇ କ୍ରିକେଟ କ୍ଲବ ସଭାପତି ପ୍ରିୟନାଥ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ଯାଜପୁର ବ୍ଲକ ମଣ୍ଡଳ ଉନ୍ନୟନ ଅଧିକାରୀ ସୌରଭ ଚକ୍ରବର୍ତ୍ତୀ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିବାବେଳେ ଖାଲପଡା ସରପଞ୍ଚ ନିର୍ମଳ ଚନ୍ଦ୍ର ସାମଲ ଓ ସମିତିସଭ୍ୟା ପ୍ରଭାତୀ ସାହୁ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ୍ ପତିତପାବନ ସାମଲ, ବ୍ୟବସାୟୀ କାଶିନାଥ ବେହେରା, ପରମାନନ୍ଦ ସାହୁ, ରଘୁନାଥ ଜେନା ପ୍ରମୁଖ ଯୋଗଦେଇ ଉଭୟ ଦଳର ଅଧିନାୟକଙ୍କୁ ଟ୍ରଫି ଓ ନଗଦ ଅର୍ଥରାଶି ପ୍ରଦାନ କରିଥିଲେ। ସତ୍ୟସାଇ କ୍ରିକେଟ୍ କ୍ଲବର ସଭ୍ୟ ରଞ୍ଜିତ ନାୟକ, ଦିଲୀପ ଜେନା, ରତିକାନ୍ତ ରାଉତ, ଉତ୍କଳ ଜେନା, ଶୁକଦେବ ବିଶ୍ୱାଳ, ନିରଞ୍ଜନ ଜେନା ପ୍ରମୁଖ ଖେଳ ପରିଚାଳନାରେ ସହଯୋଗ କରିଥିଲେ।

## କୃଷକ ସଂଗଠନର ବୈଠକ

**ସିଂହପୁର,୧୫।୧୨(ଡିଏନଏ)**

ବିଂଝାରପୁର ବ୍ଲକ ନବନିର୍ମାଣ ସଂଗଠନର ଏକ କାର୍ଯ୍ୟକାରୀ କମିଟି ବୈଠକ ବ୍ଲକ ସଂଯୋଜକ ସନାତନ ସାହୁଙ୍କ ସଭାପତିତ୍ୱରେ ରବିବାର ଅନୁଷ୍ଠିତ ହୋଇଯାଇଛି। କାଳିଆ ଯୋଜନାରେ ନବୀନ ସରକାର ଚାଷୀଙ୍କୁ ୬ହଜାର ଟଙ୍କା ଦେବାକୁ ପ୍ରତିଶ୍ରୁତି ଦେଇ ପ୍ରତାରଣା କରଛନ୍ତି। ଏହା ପ୍ରତିବାଦରେ ଆସନ୍ତା ୧୬ତାରିଖ ଯାଜପୁର ଏସ୍‌ପି ଅଫିସ କାର୍ଯ୍ୟାଳୟରେ କୃଷିମନ୍ତ୍ରୀଙ୍କ ବିରୋଧରେ ଏତଲା ଦିଆଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ ସରକାରଙ୍କ ଚାଷୀ ମାରଣ ନୀତି, ବିଦ୍ୟୁତ୍ ସଂଯୋଗ କରିବା ସହିତ ବକେୟା ବିଦ୍ୟୁତ୍ ପାଣିପଞ୍ଚାୟତରୁ ଛାଡ କରାଯାଉ, ଅବିଳମ୍ବେ ଚାଷ ଜମିକୁ ପାଣି ଯୋଗାଇ ଦିଆଯିବା, ଶୀତଳ ଭଣ୍ଡାର ନିର୍ମାଣ ଆଦି ଦାବି ପୂରଣ ନ ହେଲେ ଚାଷୀମାନେ ଜାଗରଣ ସମାବେଶ କରାଯିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ ସଂଗଠନର ଜିଲା ଉପଦେଷ୍ଟା ରବୀନ୍ଦ୍ର ଧଳ, ଭୁବନାନନ୍ଦ ସାମଲ, ବଳରାମ ବଳ, ପ୍ରଫୁଲ ରାଉତ, ଧନେଶ୍ୱର ସାମଲ, ନିମାଇ ଦାସ, ନଟବର ଜେନା, ଜ୍ଞାନେନ୍ଦ୍ର ବେଉରିଆ ପ୍ରମୁଖ ଉପସ୍ଥିତ ଥିଲେ।

## ଶ୍ରେଷ୍ଠ ସାହିତ୍ୟିକ, ସଂଗଠକ ସମ୍ମାନ ପ୍ରଦାନ



ଓଡ଼ିଶା ପ୍ରତିଭା ପୂଜା ସଂସଦ ପକ୍ଷରୁ ଶ୍ରେଷ୍ଠ ସାହିତ୍ୟିକଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

**ଧର୍ମଶାଳା,୧୫।୧୨(ଡିଏନ୍ଏ)**

ଓଡ଼ିଶା ପ୍ରତିଭା ପୂଜା ସଂସଦ ପକ୍ଷରୁ ଉନବିଂଶତମ ରାଜ୍ୟସ୍ତରୀୟ ସାରସ୍ୱତ ସମାରୋହ ଅବସରରେ ଗୋକର୍ଣ୍ଣିକା ସମ୍ପାଦକ ରମାକାନ୍ତ ଜେନାଙ୍କୁ ଶ୍ରେଷ୍ଠ ସାହିତ୍ୟିକ ଓ ସଂଗଠନ ସମ୍ମାନ-୨୦୧୯ ପ୍ରଦାନ କରାଯାଇଛି। ରବିବାର ଶ୍ରୀରାମଚନ୍ଦ୍ର ଭବନ କଟକରେ ଆୟୋଜିତ ସଭାରେ ମୁଖ୍ୟ ଅତିଥିଭାବେ ବିଚାରପତି ଏ.ସୂର୍ଯ୍ୟନାରାୟଣ ନାଇଡୁ ଯୋଗଦେଇ ଜେନାଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ସମାଜର ପୂର୍ବତନ କାର୍ଯ୍ୟକାରୀ ସମ୍ପାଦକ ତଥା ଓଡିଶା ପୂଜ୍ୟପୂଜା ସଂସଦ ସଭାପତିସତ୍ୟ ରାୟଙ୍କ ପୌରହିତ୍ୟରେ ସମ୍ମାନିତ ଅତିଥି ଭାବେ ଔପନ୍ୟାସିକ ଉମାଶଙ୍କର ମିଶ୍ର, ଆଇନଜୀବୀ ତଥା ସାହିତ୍ୟିକ ଦେବସ୍ନାନ ଦାଶ, ସୂଚନା ଲୋକସମ୍ପର୍କ ଉପନିର୍ଦ୍ଦେଶକ ଓଡିଶା ବରଦା ପ୍ରସନ୍ନ ଦାସ, ଆଇନଜୀବୀ ସୁରେନ୍ଦ୍ର କୁମାର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ସାଧାରଣ ସମ୍ପାଦକ ଦିଲିପ କୁମାର ଦାସ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଧର୍ମଶାଳା ଅଞ୍ଚଳର ସମାଜସେବୀ ଗୋଲଖ ଚନ୍ଦ୍ର ପଲାଇ ଓ ଅବସରପ୍ରାପ୍ତ ଅଧକ୍ଷ ଚିତ୍ତରଞ୍ଜନ ମହାନ୍ତିଙ୍କୁ ସମାଜସେବା ଓ ଶିକ୍ଷାକ୍ଷେତ୍ରର ଅବଦାନ ପାଇଁ ଯଥାକ୍ରମେ ପୁରସ୍କୃତ କରାଯାଇଥିଲା।

## ୫୦ ବର୍ଷ ତଳର ସ୍ମୃତି ସାଉଁଟିଲେ ଛାତ୍ରୀଛାତ୍ର

**ଜେନାପୁର,୧୫।୧୨(ଡ଼ିଏନଏ):** ଧର୍ମଶାଳା ବ୍ଲକ ଅଧୀନ ଜେନାପୁର ଉଚ୍ଚବିଦ୍ୟାଳୟର ୧୯୬୯ ମାଟ୍ରିକ ବ୍ୟାଚର ୫୦ବର୍ଷ ପୂର୍ତ୍ତୀ ଅବସରରେ ଛାତ୍ରୀଛାତ୍ରଙ୍କର ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଜେନାପୁର ସ୍ଥିତ ଡାକବଙ୍ଗଳା ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୁରାତନ ଛାତ୍ର ଶରତ କୁମାର ମହାନ୍ତି ଓ ପ୍ରଭାତ କୁମାର ସାମନ୍ତଙ୍କ ନେତୃତ୍ୱରେ ପ୍ରଫୁଲ୍ଲ ଦାସ,ବଙ୍ଗାଳି ସାହୁ, ଗିରିଜା ଆଚାର୍ଯ୍ୟ, ବୈକୁଣ୍ଠ ଧୀର, ଗଣେଶ୍ୱର ପଣ୍ଡା, ପଦନ ରାଉତ, ପ୍ରମୋଦ କୁମାର ସାହୁ, ଋଷି ନାଥ, ଜୟଶ୍ରୀ ଦାସ ମାହାପାତ୍ର, ଚିତ୍ରଲେଖା ସାହୁ, ସାବିତ୍ରୀ ସାହୁ, ଦାସରଥି ଜେନା, ପ୍ରଫୁଲ୍ଲ ମହାନ୍ତି, ରମେଶ ଶତପଥୀ, ଯୁଧିଷ୍ଠିର ରାଉତ, ପ୍ରହଲ୍ଲାଦ ବାରିକ, ସୌଭାଗ୍ୟ ସାମନ୍ତ, ଶ୍ରୀଧର ସାହୁ, କୀର୍ତ୍ତନ ସାହୁ, ଧରଣୀ ସିଂହ ପ୍ରମୁଖ ଯୋଗଦେଇ ପୁରୁଣା ଦିନର ସ୍ମୃତିକୁ ବଖାଣିବା ସହ ପ୍ରତ୍ୟେକଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ଆଲୋଚନା କରିଥିଲେ। ଶେଷରେ ସମସ୍ତଙ୍କର ଦୀର୍ଘ ନିରାମୟ ଜୀବନ କାମନା କରାଯାଇ ଏକ ବଣଭୋଜିର ଆୟୋଜନ କରାଯାଇଥିଲା।

## ଧର୍ମେନ୍ଦ୍ର ସ୍ମାରକୀ କ୍ରିକେଟ: ତରାପୁର ଚାମ୍ପିୟନ

**କୋରେଇ,୧୫।୧୨(ସ୍ୱ.ପ୍ର)**

କୋରେଇ ବ୍ଲକ ଜହ୍ନାସ୍ଥିତ ବଳଦେବ ଜୀଉ କ୍ଲବ ପକ୍ଷରୁ ଧର୍ମେନ୍ଦ୍ର ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏହି ଉଦ୍‌ଯାପନୀ ତଥା ଫାଇନାଲ ମ୍ୟାଚରେ ଖପୁରିଆପଦା କ୍ରିକେଟ କ୍ଲବକୁ ତରାପୁର କ୍ରିକେଟ କ୍ଲବ ୨ୱିକେଟରେ ପରାସ୍ତ କରି ଚଳିତ ବର୍ଷ ଚାମ୍ପିୟନ ହୋଇଛି। ରବିବାର ଅନୁଷ୍ଠିତ ଫାଇନାଲ ମ୍ୟାଚରେ ଖପୁରିଆପଦା କ୍ଲବ ଟସ୍ ଜିଣି ବ୍ୟାଟିଂ କରିଥିଲା। ନିର୍ଦ୍ଧାରିତ ୧୫ଓଭରରେ ୯ ୱିକେଟ ହରାଇ ୧୦୨ ରନ କରିଥିଲା। ଜବାବରେ ତରାପୁର କ୍ଲବ ୮ୱିକେଟ ହରାଇ ୧୫ ଓଭରର ଅନ୍ତିମ ବଲରେ ଏକ ଛକା ବଲରେ ୧୦୫ରନ କରି ବିଜୟ ଲକ୍ଷ୍ୟ ହାସଲ କରିଥିଲା। ଆଜିର ଏହି ଖେଳକୁ ପଦ୍ମନାଭ ବିଶ୍ୱାଳ ଓ ସର୍ବେଶ୍ୱର ସାହୁ ପରିଚାଳନା କରିଥିଲ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥିଭାବେ ଆଲେକଜାଣ୍ଡାର ଦାସ, ମୁଖ୍ୟବକ୍ତାଭାବେ ପାଣିକୋଇଲି ଥାନାଧିକାରୀ ଅଜୟକୁମାର ଜେନା, ସମ୍ମାନିତ ଅତଥିଭାବେ ଜହ୍ନା ସରପଞ୍ଚ ଭାଗ୍ୟଶ୍ରୀ ମଲ୍ଲିକ ଓ ଅନ୍ୟତମ ଅତିଥିଭାବେ ଯାଜପୁର ଜିଲା ସାମ୍ବାଦିକ ସଂଘର କାର୍ଯ୍ୟକାରୀ ସଭାପତି ବରିଷ୍ଠ ସାମ୍ବାଦିକ ଚିନ୍ତାମଣି ପାଢୀ ପ୍ରମୁଖ ଯୋଗଦେଇ ବିଜୟୀ ତରାପୁର କ୍ଲବକୁ ନଗଦଅର୍ଥ ରାଶି ସହ ଚମ୍ପିଅନ ସିଲ୍ଡ ଓ ଖପୁରିଆପଦା କ୍ଲବକୁ ନଗଦଅର୍ଥ ରାଶି ସହ ରନର୍ସ କପ ପ୍ରଦାନ କରିଥିଲା ବେଳେ ମ୍ୟାନଅଫ ଦିମ୍ୟାଚ ଭାବେ ତରାପୁରର ଦୁର୍ଗାପ୍ରସାଦ ଓ ମ୍ୟାନଅଫ ଦ ଟୁର୍ଣ୍ଣାମେଂଟ ଖପୁରିଆପଦାର କାର୍ତ୍ତିକ ଜେନାଙ୍କୁ ପୁରସ୍କୃତ କରାଯାଇଥିଲା। ଅନୁଷ୍ଠିତ ପୁରସ୍କାର ବିତରଣ ସଭାକୁ ଯୁବନେତା ବିକ୍ରମ ବିଶ୍ୱାଳ ପରିଚାଳନା କରିଥିଲେ। ପ୍ରାରମ୍ଭରେ ଅନୁଷ୍ଠିତ ମ୍ୟାଚକୁ କୋରାଇ ବ୍ଲକ ଅଧ୍ୟକ୍ଷା ପ୍ରତିନିଧି ପ୍ରକାଶ ଧଳ ଫିତାକାଟି ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିଥିଲେ। ଏହି ଖେଳକୁ ନିରଞ୍ଜନ ମଲ୍ଲିକ, ସ୍ମୃତିରଞ୍ଜନ ରାଉତ, ବିଶ୍ୱରଞ୍ଜନ ବିଶ୍ୱାଳ, ଧନଞ୍ଜୟ ଦାସ, ସନତାନ ରାଉତ, ପଙ୍କଜ ସାହୁ, ଜ୍ୟୋତିରଞ୍ଜନ ପାଢୀ, ବାଦଲ ସିଂହ ପ୍ରମୁଖ କ୍ଲବର ସମସ୍ତ କର୍ମକର୍ତ୍ତା ଓ ସଦସ୍ୟମାନେ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ବସନ୍ତ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## 'ବରିଷ୍ଠ ନାଗରିକ ଆଗାମୀ ପିଢ଼ିର ପଥପ୍ରଦର୍ଶକ'

**ଦଶରଥପୁର,୧୫।୧୨(ଡିଏନ୍ଏ)**



ପରିଚୟ ପ୍ରଦାନ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ଭାରତୀୟ ସଂସ୍କୃତି ଓ ପରମ୍ପରାରେ ବରିଷ୍ଠ ନାଗରିକ ସର୍ବଦା ପୂଜନୀୟ। ସେମାନେ ଆଗାମୀ ପିଢ଼ିର ପଥ ପ୍ରଦର୍ଶକ ବୋଲି ବିଧାୟକ ପ୍ରଣବ ପ୍ରକାଶ ଦାସ ରବିବାର ମଙ୍ଗଳପୁର ମହତାବ ଉଚ୍ଚ ବିଦ୍ୟାଳୟ ପରିସରରେ ଦଶରଥପୁର ବ୍ଲକ୍‌ସ୍ତରୀୟ ବରିଷ୍ଠ ନାଗରିକ ପରିଷଦ ପକ୍ଷରୁ ଆୟୋଜିତ ୯ମ ବାର୍ଷିକ ସମ୍ମିଳନୀର ପରିଚୟ ପତ୍ର ପ୍ରଦାନ କାର୍ଯ୍ୟକ୍ରମରେ ଯୋଗଦେଇ ମତବ୍ୟକ୍ତ କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମକୁ ବିଧାୟକ ଦାସ ଉଦ୍‌ଘାଟନ କରିଥିବାବେଳେ ଦଶରଥପୁର ବରିଷ୍ଠ ନାଗରିକ ପରିଷଦର ସଭାପତି ଏକାଦଶୀ ପାଢୀଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସଭାରେ ମଞ୍ଚାସୀନ ଅତିଥିଭାବେ ଯାଜପୁର ଏସ୍‌ପି ଚରଣ ସିଂ ମୀନା, ଅବସରପ୍ରାପ୍ତ ପୋଲିସ ସଂଘ ସଭାପତି ସୂର୍ଯ୍ୟମଣି ତ୍ରିପାଠୀ, ଯାଜପୁର ବରିଷ୍ଠ ନାଗରିକ ସଂଘ ସଭାପତି ପ୍ରଫୁଲ୍ଲ ଚନ୍ଦ୍ର ସାମଲ, ମଙ୍ଗଳପୁର ଉପସଭାପତି ଲକ୍ଷ୍ମୀଧର ରାଉତ, ଶିକ୍ଷାବିତ୍ ପିତବାସ ବେହୁରିଆ ପ୍ରମୁଖ ଯୋଗ ଦେଇଥିଲେ। ପରିଷଦର ସାଧାରଣ ସମ୍ପାଦକ ବିଜୟ କୁମାର ସାମଲ ସ୍ୱାଗତ ଭାଷଣ ଦେଇଥିଲେ। ପ୍ରଥମ ପର୍ଯ୍ୟାୟରେ ଏସ୍‌ପି ମୀନା ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ମଙ୍ଗଳପୁର ଆଇଆଇସି ଅସିତ୍ ରଞ୍ଜନ ମହାନ୍ତି ଦଶରଥପୁର ବ୍ଲକ ଅଞ୍ଚଳର ୯୦ଜଣ ବରିଷ୍ଠ ନାଗରିକଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ସହ ପରିଚୟ ପତ୍ର ପ୍ରଦାନ କରିଥିଲେ। ଏହି ପରିଷଦ ପକ୍ଷରୁ ବ୍ଲକ ଅଞ୍ଚଳର କାଟିଆ ଛକ-ବୈଷପାନ ରାସ୍ତା ନାମକୁ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଭଗବାନ ସାହୁଙ୍କ ନାମରେ, ବୌଳାଙ୍ଗ-ମାଂସଡା ରାସ୍ତାକୁ ପ୍ରଖ୍ୟାତ ସଂଗ୍ରାମୀ ପଦ୍ମନାଭ ରାୟ ଏବଂ ରାମବାଗ-ଛତ୍ରପଡା ରାସ୍ତାକୁ ଆଦିନେତା ବିଚିତ୍ରାନନ୍ଦ ଦାସଙ୍କ ନାମରେ କରିବାକୁ ଦାବି ଉପସ୍ଥାପନ କରିଥିଲେ। ଏହାଛଡା ଏହି ପରିଷଦ ପକ୍ଷରୁ ବିଧାୟକ ଦାସଙ୍କୁ ଅବ୍ୟବହୃତ ଦିହୁଡି ସାହିସ୍ଥିତ ପୂର୍ବ ବିଇଓ କାର୍ଯ୍ୟାଳୟ ଗୃହକୁ ବରିଷ୍ଠ ନାଗରିକଙ୍କ ଉଦ୍ଦେଶ୍ୟରେ ଡେ କେୟାର ସେଣ୍ଟର କରିବାକୁ ଦାବି କରାଯାଇଥିବାବେଳେ ଖୁବ୍ ଶୀଘ୍ର ଦାବୀ ପୂରଣ କରିବାକୁ ବିଧାୟକ ଦାସ ପ୍ରକାଶ କରିଥିଲେ। ଅପରାହ୍ନରେ ଉକ୍ତ ପରିଷଦର ନୂତନ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ଅନାମ ଚରଣ ସେନାପତି, ଅନାଦି ଚରଣ ପାତ୍ର, ଭାଗିରଥି ଦଳାଇ, ବଂଶୀଧର ଦାସ, ବିଷ୍ଣୁଚରଣ ଦାସ ଏବଂ ବିପିନ୍ ରାୟ ପ୍ରମୁଖ ବିଶେଷ ସହାୟତା କରିଥିଲେ।

## ■ ଜିଲାରେ ଅପରାଧ ସ୍ଥିତି, ପୋଲିସ ବ୍ୟବସ୍ଥା ଉପରେ କର୍ମଶାଳା

# 'ବ୍ୟବସ୍ଥାରେ ବ୍ୟାପକ ପରିବର୍ତ୍ତନର ଆବଶ୍ୟକତା ରହିଛି'

**ରସୁଲପୁର,୧୫।୧୨(ଡିଏନଏ)**



କର୍ମଶାଳାରେ ଯୋଗଦେଇଥିବା ଅତିଥି।

ଯାଜପୁର ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ରବିବାର ସେଣ୍ଟର ଫର୍ ଦି ସଷ୍ଟେନେବଲ ୟୁଜ୍ ଅଫ ନାଚୁରାଲ ଆଣ୍ଡ ସୋସିଆଲ ରିସୋର୍ସେସ୍ (ସିଏନ୍ଏନ୍ଆର) ଓ କମନୱେଲଥ୍ ହ୍ୟୁମାନ ରାଇଟସ୍ ଇନିସିଏଟିଭିସ୍ (ସିଏଚ୍ଆରଆଇ)ର ମିଳିତ ଆନୁକୂଲ୍ୟରେ ଯାଜପୁର ଜିଲାରେ ଅପରାଧ ସ୍ଥିତି ଓ ପୋଲିସ ବ୍ୟବସ୍ଥା ଉପରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଉକ୍ତ କର୍ମଶାଳାରେ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ, ସାମାଜିକ କର୍ମୀ, ସୂଚନା ଅଧିକାର କର୍ମୀ, ସମାଜସେବୀ, ଆଇନଜୀବୀ, ବୁଦ୍ଧିଜୀବୀ, ସମାଜ ସଂସ୍କାରକ, ମାନବାଧିକାର କର୍ମୀ, ଖବରଦାତା, ସମାଜର ଦଳିତ, ନିଷ୍ପେଷିତ, ନାରୀ, ଶିଶୁଙ୍କ ଅଧିକାରକୁ ସୁରକ୍ଷିତ ରଖିବା ଦିଗରେ ଲଢେଇ ଜାରି ରଖିଥିବା ନେତୃବୃନ୍ଦମାନେ ଏହି କର୍ମଶାଳାରେ ଯୋଗଦେଇ ପୋଲିସ ବ୍ୟବସ୍ଥାରେ ବ୍ୟାପକ ପରିବର୍ତ୍ତନ ଆସିବାର ଆବଶ୍ୟକତା ରହିଛି ବୋଲି ମତ ପ୍ରକାଶ କରିଥିଲେ। ପୋଲିସକୁ ନେଇ ସାଧାରଣ ଲୋକଙ୍କ ମନରେ ଏବେ ବି ଭୟ ରହିଛି। ଆଇନ ଓ ବିଧି ବ୍ୟବସ୍ଥା ସମ୍ପର୍କରେ ସାଧାରଣ ଲୋକ ଅବଗତ ନାହାନ୍ତି। ଏ ଦିଗରେ ବ୍ୟାପକ ସଚେତନତାର ଆବଶ୍ୟକତା ରହିଛି। ଏବେ ବି ଅଧିକାଂଶ ଥାନାରେ ଆବଶ୍ୟକତା ମୁତାବକ ପୋଲିସ କର୍ମଚାରୀ ନାହାନ୍ତି। ଏହିଭଳି ସ୍ଥିତିରେ ସରକାରଙ୍କ ୫-ଟି ଆଉ ମୋ ସରକାର କେମିତି ଚାଲିଛି ଏହାକୁ ସରକାର ଅନୁଭବ କରିବା ଦରକାର ବୋଲି ମତ ପ୍ରକାଶ ପାଇଥିଲା। ଏ ଦିଗରେ ଜନସଚେତନତା କରାଯିବା ସହ ପୋଲିସ ବ୍ୟବସ୍ଥା ବିରୋଧରେ ଆନ୍ଦୋଳନ କରାଯିବାର ସମୟ ଆସି ପହଞ୍ଚିଛି ବୋଲି ଅଧିକାଂଶ ମତ ରଖିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସିଏନ୍ଏନ୍ଆରର ଆବାହକ ଧିରେନ୍ଦ୍ର ପଣ୍ଡା, ଗବେଷିକା ପ୍ରଜ୍ଞାପରମିତା ଜେନା, ପ୍ରକାଶ କୁମାର ସାମନ୍ତ ସିଂହାର, ରଞ୍ଜିତ ସୂତାର, ରଶ୍ମିରଞ୍ଜନ ପଟ୍ଟନାୟକ, ବିଶ୍ୱନାଥ ପାତ୍ର ପ୍ରମୁଖ ଯୋଗଦେଇ ଉପାଦେୟ ମତାମତ ରଖିଥିଲେ। ସମଗ୍ର ଜିଲାରେ ବିଭିନ୍ନ ଥାନାରେ ଆପରାଧିକ ମାମଲା ଓ ସେ ଦିଗରେ ପୋଲିସର ସଫଳତା ଅତ୍ୟନ୍ତ ନୈରାଶ୍ୟଜନକ ଥିବା ସୂଚନା ପ୍ରଦାନ କରାଯାଇଥିଲା। ଏହି ଜିଲାରେ ପୋଲିସ ବ୍ୟବସ୍ଥାରେ ବ୍ୟାପକ ତ୍ରୁଟି ରହିଥିବା ସମ୍ପର୍କରେ ନାନା ତଥ୍ୟ ରଖାଯାଇଥିଲା।

UTI Mutual Fund
Haq, ek behtar zindagi ka.
10 YEARS

# ୟୁଟିଆଇ ସ୍ୱତନ୍ତ୍ର

ନିବେଶକ ଶିକ୍ଷଣ ହେତୁ ଏକ ପଦକ୍ଷେପ | ସମର୍ଥନ ଧରିତ୍ରୀ

## ହୁଅନ୍ତୁ ନିଜ ନିବେଶର ସୁପରହିରୋ



ଭିନ୍ନ ଲୋକଙ୍କ ପାଇଁ ଭିନ୍ନ ନିବେଶ ଷ୍ଟାଇଲ୍ ଆବଶ୍ୟକ ହୋଇଥାଏ। ଏହାର କାରଣ ହେଉଛି ସମସ୍ତଙ୍କ ଆବଶ୍ୟକତା, ଅଭିଳାଷ, ଦାୟିତ୍ୱ ଓ ଆୟରେ ଭିନ୍ନତା ରହିଥାଏ।
ଏହାକୁ ବୁଝିବା ପାଇଁ ଆସନ୍ତୁ ଦୁଇଜଣ ବ୍ୟକ୍ତିଙ୍କ ଆର୍ଥିକ ଜୀବନକୁ ନିରିଖେଇ ଦେଖିବା:



| ଗୌରବ | ପରିସ୍ଥିତି | ସୌରଭ |
|---|---|---|
| ୨୫ ବର୍ଷ | ବୟସ | ୨୫ ବର୍ଷ |
| ମାତାପିତା, ଭଉଣୀ ଓ ସ୍ତ୍ରୀ | ପରିବାର ସଦସ୍ୟ | ବୃଦ୍ଧ ମାତାପିତା |
| ମାସିକ ₹୨୦,୦୦୦ ଟଙ୍କା | ଟିକସ-ବାଦ ଆୟ | ମାସିକ ₹୫୦,୦୦୦ ଟଙ୍କା |
| ଶୂନ୍ୟ | ସ୍ଥିର ମାସିକ ଖର୍ଚ୍ଚ | ₹୪୦,୦୦୦ |
| ନବବିବାହିତ | ବୈବାହିକ ସ୍ଥିତି | ଅବିବାହିତ |
| ନା | ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି | ହଁ |
| ମାସିକ ₹୨,୦୦୦ ଟଙ୍କା | ସଞ୍ଚୟ | ମାସିକ ₹୧,୦୦୦ ଟଙ୍କା |
| ନା | ଆର୍ଥିକ ଯୋଜନା | ନା |
| ନା | କରଜ | ହଁ |
| ଶୂନ୍ୟ | ନିବେଶ | ଶୂନ୍ୟ |

### ବିଶ୍ଳେଷଣ: ଗୌରବ

| ଅନୁକୂଳ | ପ୍ରତିକୂଳ |
|---|---|
| ବୟସ | ସ୍ୱଳ୍ପ ଆୟ |
| କୌଣସି କରଜ ନାହିଁ | କୌଣସି ଆର୍ଥିକ ଯୋଜନା ନାହିଁ |
| ନିୟମିତ ସଞ୍ଚୟ | କୌଣସି ନିବେଶ ନାହିଁ |

ଗୌରବ ତାଙ୍କ ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ନୁହନ୍ତି କାରଣ ସେ ଏହି ଦାୟିତ୍ୱ ତାଙ୍କ ଭଉଣୀ ଓ ସ୍ତ୍ରୀଙ୍କ ସହ ଭାଗ କରନ୍ତି। କିନ୍ତୁ ଖୁବ୍‌ଶୀଘ୍ର ସେ ବି ଏକ ପରିବାର ଆରମ୍ଭ କରିବାକୁ ଯାଉଛନ୍ତି। ଯେମିତି ହେଉ ନା କାହିଁକି ତାଙ୍କୁ ନିଜ ଆର୍ଥିକ ଜୀବନର ଯୋଜନା ପ୍ରସ୍ତୁତ କରିବାକୁ ହେବ ଏବଂ ନିଜ ଭବିଷ୍ୟତ ପାଇଁ ଆର୍ଥିକ ବ୍ୟବସ୍ଥା କରିବାକୁ ହେବ।

### ବିଶ୍ଳେଷଣ: ସୌରଭ

| ଅନୁକୂଳ | ପ୍ରତିକୂଳ |
|---|---|
| ବୟସ | ଋଣ |
| ଉଚ୍ଚ ଆୟ | କୌଣସି ଆର୍ଥିକ ଯୋଜନା ନାହିଁ |
| ନିୟମିତ ସଞ୍ଚୟ | କୌଣସି ନିବେଶ ନାହିଁ |

ନିଜ ବୃଦ୍ଧ ପିତାମାତାଙ୍କ ଭରଣପୋଷଣ କରିବା ସୌରଭଙ୍କ ଦାୟିତ୍ୱ। ଶୀଘ୍ର ହେଉ କି ବିଳମ୍ବରେ ସେ ମଧ୍ୟ ନିଜର ଏକ ପରିବାର ଆରମ୍ଭ କରିବେ। କରଜରେ ଥିଲେ ବି, ଜରୁରିକାଳୀନ ପରିସ୍ଥିତି ପାଇଁ ସେ ଅଳ୍ପକିଛି ଟଙ୍କା ଅଲଗା ସଞ୍ଚୟ କରୁଛନ୍ତି। ନିଜ ଋଣ ବୋଝକୁ ହ୍ରାସ କରିବା ପାଇଁ ତାଙ୍କୁ ଏକ ଆର୍ଥିକ ଯୋଜନା ପ୍ରସ୍ତୁତ କରିବାକୁ ହେବ, ସ୍ମାର୍ଟ ଭାବେ ସଞ୍ଚୟ କରିବାକୁ ହେବ, ନିୟମିତ ନିବେଶ କରି ନିଜ ଟଙ୍କାକୁ ବୃଦ୍ଧି କରିବାକୁ ହେବ।



ଏହି ପରିସ୍ଥିତିକୁ ଦୃଷ୍ଟିରେ ରଖି, ଗୌରବ ଓ ସୌରଭ ନିଜ ଆର୍ଥିକ ସ୍ଥିତିକୁ କିପରି ଭଲ କରିପାରିବେ? ନିଜେ ନିଜର ନିବେଶର ସୁପରହିରୋ ହୋଇ! ଉଭୟ ମାମଲା ସନ୍ଦର୍ଭରେ ଆସନ୍ତୁ ଏହାକୁ ବୁଝିବା।

### ମାମଲା ଅଧ୍ୟୟନ: ଗୌରବ

| ନିବେଶ କରିପାରିବେ | କାରଣ | ଲାଭ |
|---|---|---|
| ଏକ ସିଷ୍ଟମାଟିକ୍ ଇନଭେଷ୍ଟମେଣ୍ଟ ପ୍ଲାନ୍ (ଏସ୍ଆଇପି) ଜରିଆରେ ଇକ୍ୱିଟି ମ୍ୟୁଚୁଆଲ ଫଣ୍ଡରେ | • ଯୁବ ବୟସ • ସ୍ୱଳ୍ପ ଦାୟିତ୍ୱ • ନିୟମିତ ସଞ୍ଚୟ | ଦୀର୍ଘ ମିଆଦରେ ଭଲ ରିଟର୍ନ ପାଇପାରିବେ |
| ଡେବ୍ଟ ମ୍ୟୁଚୁଆଲ ଫଣ୍ଡରେ | • ଏଥିପାଇଁ ତାଙ୍କ ପାଖରେ ଟଙ୍କା ରହିଛି | ପଡ଼ିରହିଥିବା ଟଙ୍କା ଉପରେ ସୁରକ୍ଷିତ ଭାବେ ରିଟର୍ନ ଆୟ |

### ମାମଲା ଅଧ୍ୟୟନ: ସୌରଭ

| ନିବେଶ କରିପାରିବେ | କାରଣ | ଲାଭ |
|---|---|---|
| ଇକ୍ୱିଟି ଲିଙ୍କ୍‌ଡ ସେଭିଂସ୍ ସ୍କିମ୍ (ଇଏଲ୍ଏସ୍ଏସ୍) ରେ | • ଯୁବ ବୟସ • ଟିକସ ପୈଠ କରୁଛନ୍ତି • ସମ୍ପତ୍ତି ଗଢ଼ିବାର ଆବଶ୍ୟକତା ରହିଛି | ଇକ୍ୱିଟି ବଜାରରୁ ଲାଭାନ୍ୱିତ ହେବା ସହ ଟିକସ ବଞ୍ଚାଇପାରିବେ |
| ଲିକ୍ୱିଡ୍ ମ୍ୟୁଚୁଆଲ ଫଣ୍ଡରେ | • ଏକମାତ୍ର ରୋଜଗାରକ୍ଷମ | ଜରୁରିକାଳୀନ ପରିସ୍ଥିତିରେ ଆର୍ଥିକ ସହାୟତା |
| ହାଇବ୍ରିଡ୍ ମ୍ୟୁଚୁଆଲ୍ ଫଣ୍ଡରେ | • ମଧ୍ୟମ ରିସ୍କ ସାମର୍ଥ୍ୟ • ସମ୍ପତ୍ତି ଗଢ଼ିବାର ଆବଶ୍ୟକତା ରହିଛି | ମଧ୍ୟମ ରିସ୍କ ସହିତ ମଧ୍ୟମ ରିଟର୍ନ ଆୟ କରିପାରିବେ |

ମ୍ୟୁଚୁଆଲ ଫଣ୍ଡସ୍‌କୁ ଧନ୍ୟବାଦ, ଗୌରବ ଓ ସୌରଭ ଏବେ ନିବେଶ ସୁପରହିରୋ ହୋଇପାରିବେ।
ତେବେ, ଆପଣଙ୍କ ସୁପରପାୱାର୍ କ'ଣ?

## ବିଶେଷଜ୍ଞ କୁହନ୍ତି

ଜଣେ ପାଠକ ଆମକୁ ପଚାରିଛନ୍ତି: ମୁଁ ମ୍ୟୁଚୁଆଲ ଫଣ୍ଡରେ ନିବେଶ ଆରମ୍ଭ କରିବାକୁ ଚାହୁଁଛି କିନ୍ତୁ ମୋ ପାଇଁ କେଉଁ ମ୍ୟୁଚୁଆଲ ଫଣ୍ଡ ଠିକ୍ ହେବ ତାହା ମୁଁ କେମିତି ଜାଣିବି?



ବିଶେଷଜ୍ଞ ଏହି ଉତ୍ତର ଦେଇଛନ୍ତି

ଅଶୋକ ଆର୍ ଡି
ଆର୍ଥିକ ବିଶେଷଜ୍ଞ

ମ୍ୟୁଚୁଆଲ ଫଣ୍ଡ ଯୋଗାଉଥିବା ଲାଭଗୁଡ଼ିକ ପାଇଁ ବ୍ୟକ୍ତିବିଶେଷ ନିବେଶକଙ୍କ ମଧ୍ୟରେ ଏହି ନିବେଶ ଆଦୃତି ଲାଭ କରିବାରେ ଲାଗିଛି। ଏହାର ଅନେକ ଉପକାରିତା ରହିଛି, ଯାହା ମଧ୍ୟରୁ ମ୍ୟୁଚୁଆଲ ଫଣ୍ଡ ଆଡ଼କୁ ନିବେଶକଙ୍କୁ ଆକୃଷ୍ଟ କରୁଥିବା ମୁଖ୍ୟ ଦିଗଗୁଡ଼ିକ ହେଲା ଯେ ନିବେଶକମାନେ

- ଯେକୌଣସି ଅର୍ଥରାଶି ସହିତ ନିବେଶ ଆରମ୍ଭ କରିପାରିବେ (୫୦୦ ଭଳି କମ୍ ମୂଲ୍ୟ ସହିତ)
- ଡେବ୍ଟ, ଗୋଲ୍ଡ ଇତ୍ୟାଦି ଭଳି ଏକାଧିକ ଷ୍ଟକ୍ ଓ ଇନଷ୍ଟ୍ରୁମେଣ୍ଟରେ ବିବିଧକରଣ କରିପାରିବେ
- ସ୍ୱୟଂଚାଳିତ ମାସିକ ନିବେଶ (ଏସ୍ଆଇପି) ଆରମ୍ଭ କରିପାରିବେ
- ଡିମାଟ୍ ଖାତା ଖୋଲିବା ବିନା ନିବେଶ କରିପାରିବେ

ନିବେଶର ଠିକ୍ ଉପାୟ ହେଉଛି ଏକ ପୋର୍ଟଫୋଲିଓ ଗଠନ କରିବା। ଏକ ପୋର୍ଟଫୋଲିଓ ହେଉଛି ମ୍ୟୁଚୁଆଲ ଫଣ୍ଡଗୁଡ଼ିକର ଏକ ସଂଗ୍ରହ ଯାହା ଆପଣଙ୍କୁ ଆପଣଙ୍କ ନିବେଶ ଲକ୍ଷ୍ୟ ପୂରଣ କରିବାରେ ସାହାଯ୍ୟ କରିଥାଏ । ଆପଣଙ୍କ ମୋଟାମୋଟି ପୋର୍ଟଫୋଲିଓ ଉପରେ ମୋଟାମୋଟି ରିଟର୍ନ ମହତ୍ତ୍ୱ ରଖିଥାଏ, ଏକ ନିର୍ଦ୍ଦିଷ୍ଟ ଫଣ୍ଡ ନୁହେଁ।

## ଗୁରୁ କୁହନ୍ତି



ବାଲାଜୀ ଜି କେ
ମୁଖ୍ୟ – ବିତରଣ
ଟ୍ରେଡ୍‌ଜିନି ଫାଇନାନ୍ସିଆଲ୍ ସର୍ଭିସେସ୍ ପ୍ରା. ଲିଃ

**ମୋ ବୟସ ୪୨ ବର୍ଷ ଓ ମୁଁ ପରବର୍ତ୍ତୀ ୧୫ ବର୍ଷ ପାଇଁ ନିବେଶ କରିପାରିବି। ମୋର ଲକ୍ଷ୍ୟଗୁଡ଼ିକ ହେଉଛି: କ) ୬ ବର୍ଷରେ ପିଲାଙ୍କ ଉଚ୍ଚଶିକ୍ଷା ଖ) ୧୫ ବର୍ଷରେ ଅବସରକାଳୀନ ପାଣ୍ଠି।**

"ଯୋଜନାରେ ଆପଣ ଅତିବାହିତ କରୁଥିବା ପ୍ରତ୍ୟେକ ମିନିଟ୍ କାର୍ଯ୍ୟ ସମ୍ପାଦନରେ ୧୦ ମିନିଟ୍ ସଞ୍ଚୟ କରିଥାଏ, ଏହା ଉର୍ଜା ଉପରେ ଆପଣଙ୍କୁ ୧୦୦୦% ରିଟର୍ନ ଯୋଗାଇଥାଏ"। ଆର୍ଥିକ ସ୍ୱାଧୀନତା ହାସଲ କରିବାର ଚାବିକାଠି ହେଉଛି ସମୟ ଓ ଟଙ୍କାର ସୁଦକ୍ଷ ଉପଯୋଗ।

ପିଲାଙ୍କ ଶିକ୍ଷା ପାଇଁ, ଯେହେତୁ ୬ ବର୍ଷ ସମୟ ଅଛି, ତେଣୁ ଆପଣ ହାଇବ୍ରିଡ୍ ମ୍ୟୁଚୁଆଲ ଫଣ୍ଡରେ ଏସ୍ଆଇପି ଆରମ୍ଭ କରିପାରିବେ। ଲାଭ ଉପରେ ଉତ୍ତମ ଟିକସ ଲାଭ ସହିତ ଇକ୍ୱିଟି ଓ ଡେବ୍ଟ ପୋର୍ଟଫୋଲିଓର ଆଦର୍ଶ ମିଶ୍ରଣ ଏହାକୁ ଅତି ଆକର୍ଷଣୀୟ କରିଥାଏ । ପ୍ରଚଳିତ ଦରରେ ଶିକ୍ଷା ପିଛା ପ୍ରତ୍ୟେକ ୧୦ ଲକ୍ଷ ପାଇଁ ଆପଣ ପରବର୍ତ୍ତୀ ୬ ବର୍ଷ ପାଇଁ ମାସିକ ₹୧୩,୦୦୦ ଆବଶ୍ୟକ କରିବେ । ଅବସରକାଳୀନ ପାଣ୍ଠି ପାଇଁ, ଯେହେତୁ ଆପଣଙ୍କ ପାଖରେ ୧୫ ବର୍ଷ ସମୟ ଅଛି, ତେଣୁ ଆପଣ ଇକ୍ୱିଟି ଫଣ୍ଡରେ ନିବେଶ କରିବା କଥା ବିଚାର କରିପାରନ୍ତି। ଆନୁମାନିକ ଭାବେ ଆକଳନ କଲେ, ୧ କୋଟି ଟଙ୍କାର ଏକ ଅବସରକାଳୀନ ପାଣ୍ଠି ପାଇଁ ଆପଣଙ୍କୁ ପରବର୍ତ୍ତୀ ୧୫ ବର୍ଷରେ ମାସିକ ₹୨୦,୦୦୦ ସଞ୍ଚୟ କରିବାକୁ ହେବ । ଦୀର୍ଘ-ମିଆଦୀ ନିବେଶ ବିଶେଷ କରି ଅବସରକାଳୀନ ପାଣ୍ଠି ପାଇଁ ଏକ ବିବିଧକୃତ ଇକ୍ୱିଟି ପୋର୍ଟଫୋଲିଓ ସର୍ବୋତ୍ତମ ଆସେଟ୍ କ୍ଲାସ୍ ହେବ। ନିବେଶ ପ୍ରସଙ୍ଗରେ ସମୟ ଓ ଟଙ୍କା କାହାକୁ ଅପେକ୍ଷା କରି ନ ଥାଏ ।

**ଏହାପରେ କ'ଣ:** ଆରିଷ୍ଟୋଟଲଙ୍କ ଭାଷାରେ ଧୈର୍ଯ୍ୟ ପିତା ହୋଇପାରେ, କିନ୍ତୁ ଏହାର ଫଳ ମଧୁର ହୋଇଥାଏ । ଏହାପରେ, ଆମେ ଦେଖିବା ଯେ କିପରି ନିବେଶ ସମୟରେ ଧୈର୍ଯ୍ୟ ରଖିଲେ ଜଣେ କୋଟିପତି ହୋଇପାରିବେ।

ଏହି ବିଷୟବସ୍ତୁ ସମ୍ପୂର୍ଣ୍ଣ ଭାବେ ୟୁଟିଆଇ ସ୍ୱତନ୍ତ୍ର ପାଇଁ ପ୍ରସ୍ତୁତ କରାଯାଇଛି । ଅଧିକ ସୂଚନା ପାଇଁ http://www.utiswatantra.com ପରିଦର୍ଶନ କରନ୍ତୁ

### ପାଠକୀୟ ମତ

କୌଣସି ଲକ୍ଷ୍ୟ ନ ରଖି ସଞ୍ଚୟ କରିବା ତୁଳନାରେ ଲକ୍ଷ୍ୟକୁ ଆଖିରେ ରଖି ନିବେଶ କରିବା ଅଧିକ ଫଳପ୍ରଦ ବୋଲି ଆପଣ ଭାବନ୍ତି କି?

ହଁ | ନା

ନିଜ ଉତ୍ତର ଏସ୍ଏମ୍ଏସ୍ ମାଧ୍ୟମରେ ପଠାନ୍ତୁ। Poll<SPACE>YES କିମ୍ବା Poll<SPACE>NO ଟାଇପ୍ କରି 5676756କୁ ପଠାନ୍ତୁ । ଆପଣଙ୍କ ଉତ୍ତର ସହିତ ଆଉ କେତେଜଣ ସମ୍ମତ ତାହା ଆପଣ ପରବର୍ତ୍ତୀ ସଂସ୍କରଣରେ ଜାଣିପାରିବେ।

### ଫଳାଫଳ

ପୂର୍ବବର୍ତ୍ତୀ ସଂସ୍କରଣରେ ଆମେ ଆପଣଙ୍କୁ ପଚାରିଥିଲୁ – ଆପଣଙ୍କ ହାତରେ ପର୍ଯ୍ୟାପ୍ତ ସମୟ ଥିଲେ, ଆପଣ ନିଜ ସନ୍ତାନର ବାହାଘର ପାଇଁ ଋଣ ନେବା ବଦଳରେ ନିବେଶ କରିବା ପସନ୍ଦ କରିବେ କି?

ଆପଣମାନଙ୍କ ମତାମତ ଏହିପରି ଥିଲା: ହଁ ୯୨% | ନା ୮%

### ବିଶେଷଜ୍ଞଙ୍କ ମତ

ବାହାଘର ପାଇଁ ପାଣ୍ଠି ହାସଲ କରିବା ନିମନ୍ତେ ଋଣ ଏକ ଦ୍ରୁତତର ଉପାୟ ହୋଇପାରେ। କିନ୍ତୁ ଏହା ଅତ୍ୟନ୍ତ ମହଙ୍ଗା ସାବ୍ୟସ୍ତ ହୋଇଥାଏ କାରଣ ବାହାଘର ପାଇଁ ବ୍ୟକ୍ତିଗତ ଋଣ ଉପରେ ସୁଧ ହାର ୧୧ରୁ ୨୪ ପ୍ରତିଶତ ହୋଇପାରେ। ଆପଣଙ୍କୁ ଆପଣଙ୍କ ପିଲାଙ୍କ ବାହାଘରର ଅନେକ ବର୍ଷ ପର୍ଯ୍ୟନ୍ତ ଋଣ ଶୁଝିବାକୁ ପଡ଼ିପାରେ। ଏହା ପରିବର୍ତ୍ତେ, ଯଦି ଆପଣ ସଅଳ ଯୋଜନା କରିବେ ଓ ନିବେଶ କରିବେ, ତେବେ ଆପଣ ନିଜ ଟଙ୍କାରେ ବାହାଘର ତୁଲାଇବା ପାଇଁ ସ୍ଥିର ଭାବେ ଏକ ପାଣ୍ଠି ଗଠନ କରିପାରିବେ ।



**ଏସ୍ଆଇପି ସହଜରେ ଆପଣଙ୍କ ଟିକସଯୋଗ୍ୟ ଆୟକୁ କମ୍ କରିପାରିବ**
ନିଜ ଟିକସର ଯୋଜନା କରିବା ପାଇଁ ଏବେ ବି ବିଳମ୍ବ ହୋଇନାହିଁ, ଆଜି ହିଁ ଆରମ୍ଭ କରନ୍ତୁ!

**କ୍ୟୁଆର୍ କୋଡ୍ ଡାଉନ୍‌ଲୋଡ୍ ଓ ସ୍କାନ୍ କରିବାର ପଦ୍ଧତି:**
୧) ନିଜ ଫୋନ୍‌ରେ କ୍ୟୁଆର୍ କୋଡ୍ ଆପ୍ ଡାଉନ୍‌ଲୋଡ୍ କରନ୍ତୁ ।
୨) ଆପ୍‌କୁ ଚଲାନ୍ତୁ ଓ କ୍ୟୁଆର୍ କୋଡ୍‌କୁ ସ୍କାନ୍ କରନ୍ତୁ ।
୩) ଆପଣଙ୍କ ସ୍ମାର୍ଟଫୋନ୍ କୋଡ୍‌କୁ ପଢ଼ିବ ଓ ଆପଣଙ୍କୁ ଗନ୍ତବ୍ୟସ୍ଥଳୀରେ ପହଞ୍ଚାଇବ ।

ନିଜ ପାଇଁ ସ୍ଥିର କରିଥିବା ସମସ୍ତ ମାଇଲଖୁଣ୍ଟରେ ପହଞ୍ଚିବା ଲାଗି ଆପଣଙ୍କୁ କେତେ ପରିମାଣର ଅର୍ଥରାଶି ନିବେଶ କରିବାକୁ ହେବ ଏହା ହିସାବ କରିବା ପାଇଁ ଏହି କ୍ୟୁଆର୍ କୋଡ୍ ସ୍କାନ୍ କରନ୍ତୁ।

ଅଧିକ ବିବରଣୀ ପାଇଁ, ଆମକୁ ଟୁଇଟର୍ @utimutualfund ରେ ଫଲୋ କରନ୍ତୁ, ପ୍ରଶ୍ନ କିମ୍ବା ମତାମତ ଇମେଲ୍ କରନ୍ତୁ: utiswatantrateam@gmail.com ରେ ■ ଦୟାକରି ବିଷୟ ଧାଡ଼ିରେ 'Swatantra in Dharitri' ଲେଖନ୍ତୁ ।
■ ଏପରି ଅଧିକ ଆର୍ଥିକ ଉପଦେଶ ପାଇଁ ଆମ ୱେବ୍‌ସାଇଟ୍ ପରିଦର୍ଶନ କରନ୍ତୁ: http://www.utiswatantra.com

## କେବେ ବନିବେ କୋଟିପତି?



ସବୁ ଭଲ ଜିନିଷ ବୃଦ୍ଧି ପାଇବା ପାଇଁ ସମୟ ନେଇଥାଏ। ଉଦାହରଣସ୍ୱରୂପ, ବୃକ୍ଷ। ଏହା ବଢ଼ିବା ପାଇଁ ୧୦-୨୦ ବର୍ଷ ନେଇଥାଏ କିନ୍ତୁ ଏହା ଯୋଗାଉଥିବା ଲାଭଗୁଡ଼ିକ ଅସୁମାରୀ - ପ୍ରଦୂଷଣ ନିୟନ୍ତ୍ରଣ, ଫଳ, ଛାୟା ଇତ୍ୟାଦି। ଆପଣଙ୍କ ଟଙ୍କା ମଧ୍ୟ ସେହିଭଳି। ଏହାକୁ ନିବେଶ କରନ୍ତୁ, କିଛି ବର୍ଷ ଦିଅନ୍ତୁ, ଆଉ ଯାଦୁ ଦେଖନ୍ତୁ!

### କେଉଁଠି ନିବେଶ କରିବେ?

ସ୍ୱଳ୍ପମିଆଦରେ ଇକ୍ୱିଟି ମ୍ୟୁଚୁଆଲ ଫଣ୍ଡଗୁଡ଼ିକ ଅସ୍ଥିର ହୋଇଥାଏ। କିନ୍ତୁ ଏହି ଅସ୍ଥିରତାକୁ ଆପଣଙ୍କ ଚିନ୍ତାର କାରଣ ହେବାକୁ ଦିଅନ୍ତୁ ନାହିଁ। ଯାହା ବି ହେଉ ନା କାହିଁକି, ଦୀର୍ଘମିଆଦରେ କାର୍ଯ୍ୟଦକ୍ଷତା ପ୍ରଦର୍ଶନ କରିବାର ସାମର୍ଥ୍ୟ ମ୍ୟୁଚୁଆଲ ଫଣ୍ଡର ରହିଛି। ୩୦ ସେପ୍ଟେମ୍ବର ୨୦୧୯ ସୁଦ୍ଧା, ବିବିଧକୃତ ଇକ୍ୱିଟି ମ୍ୟୁଚୁଆଲ ଫଣ୍ଡର ବିଗତ ୩୩ ବର୍ଷର କମ୍ପାଉଣ୍ଡ ବାର୍ଷିକ ଅଭିବୃଦ୍ଧି ହାର (ସିଏଜିଆର୍) ୧୫.୫% ରହିଥିଲା।



ଇକ୍ୱିଟି ମ୍ୟୁଚୁଆଲ ଫଣ୍ଡର ଫାଇଦା ନେଇ ଆପଣ କିପରି କୋଟିପତି ହୋଇପାରିବେ ଆସନ୍ତୁ ତାହା ବୁଝିବା:

| | | |
|---|---|---|
| ମାସିକ ନିବେଶ ପରିମାଣ | ₹୧୦,୦୦୦ | ₹୧୦,୦୦୦ |
| ନିବେଶ ମିଆଦ | ୨୫ ବର୍ଷ | ୫ ବର୍ଷ |
| ରିଟର୍ନ ହାର | ୧୨%* | ୧୨%* |
| ୨୫ ବର୍ଷ ପରେ ନିବେଶ ମୂଲ୍ୟ | ₹୧,୭୦,୨୨,୦୬୭ | ₹୮,୧୧,୦୩୬ |

*ଉପରପ୍ରଦତ୍ତ ସାରଣୀ କେବଳ ଦୃଷ୍ଟାନ୍ତମୂଳକ ଉଦ୍ଦେଶ୍ୟ ପାଇଁ। ଏହି ହିସାବରେ, ଦୀର୍ଘମିଆଦରେ ବିବିଧକୃତ ଇକ୍ୱିଟି ମ୍ୟୁଚୁଆଲ ଫଣ୍ଡର ରିଟର୍ନ ସମ୍ଭାବନା ୧୨%ର ବାର୍ଷିକ ରିଟର୍ନ ଆକଳନ କରାଯାଇଛି।

'କେବେ ବନିବେ କୋଟିପତି' ତାହା ଏବେ ଆପଣ ଜାଣିପାରିଲେ? ଆପଙ୍କ ପ୍ରତୀକ୍ଷା ଦୀର୍ଘ ହୋଇପାରେ କିନ୍ତୁ ତାହାର ଫଳ ନିଶ୍ଚୟ ମିଠା ହୋଇଥାଏ ।

ଉଚ୍ଚତର ରିଟର୍ନ ବ୍ୟତୀତ, ଇକ୍ୱିଟି ମ୍ୟୁଚୁଆଲ ଫଣ୍ଡରେ ଦୀର୍ଘମିଆଦୀ ନିବେଶ ନିମ୍ନଲିଖିତ ଲାଭ ଦେଇଥାଏ:

- ଏକ ନିହିତ ଲାଭ ହେଉଛି ଆପଣଙ୍କ ଟଙ୍କାର ଯତ୍ନ ବୃତ୍ତିଧାରୀ ବିଶେଷଜ୍ଞମାନଙ୍କ ଦ୍ୱାରା ନିଆଯିବ।
- ନିବେଶ ରିସ୍କ ବିବିଧକୃତ ହୋଇଯିବ କାରଣ ଇକ୍ୱିଟି ମ୍ୟୁଚୁଆଲ ଫଣ୍ଡ ଆପଣଙ୍କ ଟଙ୍କାକୁ ବିଭିନ୍ନ ସେକ୍ଟର ବା କ୍ଷେତ୍ରରେ ନିବେଶ କରିଥାଏ ।
- ଆପଣ ନିଜ ନିବେଶଗୁଡ଼ିକୁ ଅନେକ ବର୍ଷରେ ଖେଳାଇପାରିବେ। ଏହାଦ୍ୱାରା, ଆପଣଙ୍କୁ ଆର୍ଥିକ ବୋଝ ମୁଣ୍ଡେଇଲା ପରି ଲାଗିବ ନାହିଁ ।
- ସ୍ୱଳ୍ପମିଆଦୀ ଲାଭଗୁଡ଼ିକ ୧୫% ଟିକସ ଆକର୍ଷିତ କରିଥାଏ, କିନ୍ତୁ ଦୀର୍ଘମିଆଦୀ ଲାଭଗୁଡ଼ିକ ୧ ଲକ୍ଷ ପର୍ଯ୍ୟନ୍ତ ଟିକସରୁ ଛାଡ଼ ପାଇଥାଏ । ତାହାଠାରୁ ଅଧିକ ଲାଭ ୧୦% ପୁଞ୍ଜି ଲାଭ ଟିକସ ଆକର୍ଷିତ କରିଥାଏ ।
- ଆପଣ ମୁଦ୍ରାସ୍ଫୀତିକୁ ପରାଜିତ କରିବା ପାଇଁ ରିଟର୍ନ ଲାଭ କରିପାରିବେ।

ଏହି ବିଷୟବସ୍ତୁ ସମ୍ପୂର୍ଣ୍ଣ ଭାବେ ୟୁଟିଆଇ ସ୍ୱତନ୍ତ୍ର ପାଇଁ ପ୍ରସ୍ତୁତ କରାଯାଇଛି । ଅଧିକ ସୂଚନା ପାଇଁ http://www.utiswatantra.com ପରିଦର୍ଶନ କରନ୍ତୁ

## ସ୍ୱତନ୍ତ୍ର କୁମାର ବୁଝାନ୍ତି: କୋଟିପତି ହେବାକୁ ଚାହୁଁଛନ୍ତି? ତେବେ କୋଟିପତିଙ୍କ ଭଳି ଭାବିବା ଆରମ୍ଭ କରନ୍ତୁ!

କୁହାଯାଏ ଯେ କୋଟିପତିଙ୍କ ଭଳି ଚିନ୍ତା କର କିନ୍ତୁ କାରବାର ଦେବାଳିଆଙ୍କ ଭଳି କର। ଯିଏ ବି ଏକଥା କହିଛନ୍ତି ଧନୀ ହେବାର ରହସ୍ୟ ସେ ନିଶ୍ଚୟ ଜାଣିଥିଲେ!

### 'ଧନୀ' କହିଲେ କ'ଣ ବୁଝାଏ

- ଅଭିଧାନରେ ଧନୀର ପରିଭାଷା ହେଉଛି 'ପ୍ରଚୁର ଧନ ସମ୍ପତ୍ତି ଓ ବିଶେଷକରି ବସ୍ତୁଗତ ଧନର ଅଧିକାରୀ'। ସରଳ ଭାଷାରେ କହିଲେ, ଧନୀ ହେବାର ଅର୍ଥ ନିଜର ସମସ୍ତ ଆର୍ଥିକ ଆବଶ୍ୟକତାକୁ ପୂରଣ କରିବା ପାଇଁ ପାଖରେ ପର୍ଯ୍ୟାପ୍ତ ଟଙ୍କା ରହିବା। କିନ୍ତୁ ଲୋକମାନେ ଭୁଲ୍‌ରେ ବିଳାସପୂର୍ଣ୍ଣ ଜୀବନଶୈଳୀକୁ ଧନୀ ହେବା ବୋଲି ବିବେଚନା କରିନିଅନ୍ତି।




- ଉଚ୍ଚ ଦରମାର ଚାକିରି, ବ୍ରାଣ୍ଡେଡ୍ ପୋଷାକ ପିନ୍ଧିବା, ଫ୍ୟାନ୍ସି ଫୋନ୍, ବଡ଼ ବଡ଼ ହୋଟେଲରେ ଖାଇବା, ବିମାନ ଯାତ୍ରା ଇତ୍ୟାଦିର ଅର୍ଥ ଜରୁରୀ ନୁହେଁ କି ଆପଣ ଧନୀ ଅଟନ୍ତି। ହାରାହାରି ଦରମା, ଶାଳୀନ ଜୀବନଶୈଳୀ ଥିଲେ ବି ଯଦି ଆପଣଙ୍କ ନିକଟରେ ପର୍ଯ୍ୟାପ୍ତ ଧନସମ୍ପତ୍ତି ଅଛି ତେବେ ଆପଣଙ୍କୁ ଧନୀ କୁହାଯାଇପାରିବ।



### ଧନୀ କେମିତି ହେବେ

- କୋଟିପତିଙ୍କ ଭଳି ଆଚରଣ କରିବା ବନ୍ଦ କରନ୍ତୁ ଏବଂ କୋଟିପତି ହେବା ବିଷୟରେ ଚିନ୍ତା କରିବା ଆରମ୍ଭ କରନ୍ତୁ
- ଆପଣ ଯାହାସବୁ ଚାହୁଁଛନ୍ତି ଓ ଆପଣଙ୍କ ଲକ୍ଷ୍ୟଗୁଡ଼ିକର ତାଲିକା କରନ୍ତୁ
- ନିଜର ଲକ୍ଷ୍ୟ ତଥା ଜରୁରିକାଳୀନ ପରିସ୍ଥିତିଗୁଡ଼ିକ ପାଇଁ ସଞ୍ଚୟ କରିବା ଆରମ୍ଭ କରନ୍ତୁ
- ଏକ ବିବିଧକୃତ ନିବେଶ ପୋର୍ଟଫୋଲିଓ ରଖନ୍ତୁ
- ନିବେଶରେ ଯୋଗ କରିବା ଜାରି ରଖନ୍ତୁ
- ନିଜ ପୋର୍ଟଫୋଲିଓର ସମୀକ୍ଷା ନିୟମିତ ଭାବେ କରନ୍ତୁ।

ଏହି ସରଳ ପଦକ୍ଷେପଗୁଡ଼ିକ ସହିତ, କୋଟିପତି ହେବାର ଆପଣଙ୍କ ସ୍ୱପ୍ନ ବାସ୍ତବତାରେ ପରିଣତ ହୋଇପାରିବ।



ଏହି ବିଷୟବସ୍ତୁ ସମ୍ପୂର୍ଣ୍ଣ ଭାବେ ୟୁଟିଆଇ ସ୍ୱତନ୍ତ୍ର ପାଇଁ ପ୍ରସ୍ତୁତ କରାଯାଇଛି । ଅଧିକ ସୂଚନା ପାଇଁ http://www.utiswatantra.com ପରିଦର୍ଶନ କରନ୍ତୁ

**ପରବର୍ତ୍ତୀ ସଂସ୍କରଣରେ:** ଲକ୍ଷ୍ୟ ଧାର୍ଯ୍ୟ କରିବା ଧନସମ୍ପତ୍ତି ସୃଜନ ପ୍ରକ୍ରିୟାର ଏକ ମହତ୍ତ୍ୱପୂର୍ଣ୍ଣ ଅଂଶ ହୋଇଥାଏ । ଆସନ୍ତା ସଂସ୍କରଣରେ, ଆପଣ ନିଜର ନୂଆବର୍ଷର ଲକ୍ଷ୍ୟଗୁଡ଼ିକୁ କିପରି ଧାର୍ଯ୍ୟ କରିବେ, କିପରି ବର୍ଗୀକୃତ କରିବେ ଓ କିପରି ହାସଲ କରିବେ ତାହା ଉପରେ ଆମେ ନଜର ପକାଇବା।

f LIVE — ଧନୀ ହେବା ପାଇଁ ବଜେଟ ପ୍ରସ୍ତୁତ କରିବା ଓ ନିଜ ଟଙ୍କା ଉପରେ ନିୟନ୍ତ୍ରଣ ରଖିବା ଗୁରୁତ୍ୱପୂର୍ଣ୍ଣ । ମୂଲ୍ୟବାନ୍ ଟିପ୍‌ସ ଚାହୁଁଛନ୍ତି? ୧୯ ଡିସେମ୍ବର ୨୦୧୯ ଅପରାହ୍ନ ୫ ଘଟିକା ପରଠାରୁ ୟୁଟିଆଇ ସ୍ୱତନ୍ତ୍ର ଫେସ୍‌ବୁକ୍ ଲାଇଭ୍‌ରେ ଟ୍ୟୁନ୍ ଇନ୍ କରନ୍ତୁ ଏବଂ '୨୦୨୦: ଟେକ୍ ଚାର୍ଜ ଅଫ୍ ୟୋର୍ ଲାଇଫ୍' ଶୋ' ଦେଖନ୍ତୁ।

ମ୍ୟୁଚୁଆଲ ଫଣ୍ଡ ନିବେଶ ବଜାରର ରିସ୍କ ଉପରେ ନିର୍ଭର କରିଥାଏ, ସ୍କିମ୍ ସମ୍ପର୍କିତ ସମସ୍ତ କାଗଜପତ୍ରକୁ ଯତ୍ନର ସହିତ ପଢ଼ନ୍ତୁ ।

**ଦାବିତ୍ୟାଗ:** କେୱାଇସି ଦଲିଲ ଆବଶ୍ୟକତା ତଥା ଠିକଣା, ଫୋନ୍ ନମ୍ବର, ବ୍ୟାଙ୍କ ବିବରଣୀ ଇତ୍ୟାଦି ପରିବର୍ତ୍ତନର ପଦ୍ଧତି ସମ୍ପର୍କରେ ଅଧିକ ଜାଣିବା ପାଇଁ ଦୟାକରି https://www.utimf.com/servicerequest/kyc ପରିଦର୍ଶନ କରନ୍ତୁ। ଦୟାକରି କେବଳ ପଞ୍ଜୀକୃତ ମ୍ୟୁଚୁଆଲ ଫଣ୍ଡଗୁଡ଼ିକ ସହ କାରବାର କରନ୍ତୁ, ଯେଉଁମାନଙ୍କ ବିବରଣୀ ସେବି ୱେବ୍‌ସାଇଟ୍‌ରେ "ମଧ୍ୟସ୍ଥ/ବଜାର ଭିତ୍ତିଭୂମି ଅନୁଷ୍ଠାନ" ଅଧୀନର ଯାଞ୍ଚ କରାଯାଇପାରିବ। ୟୁଟିଆଇ ମ୍ୟୁଚୁଆଲ ଫଣ୍ଡ ସମ୍ପର୍କିତ ସମସ୍ତ ଅଭିଯୋଗକୁ service@uti.co.in ରେ ଏବଂ/କିମ୍ବା www.scores.gov.in (ସେବି ସ୍କୋର୍‌ସ ପୋର୍ଟାଲ୍) ପରିଦର୍ଶନ କରି ଦାଖଲ କରାଯାଇପାରିବ। ଏହି ସାମଗ୍ରୀ ୟୁଟିଆଇ ମ୍ୟୁଚୁଆଲ ଫଣ୍ଡର ନିବେଶକ ଶିକ୍ଷା ଓ ସଚେତନତା ପ୍ରୟାସର ଏକ ଅଂଶବିଶେଷ ଅଟେ ।

MUTUALFUNDS Sahi Hai

UTI Mutual Fund
Haq, ek behtar zindagi ka.



ଚାନ୍ଦିର ଚାମଚ ନେଇ ଜନ୍ମ ହେବାର ଆବଶ୍ୟକତା ନାହିଁ ।
ନା ଅଛି ବାପାଙ୍କ ବ୍ୟବସାୟକୁ ସମ୍ଭାଳିବାର ଆବଶ୍ୟକତା
ବା ଦୁନିଆ ସାରା ଅଫିସ୍ ଖୋଲିବାର ଆବଶ୍ୟକତା ବି ନାହିଁ ।
ଆପଣଙ୍କୁ ଆପଣଙ୍କ ପ୍ରଥମ ମିଲିୟନ୍ ଅର୍ଜନ କରିବା ପାଇଁ
ଆବଶ୍ୟକ ଅଛି କେବଳ ଏକ ଏସ୍ଆଇପି ଆରମ୍ଭ କରିବାର।

MY FIRST MILLION

ଆପଣଙ୍କ ମ୍ୟୁଚୁଆଲ୍ ଫଣ୍ଡ ବିତରକଙ୍କ ସହିତ ସମ୍ପର୍କ କରନ୍ତୁ ବା 8655097225 ରେ ମିସ୍‌ଡ କଲ୍ ଦିଅନ୍ତୁ ।

0516

ଏସ୍ଆଇପି ମାଧ୍ୟମରେ ମ୍ୟୁଚୁଆଲ୍ ଫଣ୍ଡରେ ନିବେଶ କରିବାର ଯୋଜନା ବନାଇ ଆପଣଙ୍କ ପ୍ରଥମ ମିଲିୟନ୍ ଅର୍ଜନ କରନ୍ତୁ । ଏହା ଆପଣଙ୍କୁ ଏକ ସୁବିଧାଜନକ ରାଶି ନିୟମିତ ରୂପେ ନିବେଶ କରିବାରେ ସକ୍ଷମ ବନାଏ, ଯାହା ଦ୍ୱାରା ଆପଣ ଆପଣଙ୍କ ବିତ୍ତୀୟ ଲକ୍ଷ୍ୟକୁ ପୂରଣ କରିବା ପାଇଁ ଧନ ସୃଷ୍ଟି କରିପାରନ୍ତି । ଆପଣ ଯେତେ କମ୍ ବୟସରୁ ଆରମ୍ଭ କରନ୍ତି, ସେତେ ଶୀଘ୍ର ଆପଣ ଆପଣଙ୍କ ପ୍ରଥମ ମିଲିୟନ୍ ଅର୍ଜନ କରିଥାନ୍ତି!

SMS "UTISIP" to 5676756

To know more about SIPs, scan the QR code.

ୟୁଟିଆଇ ସ୍ୱତନ୍ତ୍ର
ଏକ ନିବେଶକ ଶୈକ୍ଷଣିକ ପଦକ୍ଷେପ
Visit us at www.utiswatantra.com
Follow us on

ସୁବ୍ୟବସ୍ଥିତ ନିବେଶ ଯୋଜନା (ଏସ୍ଆଇପି) ଏକ ନିଶ୍ଚିତ ମ୍ୟୁଚୁଆଲ ଫଣ୍ଡ ସ୍କିମ୍‌ରେ ପୂର୍ବ ନିଶ୍ଚିତ ତାରିଖରେ ଏକ ନିଶ୍ଚିତ ରାଶିକୁ ଅନୁଶାସିତ ନିବେଶ କରିବାର ଏକ ପ୍ରକ୍ରିୟା ଅଟେ, ଯାହା ନିୟମିତ ରୂପେ ସମୟ ଅବଧି ଉପରେ ହୋଇଥାଏ ।

କେୱାଇସି ଦସ୍ତାବିଜ ଆବଶ୍ୟକତା ଓ ଠିକଣା, ଫୋନ୍ ନମ୍ବର, ବ୍ୟାଙ୍କ ବିବରଣୀ ଆଦି ବଦଳାଇବାର ପ୍ରକ୍ରିୟା ବିଷୟରେ ଜାଣିବା ପାଇଁ ଦେଖନ୍ତୁ https://www.utimf.com/servicerequest/kyc । ଦୟାକରି କେବଳ ପଞ୍ଜିକୃତ ମ୍ୟୁଚୁଆଲ ଫଣ୍ଡ ହିଁ ନିଅନ୍ତୁ, ଯାହାର ବିବରଣୀ ସେବି ୱେବସାଇଟ୍‌ରୁ "ମଧ୍ୟସ୍ଥ/ବଜାର ମୌଳିକ ଢାଞ୍ଚା ସଂସ୍ଥାନ" ଅଧୀନରେ କରାଯାଇପାରେ । ୟୁଟିଆଇ ମ୍ୟୁଚୁଆଲ ଫଣ୍ଡ ବିଷୟରେ ଯାହା ବି ଅଭିଯୋଗ ଅଛି ତାହା service@uti.co.in କୁ ପଠା ଯାଇପାରେ ଏବଂ/ବା www.scores.gov.in (ସେବି ସ୍କୋର୍‌ସ ପୋର୍ଟାଲ୍) ଦେଖି ପାରିବେ । ଏହି ସାମଗ୍ରୀ ୟୁଟିଆଇ ମ୍ୟୁଚୁଆଲ ଫଣ୍ଡର ନିବେଶକ ଶିକ୍ଷା ଓ ସଚେତନତା ଉପକ୍ରମର ଅଂଶ ଅଟେ ।

ମ୍ୟୁଚୁଆଲ୍ ଫଣ୍ଡ ନିବେଶ ବଜାର ଆପଦ ଅଧୀନ ଅଟେ, ସମସ୍ତ ଯୋଜନା ସମ୍ବନ୍ଧିତ ଦସ୍ତାବିଜ୍‌କୁ ଧ୍ୟାନ ସହକାରେ ପଢନ୍ତୁ ।

## ସଂକ୍ଷେପରେ

### ଯୁବକଙ୍କୁ ଭୁଜାଲିରେ ଆକ୍ରମଣ, ୨ ଗିରଫ

**ରାଜନଗର, ୧୫।୧୨ (ଡି.ଏନ୍.ଏ.):** ରାଜନଗର ଥାନା ଅଧୀନ ଈଶ୍ୱରପୁର ପଞ୍ଚାୟତ ନୂଆଗାଁର ଦିଲ୍ଲୀପ ରାଉତଙ୍କୁ ତିନି ଜଣ ଯୁବକ ଭୁଜାଲିରେ ଆକ୍ରମଣ କରିଥିବା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରିବା ସହ ବାଉଁଶକଣିର ସର୍ବେଶ୍ୱର ମଲ୍ଲିକ ଓ କଣ୍ଡିରାର ରାଜା ମଲ୍ଲିକଙ୍କୁ ଗିରଫ କରିଛି। ଘଟଣାରୁ ଜଣାପଡ଼ିଛି ଯେ, ଶନିବାର ରାତିରେ ଦିଲ୍ଲୀପ ରାଉତ ପଦ୍ମନାଭପୁର ଗ୍ରାମରୁ ଭୋଜି ଖାଇ ଫେରୁଥିବା ବେଳେ ଏକ ବାଇକ୍‌ରେ ସର୍ବେଶ୍ୱର, ରାଜା ଓ ଅନ୍ୟ ଜଣେ ଯୁବକ ତାଙ୍କ ପିଛା କରିଥିଲେ। ନିଛାଟିଆ ସ୍ଥାନରେ ସେମାନେ ବନ୍ଧୁକ ଦେଖାଇ ଦିଲୀପଙ୍କୁ ଅଟକିବାକୁ କହିଥିଲେ। କିନ୍ତୁ ସେ ନ ରହିବାରୁ ଏକ ଭୁଜାଲିରେ ତାଙ୍କ ଗୋଡ଼କୁ ଚୋଟ ପକାଇଥିଲେ। କିନ୍ତୁ ଦିଲ୍ଲୀପ ଗାଁ ନିକଟରେ ପହଞ୍ଚି ଯିବାରୁ ସେମାନେ ସେଠାରୁ ପଳାଇ ଆସିଥିଲେ ବୋଲି ପୋଲିସ ସୂତ୍ରରୁ ପ୍ରକାଶ। ଏ ନେଇ ରାଜନଗର ଥାନାରେ ଅଭିଯୋଗ ହେବା ପରେ ପୋଲିସ ୨ଜଣଙ୍କୁ ଗିରଫ କରିଛି।

### ଫାର୍ମାସିଷ୍ଟ ସଂଘ ସାଧାରଣ ବୈଠକ



**ମାର୍ଶାଘାଇ, ୧୫।୧୨ (ଡି.ଏନ୍.ଏ.):** ମାର୍ଶାଘାଇ ବ୍ଲକ ବାଘଡ଼ିଆସ୍ଥିତ ମା' ଗୋଜବାୟାଣୀ ପୀଠ ପରିସରରେ ଓଡ଼ିଶା ଫାର୍ମାସିଷ୍ଟ ସଂଘ କେନ୍ଦ୍ରାପଡ଼ା ଶାଖାର ସାଧାରଣ ପରିଷଦ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ଫାର୍ମାସିଷ୍ଟ ସଂଘର ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ବରିଷ୍ଠ ସଭ୍ୟ ସୁରେନ୍ଦ୍ର ନାଥ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ୨ ଜଣ ସଭ୍ୟଙ୍କ ଅକାଳ ବିୟୋଗରେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ପରେ ସଂଘର ବିଗତ ଓ ଆଗାମୀ ଦିନ ପାଇଁ କାର୍ଯ୍ୟପନ୍ଥା ଓ ଆୟବ୍ୟୟ ସହିତ ୨ ବର୍ଷ ପର୍ଯ୍ୟନ୍ତ କର୍ମକର୍ତ୍ତା ଚୟନ ନିମନ୍ତେ ବିସ୍ତୃତ ଆଲୋଚନା କରାଯାଇଥିଲା। ସଭାପତି ଭାବେ ସୁରେନ୍ଦ୍ର ନାଥ ନାୟକଙ୍କୁ ମନୋନୀତ କରାଯାଇଥିବା ବେଳେ ଉପ ସଭାପତି ଭାବେ ଚନ୍ଦ୍ର ଶେଖର ମହାନ୍ତି, ସମ୍ପାଦକ ତ୍ରିନାଥ ପାଣି, ଯୁଗ୍ମ ସମ୍ପାଦକ ଦୀପକ କୁମାର ବଳ ଏବଂ ରାଜେଶ ରଞ୍ଜନ ସାମଲ, କୋଷାଧ୍ୟକ୍ଷ ଦୁର୍ଗାଚରଣ ସୋରେନ୍‌ଙ୍କୁ ମନୋନୀତ କରାଯାଇଛି। ସଂଘ ସଦସ୍ୟ ଭାବେ ଅମରେନ୍ଦ୍ର ମହାନ୍ତି, ବିଶ୍ୱରଞ୍ଜନ ପ୍ରଧାନ, ସରୋଜ କୁମାର ନନ୍ଦ, ଅଶୋକ କୁମାର ଦଳେଇ, ବନ୍ଦନା ରାଉତରାୟ, ଦୀପ୍ତି କିରଣ ସେଠୀ, ସଙ୍ଗିତାରାଣୀ ବେହେରା, ଶଶିଶେଖର ରଥଙ୍କ ସହିତ ଜିଲାର ସମସ୍ତ ସ୍ୱାସ୍ଥ୍ୟ କେନ୍ଦ୍ରର ଫାର୍ମାସିଷ୍ଟମାନେ ଉପସ୍ଥିତ ଥିଲେ।

### ସଡ଼କ ସୁରକ୍ଷା ସଚେତନତା




**କେନ୍ଦ୍ରାପଡ଼ା ଅଫିସ, ୧୫।୧୨:** ମହାକାଳପଡା ଯୁଥ୍ କ୍ଲବ ପକ୍ଷରୁ ଓରତ ଘାଟଠାରେ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ କ୍ଲବ ସଦସ୍ୟମାନେ ବାଇକ ଓ କାର୍ ଚାଳକଙ୍କୁ ଅଟକାଇ ପରିବହନ ବିଭାଗର ନୂତନ ନିୟମ ସମ୍ପର୍କରେ ସଚେତନ କରାଇଥିଲେ। ଏଥିସହ ହେଲମେଟ ପିନ୍ଧିଥିବା ବାଇକ ଚାଳକ ଓ ସିଟବେଲ୍ଟ ବାନ୍ଧିଥିବା କାର୍ ଚାଳକଙ୍କୁ ଫୁଲ ଓ ମିଠା ଦେଇ ସ୍ୱାଗତ କରିଥିଲେ। ଏ ସମ୍ପର୍କରେ ସମ୍ପାଦକ ପ୍ରତାପ ତ୍ରିପାଠୀ କୁହନ୍ତି, ଦିନକୁ ଦିନ ସଡ଼କ ଦୁର୍ଘଟଣା ବଢ଼ିଚାଲିଛି। ଅଧିକାଂଶ କ୍ଷେତ୍ରରେ ହେଲ୍‌ମେଟ୍ ପିନ୍ଧି ନ ଥିବା ବା ସିଟ୍‌ବେଲ୍ଟ ବାନ୍ଧିନ ଥିବା ଚାଳକଙ୍କ ଜୀବନ ହାନି ଘଟୁଛି। ହେଲମେଟ ପିନ୍ଧିବା ଓ ସିଟ ବେଲ୍ଟ ବାନ୍ଧିବା ଦ୍ୱାରା ଦୁର୍ଘଟଣା ଜନିତ କ୍ଷତି କମ୍ ହେବ। ଏ ସମ୍ପର୍କରେ ଲୋକମାନଙ୍କୁ ସଚେତନ କରିବା ସକାଶେ ସଚେତନତା କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିବା ତ୍ରିପାଠୀ କହିଛନ୍ତି। କାର୍ଯ୍ୟକ୍ରମରେ ନାୟକ ପ୍ରମୁଖ କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ।

# ବିଗୁଡୁଛି ଗ୍ରାମାଞ୍ଚଳ ଅର୍ଥନୀତି

## ଉତ୍ପାଦିତ ସାମଗ୍ରୀ ବିକ୍ରି ପାଇଁ ବଜାର ଅଭାବ

- ମୋବାଇଲ ଭ୍ୟାନ ମାଧ୍ୟମରେ ବିକ୍ରି ବ୍ୟବସ୍ଥା କରାଇବାକୁ ଦାବି
- ଏସ୍‌ଏଚ୍‌ଜିଗୁଡ଼ିକ ପାଇଁ ଏକାଧିକ ଘର ସଂରକ୍ଷିତ କରାଗଲେ ବିକ୍ରି ବଢ଼ିବ

**କେନ୍ଦ୍ରାପଡ଼ା ଅଫିସ୍, ୧୫।୧୨**

ଗ୍ରାମ୍ୟ ଅର୍ଥନୀତି ବିକାଶରେ ପନିପରିବା ଚାଷଠାରୁ ଆରମ୍ଭ କରି ହସ୍ତକଳା ଉତ୍ପାଦର ଗୁରୁତ୍ୱ ଅଛି। ତେବେ ଉପଯୁକ୍ତ ବଜାର ଅଭାବରୁ ଗ୍ରାମାଞ୍ଚଳରେ ଉତ୍ପାଦିତ ସାମଗ୍ରୀ ଲୋକଙ୍କ ନିକଟରେ ପହଞ୍ଚି ପାରୁନାହିଁ। ସ୍ୱତନ୍ତ୍ର ଦୋକାନ ବା ବଜାର ନ ଥିବାରୁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ନିର୍ମିତ ନାନା ଉତ୍ପାଦର ବଜାରିକରଣ କରାଯାଇପାରୁନାହିଁ। ଫଳରେ ଗ୍ରାମାଞ୍ଚଳ ଅର୍ଥନୀତିରେ ସୁଧାର ପରିଲକ୍ଷିତ ହେଉନାହିଁ। ଏ ନେଇ ବୁଦ୍ଧିଜୀବୀ ଅମରବର ବିଶ୍ୱାଳ କୁହନ୍ତି, ପନିପରିବା, ହସ୍ତକଳା ସାମଗ୍ରୀ ପରିବାରର ସମସ୍ତ ସଦସ୍ୟଙ୍କ ସହଯୋଗ, ସଦିଚ୍ଛା ବଳରେ ଅର୍ଥ ରୋଜଗାରର ମାଧ୍ୟମ ହୋଇଥାଏ। ବିଶେଷକରି ମହିଳାଙ୍କ ହସ୍ତକର୍ମ ବା ଉତ୍ପାଦ ଘରର ଆର୍ଥିକ ସ୍ଥିତିକୁ ଦୃଢ଼ କରିଥାଏ। ଏହି ଅର୍ଥନୀତି ପରିଚାଳନାକୁ ସୁଦୃଢ଼ କରିବା ଓ ମହିଳା ସଶକ୍ତୀକରଣ ପାଇଁ ପ୍ରତି ଗାଁରେ ଏକାଧିକ ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ ହୋଇଛି। ପ୍ରତ୍ୟେକ ଗୋଷ୍ଠୀକୁ ସବ୍‌ସିଡି ମନି ଦେବା ସହିତ ଜୀବିକା ମିଶନ ମାଧ୍ୟମରେ ସରକାର ପ୍ରୋତ୍ସାହିତ କରୁଛନ୍ତି। ଉପଯୁକ୍ତ ତାଲିମ ପ୍ରଦାନ ସହ ଗୋଷ୍ଠୀର ଉତ୍ପାଦକୁ ଓରମାସ ମେଳାରେ ବିକ୍ରି ପାଇଁ ସୁଯୋଗ ଦେଉଛନ୍ତି। କିନ୍ତୁ କେନ୍ଦ୍ରାପଡା ଜିଲାର ଆର୍ଥିକ ବିକାଶରେ ଏହା ସହାୟକ ହୋଇପାରୁନାହିଁ। ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ଗ୍ରାମୀଣ ସାମଗ୍ରୀର ବିକ୍ରି ନିମନ୍ତେ ଉପଯୁକ୍ତ ବଜାର ନିର୍ମାଣର ଆବଶ୍ୟକତା ରହିଛି ବୋଲି ବିଶ୍ୱାଳ କହିଛନ୍ତି।

ସୂଚନା ଅଧିକାର ଅଭିଯାନ କର୍ମୀ ପ୍ରମୋଦ ସ୍ୱାଇଁ କହିଛନ୍ତି, ଜିଲାରେ ୨୨,୮୦୯ ଗୋଷ୍ଠୀ ତିଆରି ହୋଇଛି। ପୂର୍ବରୁ ଆଇସିଡିଏସ୍ ପକ୍ଷରୁ ଗୋଷ୍ଠୀ ପରିଚାଳନାକୁ ଗୁରୁତ୍ୱ ଦିଆଯାଇଥିବା ବେଳେ ୨୦୧୭ ଅପ୍ରେଲ ମାସରୁ ଆରମ୍ଭ ହୋଇଥିବା ମିଶନ ଶକ୍ତି ମାଧ୍ୟମରେ ପ୍ରତି ଗୋଷ୍ଠୀକୁ ୧୫ହଜାର ଟଙ୍କା ଲେଖାଏଁ ସବ୍‌ସିଡି ମନି ଦିଆଯାଉଛି। ଅଦ୍ୟାବଧି ୧୦,୪୭୮ ଗୋଷ୍ଠୀକୁ ଏହି ସବ୍‌ସିଡି ମିଳିସାରିଛି। ଅବଶିଷ୍ଟ ଗୋଷ୍ଠୀଙ୍କୁ ୫ରୁ ୧୦ ହଜାର ଟଙ୍କା ସିଡ୍ ମନି ଦିଆଯାଇଥିବା ବେଳେ ଓଡ଼ିଶା ଜୀବିକା ମିଶନ ପକ୍ଷରୁ ସିଆଇଏଫରେ ୩୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ପ୍ରଦାନ କରାଯାଇ ଜୀବନ ଜୀବିକାକୁ ଉନ୍ନତ ପାଇଁ ଚେଷ୍ଟା କରାଯାଇଛି। ଏଥିସହିତ ବିଭିନ୍ନ ଗୋଷ୍ଠୀଙ୍କୁ ମୋବାଇଲ ପ୍ରଦାନ, ତାଲିମ ପ୍ରଦାନ, ପଲ୍ଲିଶ୍ରୀ ମେଳା ଆୟୋଜନ, ଏପିପିଆଇରେ ୧୭ ପ୍ରକାର ମଞ୍ଜି ପ୍ରଦାନ ଆଦିରେ ଟଙ୍କା ଖର୍ଚ୍ଚ ହେଉଛି। ଗୋଷ୍ଠୀ ନିର୍ମାଣ ପରେ ମହିଳାମାନେ ଛତୁ, ମାଛ, ଟେରାକୋଟା, ବାଉଁଶ, କାଇଁଛ ହସ୍ତଶିଳ୍ପରେ ନିଜର ପାରଦର୍ଶିତା ଦେଖାଉଛନ୍ତି। ମିଶନ ଶକ୍ତି, ଜୀବିକା ମିଶନ ମାଧ୍ୟମରେ ପ୍ରାୟ ୮୦ କୋଟି ଟଙ୍କା ଖର୍ଚ୍ଚ ହୋଇଥିବା ବେଳେ ସେହି ପରିମାଣର ଉତ୍ପାଦ ବଜାରରେ ଦେଖିବାକୁ ମିଳୁନାହିଁ।

ବୁଦ୍ଧିଜୀବୀ ବାନାମ୍ବର ସାହୁ କହିଛନ୍ତି, ଜଜାଙ୍ଗର କାଇଁଛ ସାମଗ୍ରୀ ଅନ୍‌ଲାଇନରେ ମିଳୁଥିବା ବେଳେ ମଣ୍ଡି ଅଭାବରୁ ଜିଲାର କୋଣ ଅନୁକୋଣରେ ପହଞ୍ଚି ପାରୁନାହିଁ। ସେହିପରି ରାଜନଗରର ଛତୁ ହେଉ ବା ମହାକାଳପଡା ବ୍ଲକ ଜୟଚନ୍ଦ୍ରପୁରର ଟେରାକୋଟା ସାମଗ୍ରୀ, ସମସ୍ତ ଲୋକଙ୍କ ନିକଟରେ ପରିଚିତି ପାଉନାହିଁ। ବିଭିନ୍ନ ପଞ୍ଚାୟତ ଓ ଜିଲାର ଦୁଇଟି ମ୍ୟୁନିସିପାଲିଟିରେ ଭେଣ୍ଡିଂ ଜୋନ୍ ନିର୍ମାଣ କରାଯାଇ ବ୍ୟବସାୟୀଙ୍କୁ ଗୃହ ଆବଣ୍ଟନ କରାଯାଉଛି। ଏଥିରୁ ଏସ୍‌ଏଚ୍‌ଜିଙ୍କ ପାଇଁ ଏକାଧିକ ଘର ସଂରକ୍ଷିତ କରାଗଲେ ଗୋଷ୍ଠୀ ଉତ୍ପାଦର ବିକ୍ରି ବଢ଼ିବ। ସେହିପରି ଓରମାସ ପକ୍ଷରୁ ଗ୍ରାମ୍ୟ ଉତ୍ପାଦକୁ ମୋବାଇଲ ଭ୍ୟାନ ମାଧ୍ୟମରେ ବିକ୍ରି ବ୍ୟବସ୍ଥା କରାଗଲେ, ଏହା ମହିଳା ସଶକ୍ତୀକରଣ ପାଇଁ ନୂତନ ପଦକ୍ଷେପ ହେବ ବୋଲି ସାହୁ କହିଛନ୍ତି। ଏ ସମ୍ପର୍କରେ ଉପ ଜିଲାପାଳ ଜ୍ୟୋତିଶଙ୍କର ମହାପାତ୍ର କୁହନ୍ତି, ଆରଏମ୍‌ସି ପକ୍ଷରୁ ବିଭିନ୍ନ ସ୍ଥାନରେ ବଜାର ମଣ୍ଡି ନିର୍ମାଣ ହୋଇଛି। ପ୍ରତି ପଞ୍ଚାୟତରେ ମଣ୍ଡି ଖୋଲାଯିବା ପାଇଁ ରାଜ୍ୟ ସରକାର ଯୋଜନା କରିଛନ୍ତି। ଏଥିସହିତ ଓରମାସ ପକ୍ଷରୁ ହସ୍ତ କର୍ମ ଉତ୍ପାଦ ବିକ୍ରି ପାଇଁ ପ୍ରୟାସ ଜାରି ରହିଛି।

■ ଜିଲାସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା

## ୧୫ ପ୍ରତିଯୋଗୀ ରାଜ୍ୟସ୍ତରକୁ ମନୋନୀତ




ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀମାନେ।

**କେନ୍ଦ୍ରାପଡା ଅଫିସ, ୧୫।୧୨**

ପ୍ରଜ୍ଞାନ ମିଶନ ପକ୍ଷରୁ ପୁରୀସ୍ଥିତ ବାଲିଘାଇଠାରେ ରାଜ୍ୟସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା ଆସନ୍ତା ୨୭ରୁ ୨୯ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ଉପଲକ୍ଷେ ସହରର ତିନିମୁହାଣି ନିକଟ ଗୁଆଳସିଂଠାରେ ଜିଲାସ୍ତରୀୟ ପ୍ରତିଯୋଗିତା ରବିବାର ଅନୁଷ୍ଠିତ ହୋଇଥିଲା। ଏଥିରେ ଭାଗ ନେଇଥିବା ବେଳେ ୫ଟି ବର୍ଗର ପ୍ରତିଯୋଗୀଙ୍କ ମଧ୍ୟରୁ ୧୫ ଜଣଙ୍କୁ ରାଜ୍ୟସ୍ତର ପାଇଁ ମନୋନୀତ କରାଯାଇଛି। 'କ' ବର୍ଗରୁ ସାଧନା ସାହୁ, ଜିଜ୍ଞାସା ତ୍ରିପାଠୀ, ଆଞ୍ଚଲ ତ୍ରିପାଠୀ ମନୋତୀତ ହୋଇଛନ୍ତି। ସେହିପରି 'ଖ' ବର୍ଗରୁ ଆୟେଶା ମିଶ୍ର, ପି. ଜୀବନପ୍ରଦୀପ, ଇପ୍‌ସିତା ଷଡ଼ଙ୍ଗୀ, 'ଗ' ବର୍ଗରୁ ଅଂଶୁଜା ପାଣି, ପ୍ରିୟଙ୍କା ନାୟକ, ସୌମ୍ୟରଞ୍ଜନ ଷଡ଼ଙ୍ଗୀ, 'ଘ' ବର୍ଗରୁ ପୁଷ୍ପା ପଣ୍ଡା, ପ୍ରବୋଧା ରାଉତ, ସରୋଜିନୀ ସେନାପତି ଓ 'ଙ' ବର୍ଗରୁ ସରୋଜ ଦାଶ, ରାନୁ ସେଠୀ, ସନ୍ତୋଷୀରାଣୀ ସ୍ୱାଇଁ ରାଜ୍ୟସ୍ତରକୁ ଉତୀର୍ଣ୍ଣ ହୋଇଛନ୍ତି। ପ୍ରତିଯୋଗିତାକୁ ସୁନାଇଲୋସ୍ଥିତ ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଦ୍ୟାଳୟର ମୁଖ୍ୟ ସଞ୍ଚାଳିକା ସ୍ନେହ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମକକୁ ସଂଯୋଜକ ରମାକାନ୍ତ ପରିଡ଼ାଙ୍କ ସମେତ ପ୍ରଜ୍ଞାନ ମିଶନର କାର୍ଯ୍ୟକର୍ତ୍ତା ସଂଚାଳନା କରିଥିଲେ।

## ଗ୍ରାମୀଣ ପାଠାଗାର, ଉଦ୍ୟାନ ଶିଳାନ୍ୟାସ

**କେନ୍ଦ୍ରାପଡ଼ା ଅଫିସ୍, ୧୫।୧୨**

କେନ୍ଦ୍ରାପଡ଼ା ବ୍ଲକ ଭରତପୁର ଓ ଚକ୍ରୋଡ଼ା ପଞ୍ଚାୟତର ଗ୍ରାମୀଣ ପାଠାଗାର ଓ ଉଦ୍ୟାନ ଶିଳାନ୍ୟାସ ରବିବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷ ଅନାମବନ୍ଧୁ ଧଳ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଭୟ ପଞ୍ଚାୟତରେ ଶିଳାନ୍ୟାସ କରିଛନ୍ତି। ଏହି ଅବସରରେ ଅଧ୍ୟକ୍ଷ ଧଳ କହିଛନ୍ତି ଯେ, ପାଠାଗାର ଓ ଉଦ୍ୟାନ ନିର୍ମାଣ ଦ୍ୱାରା ଗ୍ରାମାଞ୍ଚଳର ଅର୍ଥନୀତି ଓ ପରିବେଶ ଶୃଙ୍ଖଳିତ ହୋଇପାରିବ। ବିଡିଓ ସୁଧୀର କୁମାର ସିଂହ ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଭରତପୁର ସରପଞ୍ଚ ଜୀନପ୍ରିୟ ଦର୍ଶନୀ ରାଉତ, ସମିତିସଭ୍ୟ ହେମନ୍ତ ବିଶ୍ୱାଳ, ଚକ୍ରୋଡ଼ା ସରପଞ୍ଚ ବସନ୍ତ କୁମାର ରାଉତ, ସମିତିସଭ୍ୟ ଶିବ ପ୍ରସାଦ ବିଶ୍ୱାଳ ପ୍ରମୁଖ ଶିଳାନ୍ୟାସ ଉତ୍ସବରେ ଉପସ୍ଥିତ ଥିଲେ।



ଭରତପୁରରେ ଉଦ୍ୟାନ ଶିଳାନ୍ୟାସ କରାଯାଉଛି।

## କଳାକାର ଭତ୍ତା ମିଳୁ ନଥିବା ନେଇ ଉଦ୍‌ବେଗ

**କେନ୍ଦ୍ରାପଡା ଅଫିସ, ୧୫।୧୨**

କେନ୍ଦ୍ରାପଡ଼ା ଜିଲାରେ ୧୫୭୯ କଳାକାରଙ୍କୁ ଭତ୍ତା ପ୍ରଦାନ ପାଇଁ ନାମ ପଞ୍ଜୀକୃତ ହୋଇଛି। ତେବେ ଗତ ୬ ମାସ ଧରି ଏହି ହିତାଧିକାରୀଙ୍କୁ ଭତ୍ତା ମିଳିନାହିଁ। ଏ ସମ୍ପର୍କରେ ଆଲୋଚନା ଓ ସମସ୍ୟାର ସମାଧାନ ପାଇଁ ସହରର ଦୁହୁରିଆଠାରେ ମା' ବୁଢ଼ୀ ଜାଗୁଳାଇ ପାଲା ସଂଘ ପକ୍ଷରୁ ରବିବାର ବୈଠକ ହୋଇଥିଲା। ବରିଷ୍ଠ କଳାକାର କ୍ଷୀରୋଦ ନାଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସମ୍ପାଦକ ଗଗନ ବିହାରୀ ସିଂହ, ଭାଗବତ ପ୍ରସାଦ ମହାନ୍ତି, ମଧୁସୂଦନ ସାମଲ, ଧରଣୀଧର ମୁଦୁଲି ଯୋଗ ଦେଇଥିଲେ। କଳାକାର ଭତ୍ତା ମିଳି ନ ଥିବାରୁ ବୃଦ୍ଧାବୃଦ୍ଧ କଳାକାରଙ୍କ ଜୀବନ ଦୁର୍ବିଷହ ହୋଇଛି ବୋଲି ସେମାନେ ପ୍ରକାଶ କରିଥିଲେ। ଏ ନେଇ ଜିଲାପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା।

## ସହଯୋଗ ପ୍ରଶିକ୍ଷଣ ଶିବିର

**ଡେରାବିଶ, ୧୫।୧୨ (ସ୍ୱ.ପ୍ର.)**

ଡେରାବିଶ ଶିକ୍ଷାସର୍କଲ ଅଧୀନ ଅର୍ଦ୍ଧାମୂଳସ୍ଥିତ ଜେନାମଣି ପ୍ରାଥମିକ ବିଦ୍ୟାଳୟ ପରିସରରେ 'ସହଯୋଗ' ପ୍ରଶିକ୍ଷଣ ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଉନ୍ନତି ପାଇଁ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟମାନଙ୍କୁ ପ୍ରଶିକ୍ଷଣ ଦେବା ଉଦ୍ଦେଶ୍ୟରେ ଆୟୋଜିତ ଏହି ଶିବିରରେ ସାଧନକେନ୍ଦ୍ରର ଦକ୍ଷବ୍ରହ୍ମପୁର ପ୍ରାଥମିକ ବିଦ୍ୟାଳୟ, ଦାନପୁର ୟୁଜିଏମ୍ ବିଦ୍ୟାଳୟ, ମୁକୁନ୍ଦପୁର ୟୁଜିଏମ୍‌ଇ ବିଦ୍ୟାଳୟ, ଜେନାମଣି ପ୍ରାଥମିକ ବିଦ୍ୟାଳୟର ପରିଚାଳନା କମିଟିର ସଭ୍ୟାସଭ୍ୟ, ଅଙ୍ଗନୱାଡି କର୍ମୀ, ଆଶାକର୍ମୀ ଓ ୱାର୍ଡ ସଭ୍ୟ ପ୍ରମୁଖ ଯୋଗ ଦେଇଥିଲେ। ଜେନାମଣି ପ୍ରାଥମିକ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରମୋଦ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ସାଧନକର୍ମୀ ଭାବେ ଅଶୋକ କୁମାର ସେଠୀ ଯୋଗଦେଇ ବିଦ୍ୟାଳୟରେ ଶୈକ୍ଷିକ ପରିବେଶରେ ଶୃଙ୍ଖଳା ଆଣିବା ପାଇଁ ଶିକ୍ଷକମାନଙ୍କୁ କିପରି ସହଯୋଗ କରାଯିବ ସେ ସମ୍ପର୍କରେ ଶିବିରାର୍ଥୀମାନଙ୍କୁ ଅବଗତ କରାଇଥିଲେ। ପ୍ରଧାନ ଶିକ୍ଷକ ଭରତ ଚନ୍ଦ୍ର ରାଉତ, ଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ଦେବୀ ଶିବିର ପରିଚାଳନାରେ ସହଯୋଗ କରିଥିଲେ। ସେହିପରି ଦୋହଳୀ କେଶରପୁର ପ୍ରାଥମିକ ବିଦ୍ୟାଳୟ, ବଟମହାପୁରୁଷ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ସହଯୋଗ ପ୍ରଶିକ୍ଷଣ ଅନୁଷ୍ଠିତ ହୋଇଥିଲା। ଏହି କେନ୍ଦ୍ରରେ ସାଧନକର୍ମୀ ଭାବେ ଜୟାନନ୍ଦ ନାୟକ, ଦୀପକ କୁମାର ବାରିକ ଓ ସ୍ମାରକ ମହାନ୍ତି ଶିବିରାର୍ଥୀମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ସାଧନକେନ୍ଦ୍ର ସଂଯୋଗ ଅଭିରାମ ମିଶ୍ର ଶିବିର ପରିଚାଳନା କରିଥିଲେ।

## ଜାନୁୟାରୀ ୧କୁ ପ୍ରାର୍ଥନା ଦିବସ ଘୋଷଣା ଦାବି

**କେନ୍ଦ୍ରାପଡା ଅଫିସ, ୧୫।୧୨**

ଈଶ୍ୱରଙ୍କଠାରୁ ସଂସାର ସୃଷ୍ଟି। ତାଙ୍କର ଏହି ଅନବଦ୍ୟ ସୃଷ୍ଟି ଯୋଗୁ ଜୀବଜଗତ ତିଷ୍ଠି ରହିଛି। ଏହା ସର୍ବଧର୍ମରେ ପ୍ରତିପାଦିତ ହୋଇଛି। ତାଙ୍କ ପ୍ରତି କୃତଜ୍ଞତା ପ୍ରକାଶ ପାଇଁ ବିଶ୍ୱରେ ପାଳନ ହେଉଥିବା ବିଭିନ୍ନ ଦିବସ ପରି ପ୍ରତିବର୍ଷର ଜାନୁୟାରୀ ୧ ତାରିଖରୁ ପ୍ରାର୍ଥନା ଦିବସ ଭାବେ ସରକାରୀ ଘୋଷଣା ହେଉ। ଦିବ୍ୟଜୀବନ ସଂଘ ସହରର ଗରାପୁରସ୍ଥ ଶିବାନନ୍ଦ ଆଶ୍ରମ ମୁଖ୍ୟ ଶ୍ରୀମା ସ୍ୱାମୀ ଦିବ୍ୟ ସ୍ୱରୂପାନନ୍ଦ ଆଶ୍ରମ ପରିସରରେ ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଏହି ନିବେଦନ କରିଛନ୍ତି। ଏ ସମ୍ପର୍କରେ ସେ ଦର୍ଶାଇଥିଲେ ଯେ, ବର୍ତ୍ତମାନ ସାମାଜିକ ଓ ସାଂସ୍କୃତିକ ଅବକ୍ଷୟ ଯୋଗୁ ଅଶାନ୍ତିର ଝଡ଼ ସୃଷ୍ଟି ହୋଇଛି। ଏହି ସମସ୍ୟା ସମାଧାନ ପାଇଁ ଧୈର୍ଯ୍ୟ ଓ ସଦାଚାରର ଆବଶ୍ୟକତା ରହିଛି। ସମସ୍ୟା ସମାଧାନ ପାଇଁ ତାଙ୍କୁ ଅନ୍ତକରଣ ଶୁଦ୍ଧତାର ସହ ପ୍ରାର୍ଥନା କରିବା ଜରୁରୀ ହୋଇପଡିଛି। ଏହି ଦୃଷ୍ଟିରୁ ସମସ୍ତ ଧର୍ମର ବ୍ୟକ୍ତି ନିଜର ଇଷ୍ଟଦେବଙ୍କୁ ଆସନ୍ତା ଜାନୁୟାରୀ ୧ ତାରିଖ ସକାଳ ୬ରୁ ୭ଟା ପର୍ଯ୍ୟନ୍ତ ପ୍ରାର୍ଥନା ପାଇଁ ସମୟ ବାହାର କରିବାକୁ ସେ ନିବେଦନ କହିଛନ୍ତି। ଏଥିସହ ଆଶ୍ରମ ଅଧ୍ୟକ୍ଷା ଏହି ଦିବସକୁ ସରକାରୀ ଭାବେ ବିଶ୍ୱ ପ୍ରାର୍ଥନା ଦିବସ ଭାବେ ପାଳନ କରିବାକୁ ମୁଖ୍ୟମନ୍ତ୍ରୀ, ରାଜ୍ୟପାଳ, ପ୍ରଧାନମନ୍ତ୍ରୀ ଓ ରାଷ୍ଟ୍ରପତିଙ୍କ ନିକଟକୁ ପତ୍ର ଲେଖିଥିବା ପ୍ରକାଶ କରିଛନ୍ତି। ସମ୍ମିଳନୀକୁ ବ୍ରହ୍ମଚାରୀ ନୃସିଂହ ଦାସ ପରିଚାଳନା କରିଥିଲେ।



ଖବରଦାତା ସମ୍ମିଳନୀରେ ଶ୍ରୀମା ସ୍ୱାମୀ ଦିବ୍ୟ ସ୍ୱରୂପାନନ୍ଦ।

## ଗାଧୋଇବା ବେଳେ ବୁଡ଼ିଗଲେ ନାବାଳିକା

**ରାଜନଗର, ୧୫।୧୨ (ଡି.ଏନ୍.ଏ.)**

ରାଜନଗର ବ୍ଲକ ସାନବଡ଼ ଗୋପାଳପୁର ପଞ୍ଚାୟତ ନୁରୁଗାଁ ପୋଖରୀରେ ଗାଧୋଉଥିବା ବେଳେ ରବିବାର ଜଣେ ନାବାଳିକା ବୁଡି ପ୍ରାଣ ହରାଇଛନ୍ତି। ସେ ହେଲେ କୁଶାଇଲୋ ଗାଁର ନରହରି ଦାସଙ୍କ ଝିଅ ରିଙ୍କି(୧୫)। ରିଙ୍କି ତାଙ୍କ ମାଉସୀ ଘର ନୁରୁଗାଁକୁ ଗତ ୪ଦିନ ତଳେ ବୁଲିବାକୁ ଆସିଥିଲେ। ସେହି ଗ୍ରାମର ୩ ଜଣ ଝିଅଙ୍କ ସହ ଶୁକ୍ରବାର ରିଙ୍କି ସ୍କୁଲ ନିକଟ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ଗାଧୋଉଥିବା ବେଳେ ୪ଜଣ ଯାକ ବୁଡ଼ି ଯାଇଥିଲେ। ସେମାନଙ୍କ ଚିତ୍କାର ଶୁଣି ସେହି ରାସ୍ତା ନେଇ ଯାଉଥିବା ଗ୍ରାମର ପ୍ରଭାକର ବାରିକ ଓ ରଞ୍ଜିତ ବାରିକ ପୋଖରୀକୁ ଡେଇଁ ସମସ୍ତଙ୍କୁ ଉଦ୍ଧାର କରିଥିଲେ। କିନ୍ତୁ ପ୍ରାଥମିକ ଚିକିତ୍ସା ପରେ ଅନ୍ୟ ୩ ଜଣ ବଞ୍ଚିଯାଇଥିବା ବେଳେ ରିଙ୍କିଙ୍କୁ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ରାଜନଗର ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ଗାଳ୍ପିକ, କବି ସମ୍ବର୍ଦ୍ଧନା ଉତ୍ସବ

**ଆଳି, ୧୫।୧୨ (ଡି.ଏନ୍.ଏ.)**

ଆଳି ସିଙ୍ଗିରିସ୍ଥିତ କାମଦେବ ସାଧନା ପବ୍ଲିକ ସ୍କୁଲ ପରିସରରେ ସାହିତ୍ୟ ପତ୍ରିକା 'ପଲକ' ପକ୍ଷରୁ ଏକ ଆଲୋଚନାଚକ୍ର ଓ ସମ୍ବର୍ଦ୍ଧନା ଉତ୍ସବ ରବିବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ ସାହିତ୍ୟିକ ତଥା ପଟ୍ଟାମୁଣ୍ଡାଇ ମହାବିଦ୍ୟାଳୟ ଅଧ୍ୟାପକ ଡ. ନିଳମଣୀ ଲେଙ୍କାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ବିଶିଷ୍ଟ ଗୀତିକବି ତଥା ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅତିରିକ୍ତ ଶାସନ ସଚିବ ଧନଞ୍ଜୟ ସ୍ୱାଇଁ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ କବି ତଥା ପୂର୍ବତଟ ରେଳପଥର ବରିଷ୍ଠ ଜନସମ୍ପର୍କ ଅଧିକାରୀ ନିରାକାର ଦାସ ଓ ଡ. ନିଖିଳେଶ ମହାନ୍ତି ଓ ସାଇଯମୁନା ପବ୍ଲିକେଶନ ମୁଖ୍ୟ ଚନ୍ଦ୍ରମଣୀ ଭୂୟାଁ ସମ୍ମାନିତ ଅତିଥି ଓ କବି ପ୍ରମୋଦ ମଲ୍ଲିକ ସମ୍ମାନିତ ବକ୍ତା ଭାବେ ଯୋଗ ଦେଇଥିଲେ। ବିଜୟ ବଳ, ବନମାଳୀ ସେନାପତି, ଶତ୍ରୁଘ୍ନ ତରାଇ, ଶଙ୍କର୍ଷଣ ଦାସ, ରତ୍ନାକର ରାଉତ, ଜୟରାମ ସାହୁ, ହେମନ୍ତ ରାଉତ ଓ ହରେକୃଷ୍ଣ ବାରିକ, ପ୍ରେମାନନ୍ଦ ଖଣ୍ଡୁଆଳ ଏବଂ କବି ଅଞ୍ଜୁମନ ଆରା, ପର୍ଶୁରାମ ବେହେରା, ପୂର୍ଣ୍ଣଚନ୍ଦ୍ର ବଳ, ଶରତ ନାୟକ ଓ ଗାଳ୍ପିକ କାଳିନ୍ଦୀ ଚରଣ ଜେନାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ବରିଷ୍ଠ କଥାକାର କାଳିନ୍ଦୀ ଚରଣ ଜେନାଙ୍କ ଗଳ୍ପ ସଂକଳନ 'ପ୍ରେମଗଳ୍ପ'କୁ ଅତିଥିମାନେ ଉନ୍ମୋଚନ କରିଥିଲେ। 'ପଲକ'ର ସମ୍ପାଦକ ତଥା କବି ଶଶିକାନ୍ତ ଦାସ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଉତ୍ସବରେ ବିଶିଷ୍ଟ ଗାଳ୍ପିକ ପ୍ରଦୀପ ନାୟକ, କବି ନୃସିଂହ ତରାଇ, ଅଭିରାମ ସାହୁ, ଆଡଭୋକେଟ ରାମକୃଷ୍ଣ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ଗୌରହରି ସେଠୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ସୁବ୍ରତ କୁମାର ଜେନା ଧନ୍ୟବାଦ ଦେଇଥିଲେ। ଉତ୍ସବ ଆରମ୍ଭରେ ଅଙ୍କିତା ପ୍ରିୟଦର୍ଶିନୀ, ପୂର୍ଣ୍ଣିମା ପ୍ରିୟଦର୍ଶିନୀ, ମନୋଲି ମନସ୍ୱିତା, ଜସ୍ମିନ ବିଶ୍ୱାଳ, ଆଫ୍ରିନ ସୁଲତାନା ପ୍ରମୁଖ କାର୍ଯ୍ୟକ୍ରମ ଉପସ୍ଥାପନା କରିଥିଲେ।




ସମ୍ବର୍ଦ୍ଧନା ଉତ୍ସବରେ ମଞ୍ଚାସୀନ ଅତିଥି।

## ଭୂତତ୍ତ୍ୱ ବିଜ୍ଞାନ ବିଭାଗ ସମାବେଶ




ସମାବେଶରେ ଅଧ୍ୟକ୍ଷା, ଅଧ୍ୟକ୍ଷ ଓ ଅନ୍ୟମାନେ।

**କେନ୍ଦ୍ରାପଡ଼ା ଅଫିସ୍, ୧୫।୧୨**

ସହରର ଗୋପସ୍ଥିତ ତୁଳସୀ ମହିଳା ମହାବିଦ୍ୟାଳୟର ଭୂତତ୍ତ୍ୱ ବିଜ୍ଞାନ ବିଭାଗ ପକ୍ଷରୁ ଶିକ୍ଷକ-ଅଭିଭାବକ ସମାବେଶ ଇତିମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ମୁଖ୍ୟ ସୁନୀତ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାବେଶରେ ଅଧ୍ୟୟନରତ ଛାତ୍ରୀମାନଙ୍କର ବିଭିନ୍ନ ସୁବିଧାଅସୁବିଧା ଓ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ସମାବେଶରେ ପ୍ରାଧ୍ୟାପକ ଅଜୟ କୁମାର ରାଉତ, ପ୍ରାଧ୍ୟାପିକା ପ୍ରମିଳା ରାଣୀ ବେହେରା ଯୋଗଦେଇଥିଲେ। ଏଥିସହିତ ଅଭିଭାବକ ମହେନ୍ଦ୍ର ସ୍ୱାଇଁ ଛାତ୍ରୀ ନିବାସ ବେଡ୍ ସଂଖ୍ୟା ବୃଦ୍ଧି ସମ୍ପର୍କରେ ପ୍ରସ୍ତାବ ଆଗତ କରିଥିଲେ। ସେହିପରି ଅଭିଭାବକମାନେ ମହାବିଦ୍ୟାଳୟର ଶୈକ୍ଷିକ ପରିବେଶ ବୁଲି ଦେଖିଥିଲେ। ସମାବେଶକୁ ପ୍ରଣତି ନାୟକ, ଅଖିଳେନ୍ଦୁ ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିଲେ।

## ଶିଶୁଙ୍କ ପ୍ରତିଭା ଲୋକଲୋଚନକୁ ଆଣୁଛି ମହୋତ୍ସବ

**ପଟ୍ଟାମୁଣ୍ଡାଇ, ୧୫।୧୨ (ସ୍ୱ.ପ୍ର.)**

ଶିଶୁମାନଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶ ପାଇଁ ଶିକ୍ଷକମାନଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଶିକ୍ଷକମାନେ ଶିଶୁମାନଙ୍କର ପ୍ରତିଭାକୁ ଚିହ୍ନିବା ସହ ଏହାକୁ ଲୋକ ଲୋଚନକୁ ଆଣିବା ଏକାନ୍ତ ପ୍ରୟୋଜନ ବୋଲି ପଟ୍ଟାମୁଣ୍ଡାଇ ବ୍ଲକ ଓଷ୍ଟା ସଂଘ ପକ୍ଷରୁ ରବିବାର ଖଡିଅଣ୍ଟା ପଞ୍ଚାୟତ ହାଇସ୍କୁଲଠାରେ ଅନୁଷ୍ଠିତ ଶିଶୁ ଉତ୍ସବରେ ଯୋଗଦେଇ ଅତିଥିମାନେ ମତ ଦେଇଛନ୍ତି। ଅପରାହ୍ନରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ରାଜନଗର ବିଧାୟକ ଧ୍ରୁବ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିଶୁମାନଙ୍କ ପ୍ରତିଭା ବିକାଶ କ୍ଷେତ୍ରରେ ଶିକ୍ଷକମାନେ ଯତ୍ନଶୀଳ ହେବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପ୍ରଣବ ଜେନା, ପ୍ରାଥମିକ ଶିକ୍ଷକ ସଂଘ ସମ୍ପାଦକ ବଳଭଦ୍ର ପ୍ରସାଦ ରାଉତ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ପ୍ରାକ୍ତନ ପ୍ରଧାନଶିକ୍ଷକ ଧବଳେଶ୍ୱର ଖଣ୍ଡାୟୀ ଓ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରମାନଙ୍କୁ ମୁଖ୍ୟଅତିଥି ମାନପତ୍ର ପ୍ରଦାନ କରିଥିଲେ। ଶେଷରେ ସଂଘ କାର୍ଯ୍ୟକର୍ତ୍ତା ଅକ୍ଷୟ କୁମାର ନନ୍ଦ ଧନ୍ୟବାଦ ଦେଇଥିଲେ।

ରବିବାର ସକାଳ ୯ଟା ବେଳେ ଅନୁଷ୍ଠିତ ଶିଶୁ ଉତ୍ସବକୁ ଓଷ୍ଟା ସଂଘ ଜିଲା ସମ୍ପାଦକ ତ୍ରୈଲୋକ୍ୟ ପ୍ରସାଦ ମିଶ୍ର ଉଦ୍‌ଘାଟନ କରିଥିଲେ। ସଂଘ ସଭାପତି ରବୀନ୍ଦ୍ର କୁମାର ପରିଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ପ୍ରାକ୍ତନ ସମ୍ପାଦକ କାଳୀପ୍ରସାଦ ନାୟକ ମୁଖ୍ୟବକ୍ତା ଓ ଜିଲା ସମ୍ପାଦକ ତପନ କୁମାର ସିଂ, ଖଡିଣ୍ଟୋ ସରପଞ୍ଚ ରେବତୀ ବିହାରୀ, ରାଧାକାନ୍ତ ଦାଶ, ବିଦ୍ୟାଧର ମହାନ୍ତି, ପ୍ରାକ୍ତନ ସଭାପତି ଗୋକୁଳ ଚନ୍ଦ୍ର ରାଉତ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘ ସମ୍ପାଦକ ବାବାଜୀ ଦାସ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଉତ୍ସବରେ ୨୩୫ ଜଣ ଛାତ୍ରୀଛାତ୍ର ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଅର୍ଜୁନ ଚରଣ ଓଝା, ସସ୍ମିତା ସାହୁ, ମାନୁପ୍ରିୟା ପ୍ରଧାନ, ତପସ୍ୱିନୀ ବେହେରା, ଅଶ୍ୱିନୀ ପାତ୍ର, ପ୍ରମୋଦ ତ୍ରିପାଠୀ, ବୀରେନ୍ଦ୍ର ସାମଲ ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ପ୍ରଧାନଶିକ୍ଷକ ମିଶ୍ର ଧନ୍ୟବାଦ ଦେଇଥିଲେ।




ଶିବିରରେ ଅତିଥିମାନେ।



❝ ବେଇମାନୀ ହେଉଛି ସମସ୍ତ ପାପର ଜନନୀ।
- ଶିରିଡ଼ି ସାଇବାବା



## ସଂକ୍ଷେପରେ

### ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

**କଳିଙ୍ଗନଗର/ ଡୁବୁରୀ,୧୫।୧୨(ଡିଏନଏ):** ଡୁବୁରୀ ଛକ ନିକଟରେ ଶନିବାର ବିଳମ୍ବିତ ରାତିରେ ଏକ ଅଜଣା ଗାଡି ଧକ୍କାରେ ଜଣେ ଯୁବକଙ୍କର ମୃତ୍ୟୁ ଘଟିଛି। ମୃତ ଯୁବକ ଜଣକ ହେଲେ କୋରେଇ ଥାନା ମଣ୍ଡପଡା ଗାଁର ଗୋକୁଳ ପାତ୍ରଙ୍କ ପୁଅ ଜୀବନ (୨୦)। ଜୀବନ ଶନିବାର ରାତିରେ ବାଇକ୍ ଯୋଗେ ସୁକିନ୍ଦାରୁ ଘରକୁ ଫେରୁଥିବାବେଳେ ଡୁବୁରୀ ଛକଠାରେ ଏକ ଗାଡି ତାଙ୍କୁ ଧକ୍କାଦେଇ ପଳାଇଥିଲା। ଫଳରେ ଜୀବନ ରାସ୍ତା କଡରେ ଛିଟିକି ପଡି ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଚିକିତ୍ସା ନିମନ୍ତେ ନିକଟସ୍ଥ ଟାଟା ମେଡିକା ହସ୍ପିଟାଲକୁ ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। କଳିଙ୍ଗନଗର ପୋଲିସ ଏକ ମାମଲା (ନଂ.୨୩୦/୨୦୧୯) ରୁଜୁ କରି ମୃତଦେହକୁ ଦାନଗଦୀ ଡାକ୍ତରଖାନାକୁ ବ୍ୟବଚ୍ଛେଦ ପାଇଁ ପଠାଇଛି।

### ୫ମ ବାର୍ଷିକ ଆନ୍ତଃକ୍ଳବ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ
### ଡାଇମଣ୍ଡ ଚ୍ୟାଲେଞ୍ଜ ଚାମ୍ପିୟନ

**ଡୁବୁରୀ,୧୫।୧୨(ଡିଏନଏ):** ଗଣେଶ ପୂଜା କମିଟି ଡୁବୁରୀ ଆନୁକୂଲ୍ୟରେ ସ୍ଥାନୀୟ ଇନ୍ଦିରା ପଡିଆରେ ୩ଦିନ ଧରି ଚାଲିଥିବା ଆନ୍ତଃକ୍ଳବ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଛି। ଫାଇନାଲ ମ୍ୟାଚରେ ଡେଞ୍ଜର ଭାଇରସ କ୍ଳବକୁ ୫ ଉଇକେଟରେ ହରାଇ ଡାଇମଣ୍ଡ ଚ୍ୟାଲେଞ୍ଜ ଚଳିତ ବର୍ଷ ଚାମ୍ପିୟନ ହୋଇଛି। ପ୍ରଥମେ ବ୍ୟାଟିଂ କରି ଡେଞ୍ଜର ଭଇରସ କ୍ଳବ ନିର୍ଦ୍ଧାରିତ ୧୦ଓଭରରେ ୮ଉଇକେଟ ହରାଇ ୬୮ରନ କରିଥିଲା। ଜବାବରେ ଡାଇମଣ୍ଡ ଚ୍ୟାଲେଞ୍ଜ ୮ ଓଭରରେ ମାତ୍ର ୫ ଉଇକେଟ ହରାଇ ବିଜୟ୍ ଲକ୍ଷ୍ୟ ହାସଲ କରିନେଇଥିଲା। ବିଜୟୀ ଦଳର ଦୁର୍ଗାଶ୍ରୀ ମଙ୍ଗରାଜଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଓ ଡେଞ୍ଜର ଭାଇରସ କ୍ଳବର ସୋମ୍ୟରଞ୍ଜନ ପାତ୍ରଙ୍କୁ ମ୍ୟାନ ଅଫ ଦି ସିରିଜ ପୁରସ୍କାର ପ୍ରଦାନ କରାଯାଇଥିଲା। ରୟାଲ କ୍ଳବର ମିକୁଲ ପାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। ଗଣେଶ ପୂଜା କମିଟି ଆବାହକ ଉଦୟନାଥ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ଯୁବନେତା ଜୟନ୍ତ ରାଉତ, ଚକାଡୋଳା ହେଲ୍ଥଲାଇନର ପ୍ରୋପାଇଟର ଜୟପ୍ରକାଶ ସାହୁ ଅତିଥିଭାବେ ଯୋଗଦେଇ କୃତୀ ଦଳ ଓ ଖେଳାଳିଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଛାୟାକାନ୍ତ ଦ୍ୱିବେଦୀ ଓ ନୀହାର ରଞ୍ଜନ ବଳ ଖେଳ ପରିଚାଳନା କରିଥିଲେ।

### ଯାଜପୁର ଜିଲା ଲେଖିକା ସଂସଦର ବୈଠକ

**ଯାଜପୁର ଅଫିସ,୧୫।୧୨:** ଯାଜପୁର ଜିଲା ଲେଖିକା ସଂସଦର ଏକ ବୈଠକ ରବିବାର ଶଶୀଭୂଷଣ ନୋଡାଲ ବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ସଂସଦର ଉପଦେଷ୍ଟା ଧୃପ୍ରଭା ଦେବୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଶକୁନ୍ତଳା ଦାସ ବେଦପାଠ ଓ ଜୟନ୍ତୀ ସ୍ୱାଇଁ ଜଗନ୍ନାଥଙ୍କ ଏକ ଭଜନ ଗାଇଥିଲେ। ସଂସଦ ସମ୍ପାଦିକା ବ୍ରଜେଶ୍ୱରୀ ସିଂ ପୂର୍ବ ବିବରଣୀ ପାଠ କରିଥିଲେ। ଏହି ଅବସରରେ ନୂତନ ସଦସ୍ୟାଙ୍କୁ ସଂସଦର ସମ୍ପାଦିକା ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ପରେ ବାର୍ଷିକ ଉତ୍ସବକୁ କିପରି ଆଡମ୍ବର ସହିତ ପାଳନ କରାଯିବ ସେନେଇ ଉପସ୍ଥିତ ସଦସ୍ୟାମାନେ ନିଜ ନିଜର ମତ ପ୍ରଦାନ କରିଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ପ୍ରଜ୍ଞାପ୍ରବର୍ତ୍ତିକା ଦାଶ, ରୀନା ମହାପାତ୍ର, ଶକୁନ୍ତଳା ଦାସ, ମାଙ୍ଗଳିକା ଦାସ, ବିଜୟଲକ୍ଷ୍ମୀ ମହାପାତ୍ର, ଅଶାନ୍ତି ସାମଲ, ସନ୍ଧ୍ୟାରାଣୀ ଘଡେଇ ପ୍ରମୁଖ ଯୋଗ ଦେଇଥିଲେ।

# ଅନିଶ୍ଚିତତାରେ ନିଶ୍ଚିତ କର୍ମନିଯୁକ୍ତି ଯୋଜନା

**ଯାଜପୁର ଅଫିସ,୧୫।୧୨**

ଶହେ ଦିନର କାମ ନିଶ୍ଚିତ କରିବା ପାଇଁ କେନ୍ଦ୍ର ସରକାରଙ୍କ ପ୍ରଣୀତ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆରଇଜିଏସ୍) ଯାଜପୁର ଜିଲାରେ ଅନିଶ୍ଚିତ ହୋଇପଡ଼ିଛି। ଗତ ନଭେମ୍ବର ୮ରେ ଯେଉଁଠି ମାତ୍ର ୧୮୪ଜଣ ୧୦୦ଦିନର କାମ ପାଇଥିଲେ ସେଠାରେ ଏବେ ୩୮୬ ଜଣ ୧୦୦ଦିନର କାମ ପୂର୍ଣ୍ଣ କରିଛନ୍ତି। ଅର୍ଥାତ ମାତ୍ର ୩୭ଦିନ ମଧ୍ୟରେ ଜିଲାରେ ୧୦୦ଦିନର କାମ ସମ୍ପୂର୍ଣ୍ଣ କରିବାରେ ୨୦୨ ପରିବାରଙ୍କ ବୃଦ୍ଧି ଘଟିଛି। ଗ୍ରାମ୍ୟ ଉନ୍ନୟନ ବିଭାଗରୁ ଏଭଳି ତଥ୍ୟ ମିଳିଛି। ଏନେଇ ଏକ ଉଚ୍ଚସ୍ତରୀୟ ନିରପେକ୍ଷ ତଦନ୍ତ କରାଗଲେ ବାସ୍ତବ ତଥ୍ୟ ଜଣାପଡ଼ନ୍ତା ବୋଲି ମତ ପ୍ରକାଶ ପାଇଛି।

ଚଳିତ ଆର୍ଥିକବର୍ଷ ୨୦୧୯-୨୦ ବର୍ଷର ୯ ମାସ ଚାଲିଥିଲେ ମଧ୍ୟ ଡିସେମ୍ବର ୧୫ ତାରିଖ ସୁଦ୍ଧା ଜିଲାର ପଞ୍ଜୀକୃତ ଶ୍ରମିକଙ୍କ ସଂଖ୍ୟା ୬,୪୬,୩୯୫। ତେବେ ଚଳିତ ବର୍ଷ ୧୧୯୪ ପରିବାରଙ୍କ ଜବ୍‌କାର୍ଡ କାଟି ଦିଆଯାଇଥିବାବେଳେ ସମୁଦାୟ ୨,୯୪,୧୪୨ ପରିବାରଙ୍କୁ ଜବକାର୍ଡ ବଣ୍ଟନ ହୋଇଛି। ସେଥିରୁ ୪୫,୬୮୭ ପରିବାର କାମ ପାଇଁ ଆବେଦନ କରିଥିବାବେଳେ ୪୦,୨୯୬ ପରିବାରଙ୍କୁ କାମ ଯୋଗାଇ ଦିଆଯାଇଥିବା ରିପୋର୍ଟରେ ଉଲ୍ଲେଖ କରାଯାଇଛି। ତେବେ ଏମ୍‌ଜିଏନ୍‌ଆରଇଜିଏସ୍‌ର ନିର୍ଦ୍ଧାରିତ ୧୦୦ ଦିନର କାମ ୩୮୬ ପରିବାର ସମ୍ପୂର୍ଣ୍ଣ କରିଛନ୍ତି। ଡିସେମ୍ବର ୧୫ ତାରିଖ ରିପୋର୍ଟ ଅନୁସାରେ ସୁକିନ୍ଦା ବ୍ଲକରେ ସର୍ବନିମ୍ନ ୬ ପରିବାର ରହିଥିବାବେଳେ ଦାନଗଦୀ ବ୍ଲକରେ ୧୦, ବଡ଼ଚଣା ଓ ଧର୍ମଶାଳାରେ ୧୨ ପରିବାର ଲେଖାଏ, ରସୁଲପୁର ବ୍ଲକରେ ୧୪ ଓ ବରୀ ବ୍ଲକରେ ୧୮ ପରିବାର ୧୦୦ଦିନର କାମ ସମ୍ପୂର୍ଣ୍ଣ କରିଛନ୍ତି। ଦଶରଥପୁର ବ୍ଲକରେ ସର୍ବାଧିକ ୧୨୭ ଓ ବିଞ୍ଝାରପୁର ବ୍ଲକରେ ୧୧୯ ପରିବାର ୧୦୦ଦିନର କାମ ସମ୍ପୂର୍ଣ୍ଣ କରି ପାରିଛନ୍ତି। ତେବେ ଗତ ନଭେମ୍ବର ୮ ତରିଖ ରିପୋର୍ଟ ଅନୁସାରେ କେବଳ ୧୮୪ ପରିବାର ୧୦୦ଦିନର କାମ ସମ୍ପୂର୍ଣ୍ଣ କରିଥିଲେ। ଏଥିରେ ଧର୍ମଶାଳା ବ୍ଲକ ଖାତା ଖୋଲି ପାରି ନ ଥିଲାବେଳେ ସୁକିନ୍ଦା ବ୍ଲକରେ ୧ପରିବାର ରହିଥିଲେ। ଏହି ଅନୁସାରେ ୩୭ ଦିନରେ କିଭଳି ଭାବରେ ୧୦୦ଦିନ କାମ ସମ୍ପୂର୍ଣ୍ଣ କରିବାରେ ୨୦୨ପରିବାର ସାମିଲ ହୋଇଛନ୍ତି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ମିଥ୍ୟା ମଷ୍ଟରରୋଲ ବ୍ୟବହାର କରି ମେଶିନ ଜରିଆରେ ଶ୍ରମିକଙ୍କ ନାମରେ ଯୋଜନା ଅନ୍ତର୍ଗତ ଅର୍ଥ ହଡ଼ପ କରି ଏଭଳି ଜାଲ ରିପୋର୍ଟ ପ୍ରସ୍ତୁତ ହୋଇଥିବା ସନ୍ଦେହ କରାଯାଇଛି। ଏସଂକ୍ରାନ୍ତରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଇନ୍ଦ୍ରମଣି ନାୟକଙ୍କୁ ଫୋନ ଯୋଗେ ରବିବାର ସନ୍ଧ୍ୟାରେ ଯୋଗାଯୋଗ କରାଯାଇଥିଲେ ସୁଦ୍ଧା କୌଣସି ମତାମତ ମିଳି ପାରିନାହିଁ।

**ଯାଜପୁର ଜିଲା**



- ୧୦୦ଦିନର କାମ ସମ୍ପୂର୍ଣ୍ଣ ପରିସଂଖ୍ୟାନରେ ଜାଲିଆତି
- ୩୭ ଦିନରେ ବୃଦ୍ଧି ହୋଇଛି ୨୦୨ ପରିବାର
- ବଡ଼ଚଣା, ବରୀ, ଦାନଗଦୀ, ଧର୍ମଶାଳା, ରସୁଲପୁର, ସୁକିନ୍ଦା ବ୍ଲକରେ ନୈରାଶ୍ୟଜନକ

### ରେଳ ଡିଭିଜନ ପାଇଁ ସଭା, ଦସ୍ତଖତ ଅଭିଯାନ

**କଳିଙ୍ଗନଗର,୧୫।୧୨(ଡି.ଏନ.ଏ)**

ରସୁଲପୁର ବ୍ଲକ ଏକ ମଣ୍ଡପରେ ଇଷ୍ଟକୋଷ୍ଟ ରେଲୱେ ଜୋନ୍‌ର ଯାଜପୁର ରୋଡଠାରେ ରବିବାର ନୂତନ ରେଳ ଡିଭିଜନ ଘୋଷଣା ନିମିତ୍ତ ଏକ ସଭା ଓ ଦସ୍ତଖତ ଅଭିଯାନ କରାଯାଇଛି। ସଭାରେ ଗୋପୀନାଥ ପତି ଅଧ୍ୟକ୍ଷତା କରିଥିବାବେଳେ ଦୁଷ୍ମନ୍ତ କୁମାର ରାଉତ ରେଳ ଡିଭିଜନର ପ୍ରତିଷ୍ଠା ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ କିଶାନ ପଣ୍ଡା, ବିଶ୍ୱଜିତ ମହାନ୍ତି, ଚନ୍ଦ୍ରମଣି ସାମଲ ପ୍ରମୁଖ ଉଦ୍‌ବୋଧନ ଦେଇ ଖୁବଶୀଘ୍ର ଉକ୍ତ ବିଷୟରେ ରେଳ ବିଭାଗ ଗୁରୁତର ସହ ବିଚାର କରି ଯାଜପୁର ରୋଡଠାରେ ରେଳ ଡିଭିଜନ ଘୋଷଣା କରାଯିବାକୁ ଦାବି କରାଯାଇଥିଲା। ଶେଷରେ ଗୋପାଳ ସାହୁ ଧନ୍ୟବାଦ ଦେଇଥିଲେ ।

## ରାଜ୍ୟସ୍ତରୀୟ ହ୍ୟାଣ୍ଡବଲ ପ୍ରତିଯୋଗିତା ଉଦ୍‌ଘାଟିତ





ହ୍ୟାଣ୍ଡବଲ ପ୍ରତିଯୋଗିତାରେ ଭାଗ ନେଇଥିବା ପ୍ରତିଯୋଗୀ।

**ଛତିଆ,୧୫।୧୨(ଡିଏନ୍‌ଏ)**

ମହାପୁରୁଷ ହାଡିଦାସ ମହାବିଦ୍ୟାଳୟ ଖେଳ ପଡିଆରେ ଯାଜପୁର ଜିଲା ପ୍ରଶାସନ ଓ ଯାଜପୁର ଶିକ୍ଷାଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ୬୫ତମ ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ ହ୍ୟାଣ୍ଡବଲ କ୍ରୀଡା ପ୍ରତିଯୋଗିତା ରବିବାର ଉଦ୍‌ଘାଟିତ ହୋଇଯାଇଛି। ୧୭ବର୍ଷରୁ କମ୍ ଏହି ହ୍ୟାଣ୍ଡବଲ ପ୍ରତିଯୋଗିତାରେ ବଡଚଣା ବିଧାୟକ ଅମର ପ୍ରସାଦ ଶତପଥି ମୁଖ୍ୟ ଅତିଥିରୂପେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ଯାଜପୁର ଜିଲା ଶିକ୍ଷାଧିକାରୀ କୃଷ୍ଣଚନ୍ଦ୍ର ନାୟକ ଅଧ୍ୟକ୍ଷତା କରିଥିଲେ। ପଞ୍ଚାୟତ ସମିତି ଅଧ୍ୟକ୍ଷ ଭାଗ୍ୟଧର ମଲ୍ଲିକ୍, ଜିଲା କ୍ରୀଡା ସଂସ୍କୃତି ବିଭାଗ ଅଧ୍ୟକ୍ଷ ଅରବିନ୍ଦ ସାମଲ, ଶାରିରୀକ ଶିକ୍ଷା ବିଭାଗର ଭାରପ୍ରାପ୍ତ ସହନିର୍ଦ୍ଦେଶିକା ଲକ୍ଷ୍ମୀପ୍ରିୟା ଦେଇ, ବଡଚଣା ଶିକ୍ଷା ଅଧିକାରିଣୀ ସସ୍ମିତା ସାହୁ, ମହାପୁରୁଷ ହାଡିଦାସ ମହାବିଦ୍ୟାଳୟ ଅଧ୍ୟକ୍ଷା ପ୍ରଦୀପ କୁମାର ଦାସ, ଛତିଆ ସରପଞ୍ଚ ନୟନା ବେହେରା ପ୍ରମୁଖ ଉଦ୍‌ଘାଟନୀ ଉତ୍ସବରେ ଯୋଗ ଦେଇଥିଲେ। ସମଗ୍ର ରାଜ୍ୟରୁ ମୋଟ ଜିଲା ଉକ୍ତ ଖେଳରେ ଭାଗ ନେଇଛନ୍ତି। କଟକ, ପୁରୀ, ଯାଜପୁର, କେନ୍ଦୁଝର, ଗଜପତି, ଭଦ୍ରକ, ମାଲକାନଗିରି, ନୁଆପଡା, ଭୁବନେଶ୍ୱର, ଝାରସୁଗୁଡା, ଜଗତସିଂହପୁର, ୩୦୦ ପ୍ରତିଯୋଗୀ ଉକ୍ତ କ୍ରୀଡା ପ୍ରତିଯୋଗିତାରେ ଉଭୟ ବାଳିକା ଓ ବାଳକ ବିଭାଗରେ ଭାଗ ନେଇଛନ୍ତି। ଏହି କ୍ରୀଡା ପ୍ରତିଯୋଗିତାକୁ ସୁପରିଚାଳନା ପାଇଁ ଯାଜପୁର ଜିଲା ହ୍ୟାଣ୍ଡବଲ ଆସୋସିଏଶନକୁ ଦାୟିତ୍ୱ ଦିଆଯାଇଛି। ଏହି ପ୍ରତିଯୋଗିତାକୁ ରମେଶ ପୃଷ୍ଟି, ହରିହର ବିଶ୍ୱାଳ, ବଂଶୀଧର ନାଥ, ସରୋଜ ସିଂ, ପରିଚାଳନାରେ ସହଯୋଗ କରୁଛନ୍ତି। ଶମ୍ଭୁନାଥ ଦାସ ଧନ୍ୟବାଦ ଦେଇଥିଲେ।

### କେଡିଏମ କ୍ରିକେଟ ଟୁର୍ନାମେଣ୍ଟ: ସାହାଣୀଡିହ, ରାଇଛନ୍ଦା ବିଜୟୀ

**ଧର୍ମଶାଳା,୧୫।୧୨(ଡିଏନ୍‌ଏ)**

କଳ୍ପତରୁ ଦାସ ନ୍ୟାଶନାଲ ଫାଉଣ୍ଡେଶନ ପକ୍ଷରୁ ମଧୁପୁରଗଡ ଖେଳ ପଡିଆରେ ଅନୁଷ୍ଠିତ ୫ମ କେଡିଏମ କ୍ରିକେଟ ଟୁର୍ନାମେଣ୍ଟରେ ରବିବାର ୨ଟି ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ସେଥିରେ ସାହାଣୀଡିହ ଓ ରାଇଛନ୍ଦା ପଞ୍ଚାୟତ ଟିମ୍ ବିଜୟୀ ହୋଇଛନ୍ତି। ପ୍ରଥମ ମ୍ୟାଚରେ ମଧୁସୁଦନପୁର ଟିମ୍‌କୁ ୭ ୱିକେଟରେ ପରାସ୍ତ କରି ସାହାଣୀଡିହ ବିଜୟୀ ହୋଇଥିବାବେଳେ ଦ୍ୱିତୀୟ ମ୍ୟାଚରେ ମର୍ଜିତାପୁର ଟିମକୁ ୩୨ ରନରେ ପରାସ୍ତ କରି ରାଇଛନ୍ଦା ଟିମ୍ ବିଜୟୀ ହୋଇଛି। ପ୍ରଥମ ମ୍ୟାଚରେ ମଧୁସୂଦନପୁର ଦଳ ବ୍ୟାଟିଂ କରି ୧୩.୫ ଓଭରରେ ସମସ୍ତ ୱିକେଟ୍ ହରାଇ ୧୨୬ ରନ ସଂଗ୍ରହ କରିଥିଲା। ଜବାବରେ ସାହାଣୀଡିହ ଦଳ ବ୍ୟାଟିଂ କରି ୯.୨ ଓଭରରେ ୩ୱିକେଟ ହରାଇ ୧୩୧ ରନ କରି ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚରେ ରାଇଛନ୍ଦା ୧୩.୪ ଓଭରରେ ସମସ୍ତ ୱିକେଟ ହରାଇ ୧୮୦ ରନ ସଂଗ୍ରହ କରିଥିଲା। ଜବାବରେ ମର୍ଜିତାପୁର ଦଳ ୧୪.୪ ଓଭରରେ ୧୪୮ ରନ କରି ପରାସ୍ତ ହୋଇଥିଲା। ଉଭୟ ମ୍ୟାଚକୁ ଅମରେଶ ପରିଡା, ଇନ୍ତେକାବ ଆଲମ୍ ଓ ଅବିନାଶ ସାମଲ ପରିଚାଳନା କରିଥିବାବେଳେ ସ୍କୋରରେ ବିଶ୍ୱରଞ୍ଜନ ମହାନ୍ତି ଓ ପ୍ରକାଶ ଧଳ ସହାୟତା କରିଥିଲେ। ସୋମବାର ସାହାଣୀଡିହ ସହିତ ଅଞ୍ଜିରା ଓ ତାଳଜଙ୍ଗ ସହିତ ରାଇଛନ୍ଦା ପଞ୍ଚାୟତ ମଧ୍ୟରେ ସେମି ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ।

## ସୁସ୍ଥ ପରିବେଶ ପାଇଁ ସାଇକେଲ ଶୋଭାଯାତ୍ରା

**ଯାଜପୁର ଅଫିସ,୧୫।୧୨**

ବ୍ୟାସନଗରର ବରିଷ୍ଠ ନାଗରିକ ମଞ୍ଚ ତରଫରୁ ସୁସ୍ଥ ପରିବେଶ ସଚେତନତା ପାଇଁ ଏକ ସାଇକେଲ ଶୋଭାଯାତ୍ରା ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଶୋଭାଯାତ୍ରାକୁ ଖବରଦାତା ଚିନ୍ତାମଣି ପାଢ଼ୀ ଓ ମଞ୍ଚର କାର୍ଯ୍ୟକାରୀ ସଭାପତି ନୃସିଂହଚରଣ ପରିଡା ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ପରିବେଶର ସୁରକ୍ଷା ସମ୍ବନ୍ଧୀୟ ବାର୍ତ୍ତା ଦେଇ ଚୋରଦା, ୱେୟାର ହାଉସ ଛକ, ଷ୍ଟାଡିୟମ, ସାପଗଡିଆ, ତହସିଲ ଅଫିସ, ଷ୍ଟେସନ ବଜାର ଦେଇ ସ୍ଥାନୀୟ ଗୋପବନ୍ଧୁ ଛକ ନିକଟରେ ପହଞ୍ଚିଥିଲେ। ସେଠାରେ ସାଇକେଲ ଶୋଭାଯାତ୍ରୀଙ୍କୁ ଉଦୟବଟଦ ପରିବାର ଓ ସ୍ଥାନୀୟ ଶହୀଦ୍ ଭଗତ ସିଂ ଯୁବକ ସଂଘ ତରଫରୁ ପୁଷ୍ପଗୁଚ୍ଛ ଦିଆଯାଇ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ପରେ ମଞ୍ଚର ସମ୍ପାଦକ ଚନ୍ଦ୍ରମଣି ସାମଲଙ୍କ ଅଧ୍ୟକ୍ଷତାରେ ସେଠାରେ ଏକ ସଭା କରାଯାଇଥିଲା। ବଢୁଥିବା ପେଟ୍ରୋଲର ଦାମ୍ ସାଙ୍ଗକୁ ପ୍ରଦୂଷଣ ରୋକିବା ହିଁ ଏହି ଶୋଭାଯାତ୍ରାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ବୋଲି ବୈଠକରେ ସୂଚନା ଦିଆଯାଇଥିଲା। ସଭାରେ ଯୁବକ ସଂଘର ସଭାପତି ରାଜେନ୍ଦ୍ର ବିଶ୍ୱାଳ ମୁଖ୍ୟ ଅତିଥି ଓ ଉଦୟବଟ ସମ୍ପାଦକ ଦୁଷ୍ମନ୍ତ କୁମାର ରାଉତ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ନିରଞ୍ଜନ ଘଡ଼ାଇ, ପ୍ରଫୁଲ୍ଲ କୁମାର ନାୟକ, ଲମ୍ବୋଦର ମଲ୍ଲିକ, ନିକୁ ବିହାରୀ ଧଳ, ଉପେନ୍ଦ୍ରନାଥ ମହାନ୍ତି, ବିଦ୍ୟୁତପ୍ରଭା ରାୟ, ନାରାୟଣ ନାୟକ, ପ୍ରତାପ କେଶରୀ ବେହୁରିଆ, ଅନାଦି ଚରଣ ନାୟକ, ଗୁଣନିଧି ପାତ୍ର, ଦୀପକ ମଳିକ, ସନାତନ ମଲ୍ଲିକ, ବୀର କିଶୋର ସାହୁ, କାର୍ତ୍ତିକଚନ୍ଦ୍ର ଆଇଚ, କଳିଙ୍ଗ ପହି, ନିତ୍ୟାନନ୍ଦ ଓଝା, ଦାମୋଦର ପଣ୍ଡା, ଯୋଗଗୁରୁ ବଟକୃଷ୍ଣ ପ୍ରଧାନ, ଭୁବନମୋହନ ମହାନ୍ତି, ଅଶ୍ୱିନି କୁମାର ଦାସ, ଅଭିରାମ ଦାସ, ହେମନ୍ତ କୁମାର ଧୀର, ନୃସିଂହଚରଣ କର ପ୍ରମୁଖ ଯୋଗ ଦେଇଥିଲେ। ମଞ୍ଚର କୋଷାଧ୍ୟକ୍ଷ ଶତ୍ରୁଘ୍ନ ପୁହାଣ ଧନ୍ୟବାଦ ଦେଇଥିଲେ।



ପରିବେଶ ସୁରକ୍ଷା ବାର୍ତ୍ତା ନେଇ ବାହାରିଥିବା ସାଇକେଲ ଶୋଭାଯାତ୍ରା।

### ■ ମଙ୍ଗରାଜପୁର ପଞ୍ଚାୟତରେ ବିଜେଡିର ମିଶ୍ରଣ ପର୍ବ
## ମିଶିଲେ ସରପଞ୍ଚ, ସମିତିସଭ୍ୟା, ଭାଜପାର ଛାମୁଆ କର୍ମୀ

**ରସୁଲପୁର,୧୫।୧୨(ଡି.ଏନ.ଏ)**

ରସୁଲପୁର ବ୍ଲକ ମଙ୍ଗରାଜପୁର ପଞ୍ଚାୟତର ଖଣ୍ଡାସ ଖେଳ ପଡିଆରେ ରବିବାର ସନ୍ଧ୍ୟାରେ ବିଜେଡି ପକ୍ଷରୁ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ମଙ୍ଗରାଜପୁର ପଞ୍ଚାୟତର ବିଜେଡି ସଭାପତି ନିରଞ୍ଜନ ପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ମୁଖ୍ୟ ଅତିଥିଭାବେ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ, ସମ୍ମାନିତ ଅତିଥି ଭାବେ ବରୀ ବିଧାୟିକା ସୁନନ୍ଦା ଦାସ, ଯାଜପୁର ଜିଲା ବିଜେଡି ସାଧାରଣ ସମ୍ପାଦକ ପ୍ରଦୀପ ଦାସ, ଜିଲାପରିଷଦ ସଭ୍ୟ ଅଶୋକ ସାମଲ, ବିଜେଡି ନେତା ଦେବେନ୍ଦ୍ର ଦାସ, ମଦନ ମୋହନ ମଳିକ ପ୍ରମୁଖ ଯୋଗଦେଇ ସ୍ଥାନୀୟ ସରପଞ୍ଚ କୁମୁଦିନୀ ନାୟକ, ସମିତି ସଭ୍ୟା ମହେଶ୍ୱତା ନାୟକ, ପୂର୍ବତନ ସରପଞ୍ଚ ଜଗବନ୍ଧୁ ବାରିକ, ଚିତ୍ତରଞ୍ଜନ ନାୟକ, ଜନାର୍ଦ୍ଦନ ଷଡଙ୍ଗୀ, ପ୍ରଦୀପ୍ତ ରଥ, ରମେଶ ମଲିକ, ବିଜୟ ଝୁଣ୍ଟିଆ, ରାକେଶ ତ୍ରିପାଠୀ, ଖଗେଶ୍ୱର ମହାନ୍ତି, ପ୍ରସନ୍ନ ମହାନ୍ତି, ମନୋଜ ଦାସ, ପବିତ୍ର ମିଶ୍ର, ସାଗର ନାୟକ, କୈଳାସ ଝୁଣ୍ଟିଆ, ଯଦୁନାଥ ଷଡଙ୍ଗୀ, ମନିଷା ମଳିକ, ଅମ୍ବିକା ମଳିକ, ପ୍ରକାଶ ମିଶ୍ର, ପ୍ରଦୀପ ମଳିକ, ମମତା ସାହୁ, ଶତ୍ରୁଘ୍ନ ଘଡାଇ, ବାବନ ବେହେରା, କଂଗ୍ରେସ ନେତା ପ୍ରଦୀପ ମଳିକ ଓ ତାଙ୍କର ସହଯୋଗୀ ଦଳ ଛାଡି ବିଜେଡିରେ ସାମିଲ ହୋଇଛନ୍ତି। ଅତିଥିମାନେ ଯୋଗ ଦେଇଥିବା ନେତା ଓ କର୍ମୀଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ଦଳରେ ସାମିଲ କରାଇଥିଲେ। ପୂର୍ବତନ ସରପଞ୍ଚ ଯଦୁନାଥ ଓଝା ଧନ୍ୟବାଦ ଦେଇଥିଲେ।





ବିଧାୟିକା ସୁନନ୍ଦା ଦାସ ଓ ବିଧାୟକ ପ୍ରଣବ ବଳବନ୍ତରାୟ ନୂତନ କର୍ମୀଙ୍କୁ ସ୍ୱାଗତ କରୁଛନ୍ତି।

## ବ୍ଲକସ୍ତରୀୟ ଦିବାରାତ୍ର ଭଲିବଲ ଟୁର୍ନାମେଣ୍ଟ: କଣ୍ଟାପାଟଣା ଚାମ୍ପିୟନ

**ଧର୍ମଶାଳା, ୧୫।୧୨(ଡିଏନ୍‌ଏ)**

ନେହେରୁ ଯୁବ କେନ୍ଦ୍ର, ଯାଜପୁର ତରଫରୁ ସୁକନ୍ୟା ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆନୁକୂଲ୍ୟରେ ବ୍ଲକସ୍ତରୀୟ ଦିବାରାତ୍ର ଭଲିବଲ ଟୁର୍ନାମେଣ୍ଟ ଶନିବାର ଜାରକାସ୍ଥିତ କଳ୍ପତରୁ ଦାସ ଷ୍ଟାଡିୟମ ପରିସରରେ ଅନୁଷ୍ଠିତ ହୋଇଥିଲା। ଏହିପ୍ରତିଯୋଗିତାରେ କଣ୍ଟାପାଟଣା ଭଲିବଲ ଟିମ୍ ଚାମ୍ପିୟନ ହୋଇଥିବାବେଳେ ଜାରକା ଭଲିବଲ ଟିମ୍ ରନର୍ସଅପ୍ ହୋଇ ପୁରସ୍କୃତ ହୋଇଛି। ବ୍ଲକର ବଛାବଛା ୬ଟି ଦଳ କଣ୍ଟାପାଟଣା, ବଳରାମପୁର, ସିଂହାପୁର, ନେଉଳପୁର, କଣ୍ଟିଗଡିଆ ଓ ଜାରକା ମଧ୍ୟରେ ପ୍ରତିଯୋଗିତା ହୋଇଥିଲା। ପୂର୍ବାହ୍ନରେ ଟୁର୍ନାମେଣ୍ଟକୁ ଅଂଶୁମାନ ମେମୋରିଆଲ ଟ୍ରଷ୍ଟ ସମ୍ପାଦକ ହିମାଂଶୁ ଶେଖର ସାହୁ ଉଦ୍‌ଘାଟନ କରିଥିବାବେଳେ ମୁଖ୍ୟ ଅତିଥିଭାବେ ଯାଜପୁର ଜିଲା ଶିଶୁ ମଙ୍ଗଳ କମିଟି ସଦସ୍ୟ ଡାକ୍ତର ରୁଦ୍ର ନାରାୟଣ ପୃଷ୍ଟି ଓ ସମ୍ମାନିତ ଅତିଥିଭାବେ 'ଆଜିର ଆହ୍ୱାନ' ସମ୍ପାଦକ ମାନସ ରଞ୍ଜନ ଜେନା ଯୋଗ ଦେଇଥିଲେ। ଅନୁଷ୍ଠାନ ସଭାପତି ଅଜୟ କୁମାର ବାରିକଙ୍କ ଅଧ୍ୟକ୍ଷତାରେ ନେହେରୁ ଯୁବକେନ୍ଦ୍ରର ଯାଜପୁର ଜିଲା ସଂଯୋଜକ ବାସୁଦେବ ଦାସ ଯୋଗଦେଇଥିବା ବେଳେ ସମ୍ପାଦିକା ରଞ୍ଜିତା ବାରିକ ବିବରଣୀ ପାଠ କରିଥିଲେ। ରାତିରେ ବରିଷ୍ଠ ଖବରଦାତା ରମାକାନ୍ତ ଜେନା ମୁଖ୍ୟ ଅତିଥିଭାବେ ଯୋଗଦେଇ ବିଜୟୀ କଣ୍ଟାପାଟଣା ଦଳକୁ ଚାମ୍ପିୟନ ଟ୍ରଫି ଓ ଜାରକା ଦଳକୁ ରନର୍ସ ଅପ୍ ଟ୍ରଫି ପ୍ରଦାନ କରିଥିଲେ। ସଭାପତି ବାରିକଙ୍କ ପୌରହିତ୍ୟରେ ସମ୍ମାନିତ ଅତିଥିଭାବେ କ୍ରୀଡାବିତ ପ୍ରହ୍ଲାଦ ପ୍ରଧାନ ଯୋଗ ଦେଇଥିଲେ। ଚିତ୍ତରଞ୍ଜନ ସିହ୍ନା, ସୁକାନ୍ତ ପଣ୍ଡା, ପ୍ରଶାନ୍ତ ଦାସ ଖେଳକୁ ପରିଚାଳନା କରିଥିବାବେଳେ ବିଶିଷ୍ଟ କ୍ରୀଡାବିତ ଚକ୍ରଧର ଲେଙ୍କା, ଦେବରାଜ ମିଶ୍ର ଓ ଗିରିଧାରୀ ବେହେରା ଧାରା ବିବରଣୀପ୍ରଦାନ କରିଥିଲେ।

### ■ ରତଳାଙ୍ଗରେ ମହିଳାଙ୍କୁ ହତ୍ୟା ଅଭିଯୋଗ ଘଟଣା
## ସ୍ୱାମୀ, ଯାଆ କୋର୍ଟ ଚାଲାଣ

**ବିଞ୍ଝାରପୁର,୧୫।୧୨(ଡି.ଏନ.ଏ)**

ବିଞ୍ଝାରପୁର ଥାନା ବରୀ ବ୍ଲକ ରତଳାଙ୍ଗ ଗ୍ରାପ ମଠସାହିରେ ଗତ ମଙ୍ଗଳବାର ରାତିରୁ ନିଖୋଜ ଥିବା କବିତା ବରାଳଙ୍କ ମୃତଦେହ ଶୁକ୍ରବାର ସ୍ଥାନୀୟ ପୋଖରୀରେ କ୍ଷତବିକ୍ଷତ ଅବସ୍ଥାରେ ମିଳିଥିଲା। ତାଙ୍କୁ ଶାଶୁଘର ଲୋକେ ଅଧିକ ଯୌତୁକ ଦାବିରେ ହତ୍ୟା କରିଥିବା ନେଇ କବିତାଙ୍କ ମା' ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ବିଞ୍ଝାରପୁର ପୋଲିସ କବିତାଙ୍କ ସ୍ୱାମୀ ଲକ୍ଷ୍ମୀଧର ସାମଲ ଓ ଯାଆ ତପସ୍ୱିନୀ ସାମଲଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ପ୍ରକାଶ ଯେ, ଯାଜପୁର ବ୍ଲକ ସିମିଳିଆ ପଞ୍ଚାୟତର ଚୈତନ୍ୟ ବରାଳଙ୍କ ଝିଅ କବିତା ବିଞ୍ଝାରପୁର ଥାନା ରତଳାଙ୍ଗ ମଠସାହି ଗ୍ରାମର ବାମଦେବ ସାମଲଙ୍କ ପୁଅ ଲକ୍ଷ୍ମୀଧର ସାମଲଙ୍କୁ ଗତ ୩ବର୍ଷ ତଳେ ବୈଦିକରୀତିରେ ବିବାହ କରିଥିଲେ। ବିବାହ ପରଠାରୁ ଶାଶୁଘର ପକ୍ଷରୁ ୧ଲକ୍ଷ ଟଙ୍କା ଅଧିକ ଯୌତୁକ ଦାବି କରାଯିବା ସହ କବିତାଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦିଆଯାଉଥିଲା। ଏନେଇ ଗତ ୧୦ତାରିଖ ରାତିରେ କବିତା ନିଜ ମା' ଜ୍ୟୋତ୍ସ୍ନାରାଣୀଙ୍କୁ ଫୋନ କରି ୧ଲକ୍ଷ ଟଙ୍କା ନ ଦେଲେ ଶାଶୁଘର ଲୋକେ ତାଙ୍କୁ ମାରିଦେବାକୁ ଧମକ ଦେଇଥିବା କହିଥିଲେ। ବୁଧବାର ସକାଳେ କବିତାଙ୍କ ବାପଘର ଲୋକେ ଝିଅ ଶାଶୁଘରେ ପହଞ୍ଚି ଥିଲେ। ସେଠାରେ ଝିଅକୁ ନ ପାଇ ପଚାରିବାରୁ ମଙ୍ଗଳବାର ରାତିରେ କବିତା କୁଆଡ଼େ ଚାଲିଯାଇଛନ୍ତି ବୋଲି ଶାଶୁଘର ଲୋକେ ସଫେଇ ଦେଇଥିଲେ। ଏହି ଘଣାରେ କବିତାଙ୍କ ମା' ଜ୍ୟୋତ୍ସ୍ନାରାଣୀ ତାଙ୍କ ଝିଅକୁ ଶାଶୁଘର ଲୋକେ ଯୌତୁକ ଦାବିରେ ମାରିଦେଇ ନିଖୋଜ କରିଦେଇଥିବା ସନ୍ଦେହ କରି ବିଞ୍ଝାରପୁର ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ଉକ୍ତ ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା(୩୫୯/୨୦୧୯) ରୁଜୁ କରି ତଦନ୍ତ ଚଳାଇଥିଲା। ଶୁକ୍ରବାର ସକାଳେ କବିତାଙ୍କ ମୃତଦେହ ପୋଖରୀରେ ଭାସୁଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ।

## ଜାରକାଠାରେ ଧନୁ ସଂକ୍ରାନ୍ତିଠାରୁ ଗଜ ଉଦ୍ଧାରଣ ପୂଜା

**ଧର୍ମଶାଳା,୧୫।୧୨(ଡିଏନ୍‌ଏ)**

ଧର୍ମଶାଳା ମହୋତ୍ସବ ପୂଜା କମିଟି ଜାରକା ପକ୍ଷରୁ ଧନୁ ସଂକ୍ରାନ୍ତିଠାରୁ ଶ୍ରୀଶ୍ରୀ ଲକ୍ଷ୍ମୀନାରାୟଣ (ଗଜଉଦ୍ଧାରଣ) ପୂଜା ୩୮ବର୍ଷରେ ପଦାର୍ପଣ କରିବାକୁ ଯାଉଛି। ଏଥିପାଇଁ କମିଟି ପକ୍ଷରୁ ମହାଆଡମ୍ବର ସହକାରେ ଲକ୍ଷ୍ମୀ ନାରାୟଣଙ୍କ ମୂର୍ତ୍ତି, କାଳିଆ ଦଳନ ସହ ବାରୁଆଳି ନିର୍ମାଣ ହୋଇଛି। ପୂଜା ମଣ୍ଡପରେ ଏକ ବିରାଟ ତୋରଣର ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏଥିସହ ବିଭିନ୍ନ ବଜାରରେ ତୋରଣ ସହ ଆଲୋକୀକରଣ କରାଯାଇଛି। ଧନୁ ସଂକ୍ରାନ୍ତିଠାରୁ ଗଜଉଦ୍ଧାରଣ ପୂଜା ଶୁଭାରମ୍ଭ ହୋଇ ୧୮ତାରିଖ ବୁଧବାର ସନ୍ଧ୍ୟାରେ ଘଟ ବିସର୍ଜନ ହେବ। ଆସନ୍ତା ୨୫ରୁ ୧୫ତମ ମହୋତ୍ସବ ଉଦଘାଟନ ହୋଇ ଜାନୁଆରୀ ୫ରେ ଉଦ୍‌ଯାପିତ ହେବ ଓ ପ୍ରତ୍ୟେହ ସନ୍ଧ୍ୟାରେ ରାଜ୍ୟ ଓ ରାଜ୍ୟ ବାହାରର ଅନୁଷ୍ଠାନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି କମିଟି ସଭାପତି ଜଳଧର ମହାନ୍ତି ଓ ସମ୍ପାଦକ ସତ୍ୟପ୍ରିୟ ମହାନ୍ତି ସୂଚନା ଦେଇଛନ୍ତି।



ଲକ୍ଷ୍ମୀନାରାୟଣଙ୍କ ମୃଣ୍ମୟ ମୂର୍ତ୍ତି



ପୂଜା ଉପଲକ୍ଷେ ନିର୍ମିତ ତୋରଣ

## ସଂକ୍ଷେପରେ

### ରୂପକ ଖୁଣ୍ଟିଆ ଶାରଳା ମଣ୍ଡଳ ଭାଜପା ସଭାପତି

**ତିର୍ତ୍ତୋଲ, ୧୫।୧୨ (ଡି.ଏନ୍.ଏ.):** ତିର୍ତ୍ତୋଲ ବ୍ଲକ ୩ନଂ ଜୋନସ୍ଥିତ ଶାରଳା ମଣ୍ଡଳରେ ଭାଜପାର ନୂତନ ସଭାପତି ଭାବେ ଯୁବ ସଙ୍ଗଠକ ରୂପକ ଖୁଣ୍ଟିଆଙ୍କୁ ନିଯୁକ୍ତି ଦିଆଯାଇଛି। ଭାଜପା ଜିଲା କାର୍ଯ୍ୟାଳୟରେ ରାଜ୍ୟ ସାଧାରଣ ସମ୍ପାଦକ ପୃଥୀରାଜ ହରିଚନ୍ଦନ, ବିଭୁପ୍ରସାଦ ତରାଇ, ଜିଲା ସଭାପତି ସତ୍ୟବ୍ରତ ମହାପାତ୍ର ପମୁଖଙ୍କ ଉପସ୍ଥିତିରେ ତାଙ୍କୁ ଏହି ଦାୟିତ୍ୱ ପ୍ରଦାନ କରାଯାଇଛି।

### ବରିଷ୍ଠ ନାଗରିକ ସଂଘ ବାର୍ଷିକୋତ୍ସବ

**ବିରିଡ଼ି,୧୫।୧୨(ଡି.ଏନ.ଏ):** ଶଙ୍ଖପୁର ବରିଷ୍ଠ ନାଗରିକ ସଂଘର ତୃତୀୟ ବାର୍ଷିକ ଉତ୍ସବ ସଂଘ ସ୍ଥାୟୀ ସଭାପତି ହୃଦାନନ୍ଦ ଜେନାଙ୍କ ସଭାପତିତ୍ୱରେ ରବିବାର ପାଳିତ ହୋଇଯାଇଛି। ସଭାରେ ପଣ୍ଡିତ କୃଷ୍ଣଚନ୍ଦ୍ର ତ୍ରିପାଠୀ, ଅଧାପକ ସନ୍ତୋଷ ତ୍ରିପାଠୀ, ବିରିଡ଼ି ବ୍ଲକ ଅଧକ୍ଷ ପଦ୍ମନାଭ ଭୋଇ, ସରପଞ୍ଚ ରଶ୍ମିରଞ୍ଜନ ବେହେରା ଯୋଗଦେଇ ସମାଜ ଗଠନରେ ବରିଷ୍ଠ ନାଗରିକଙ୍କ ଭୂମିକା ଉପରେ ସାରଗର୍ଭକ ଅଭିଭାଷଣ ରଖିଥିଲେ। ବରିଷ୍ଠ ନାଗରିକ ସଂଘ ଉପସଭାପତି କାଳୀପ୍ରସାଦ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ସହସମ୍ପାଦକ କ୍ଷୀରୋଦ ଚନ୍ଦ୍ର ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ସମ୍ପାଦକ ପ୍ରଫୁଲ୍ଲ ବେହେରା ବାର୍ଷିକ ବିବରଣୀ ପାଠ କରିଥିଲେ। ସଭ୍ୟ ପ୍ରକାଶ ଚନ୍ଦ୍ର ଭୂୟାଁ ଓ ନରେନ୍ଦ୍ର ପ୍ରସାଦ ଭୋଇ ବରିଷ୍ଠ ନାଗରିକଙ୍କ ଉପଯୋଗିତା ଉପରେ ଆଧାରିତ କବିତାମାନ ଗାନ କରିଥିଲେ। ସଭାପତି ହୃଦାନନ୍ଦ ଜେନାଙ୍କ ରଚିତ ବରିଷ୍ଠଙ୍କ ପ୍ରତି ସମାଜର ଦାୟବଦ୍ଧତା ଭିତ୍ତିକ ଏକାଙ୍କିକା 'ହାୟରେ ପୁଅ'ସଂଘର ସଭ୍ୟମାନଙ୍କ ଦ୍ୱାରା ମଞ୍ଚସ୍ଥ ହୋଇ ଅତିଥି ଓ ଦର୍ଶକମାନଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଥିଲା। ସଂଘ ସଭ୍ୟ ସର୍ବଶ୍ରୀ ଚିତ୍ତରଞ୍ଜନ ଜେନା, ଗଜେନ୍ଦ୍ର ସାହୁ, ପ୍ରକାଶ ଚନ୍ଦ୍ର ଭୂୟାଁ, କ୍ଷୀରୋଦ ଚନ୍ଦ୍ର ସାହୁ, ହୃଦାନନ୍ଦ ଜେନା, କାଳୀପ୍ରସାଦ ମହାପାତ୍ର ପ୍ରମୁଖ ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ।

### ଆର୍‌ଏସ୍‌ଏସ୍‌ର ବାର୍ଷିକ ଖଣ୍ଡ ସମ୍ମିଳନୀ

**ବାଲିଆ,୧୫।୧୨:** ରଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ବିରିଡି ଖଣ୍ଡ ଆନୁକୁଲ୍ୟରେ ସ୍ଥାନୀୟ କୁଳକଇଜଂଗା ଶିଶୁ ବିଦ୍ୟାମନ୍ଦିର ଖେଳ ପଡିଆରେ ବାର୍ଷିକ ଖଣ୍ଡ ସମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀ ସକାଳ ୮ଟାରୁ ଆରମ୍ଭ ହୋଇ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଚାଲିଥିଲା। ଉଦ୍‌ଘାଟକ ଭାବେ ଡ. ଲକ୍ଷ୍ମୀଧର ରାଉତ ଯୋଗଦେଇଥିବାବେଳେ ଡ.ସନ୍ତୋଷ କୁମାର ରାଉତରାୟ ଏବଂ ଜିଲା କାର୍ଯ୍ୟବାହ ବିଜୟ କୁମାର ନାୟକ ଯାଗଦେଇ ବୈଦିକ ସଂସ୍କୃତି ଓ ଧର୍ମ ଉପରେ ଆଲୋଚନା କରିଥିଲେ। ୧୦୦ରୁ ଊର୍ଦ୍ଧ୍ୱ ଯୁବକଙ୍କୁ ଖଣ୍ଡ ଶାରିରୀକ ପ୍ରମୁଖ ଅଜିତାବ୍ ଭୂୟାଁ ସୂର୍ଯ୍ୟନମସ୍କାର, ଯୋଗାସନ, ଦଣ୍ଡ ବ୍ୟାମଯୋଗ ଶିକ୍ଷା ପ୍ରଦାନ କରିବା ସହ ଶିକ୍ଷାର୍ଥୀମାନେ ଆତ୍ମରକ୍ଷା କୌଶଳ ପଦର୍ଶନ କରିଥିଲେ। ଉଦ୍‌ଯାପନ ଉତ୍ସବରେ ମୁଖ୍ୟ ଅତିଥିଭାବେ ଧାନକୁଦ ପୀଠର ପୀଠାଧିସ ପ୍ରେମ ସାଗର ବାବା ଅରକ୍ଷିତ ଦାସ ମହାରାଜ ଯୋଗ ଦେଇଥିଲେ। ବିରିଡି ଖଣ୍ଡ ସଂଘ ଚାଳକ ଶୁରେସ ଚନ୍ଦ୍ର ରାୟ, ସହବିଭାଗ କାର୍ଯ୍ୟବାହ କୁମର ସାହୁ, ଜିଲା ଗୋ ସେବା ପ୍ରମୁଖ ଭାସ୍କର ଚନ୍ଦ୍ର ବେହେରା, ବିଭାଗ ସେବା ପ୍ରମୁଖ ବିଜୟ କୁମାର ଦତ୍ତ, ବିରିଡି ଖଣ୍ଡ କାର୍ଯ୍ୟବାହ ଧରଣୀଧର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ଅବସରପ୍ରାପ୍ତ କର୍ମଚାରୀ ସଂଘ ବୈଠକ

**ବାଲିକୁଦା୧୫।୧୨(ସ୍ୱ.ପ୍ର.):** ରାଜ୍ୟ ଅବସରପ୍ରାପ୍ତ କର୍ମଚାରୀ ସଂଘ ବୋରିକିନା ଶାଖାର ମାସିକ ବୈଠକ ସଭାପତି ବଂଶୀଧର ଶତପଥୀଙ୍କ ଅଧକ୍ଷତାରେ ସ୍ଥାନୀୟ ଜାଗ୍ରତ ଗୌରୀ ପୀଠରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ସଂଘ ସଭ୍ୟ କୃଷ୍ଣଚନ୍ଦ୍ର ବିଶ୍ୱାଳଙ୍କ ସ୍ତ୍ରୀ ଶୈଳବାଳାଙ୍କ ବିୟୋଗରେ ନୀରବ ପ୍ରାର୍ଥନା କରାଯାଇଥିଲା। ସମ୍ପାଦକ ଡ. ବିଷ୍ଣୁଚରଣ ସ୍ୱାଇଁ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ସଂଘ ନିଷ୍ପତ୍ତିକ୍ରମେ ଚିକିତ୍ସାଭତ୍ତା ଓ ଅନ୍ୟ ଦାବି ସମ୍ପର୍କରେ ଜିଲାପାଳଙ୍କ ମାଧମରେ ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ ପାଇଁ ନିଷ୍ପତ୍ତି ହୋଇଥିଲା। ଭଗବାନ ରାଉତ, ଭଗବାନ ଲେଙ୍କା, ନଗେନ୍ଦ୍ରନାଥ ବିଶ୍ୱାଳ, ବଂଶୀଧର ବିଶ୍ୱାଳ, ହରିଶ୍ଚନ୍ଦ୍ର ସାହୁ, ବ୍ରହ୍ମାନନ୍ଦ ମହାନ୍ତି, ତ୍ରିଲୋଚନ ଶତପଥୀ, ଘନଶ୍ୟାମ ସ୍ୱାଇଁ, ଆର୍ତ୍ତତ୍ରାଣ ସ୍ୱାଇଁ ପ୍ରମୁଖ ଯୋଗଦେଇ ସଂଗଠନର ବିଭିନ୍ନ ଅଭାବ ଅସୁବିଧା ସମ୍ପର୍କରେ ଆଲୋଚନା କରିଥିଲେ।

# ଖାଲି ପଡ଼ିଛି ୩୬ ଡାକ୍ତର ପଦବୀ

**ଜଗତ୍‌ସିଂହପୁର ଅଫିସ,୧୫।୧୨**

ସ୍ୱାସ୍ଥ୍ୟ ସେବାରେ ସୁଧାର ଆଣିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୋ ସରକାର ଯୋଜନା ପ୍ରଣୟନ କରିଛନ୍ତି। ଏହି ଅନୁଯାୟୀ ଜଗତ୍‌ସିଂହପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଉକ୍ତ ଯୋଜନା କାର୍ଯ୍ୟକାରୀ ହେଉଥିବା ଦର୍ଶାଯାଉଛି। ବାସ୍ତବରେ କିନ୍ତୁ ସରକାର ଲୋକଙ୍କୁ ଭଣ୍ଡାଉଥିବା ଅଭିଯୋଗ ହେଉଛି। କାରଣ ଜଗତ୍‌ସିଂହପୁର ଜିଲା ୧୯୯୩ ମସିହାରେ ଜନ୍ମ ନେଇଥିଲା। ସେତେବେଳେ ଜିଲା ମୁଖ୍ୟ ଚିକିତ୍ସାଳୟର ଶଯ୍ୟା ସଂଖ୍ୟା ୧୨୬ ଥିଲା। ଦୀର୍ଘ ୨୬ ବର୍ଷ ପରେ ମଧ ଏହି ସଂଖ୍ୟା ଯେତିକି ଥିଲା ସେତିକିରେ ରହିଛି। ଯାହାକି ସବୁଠାରୁ ବଡ଼ ସମସ୍ୟା ସୃଷ୍ଟି କରିଛି। ସର୍ବନିମ୍ନ ୩୦୦ ଶଯ୍ୟାର ଆବଶ୍ୟକତା ଥିବା ବେଳେ ଏତେ କମ ଶଯ୍ୟାରେ ରୋଗୀ କିପରି ସେବା ପାଉଥିବେ ତାହା ସହଜେ ଅନୁମେୟ। ସେହିପରି ଡାକ୍ତର ସଂଖ୍ୟା ଦିନକୁ ଦିନ କମି କମି ଚାଲିଛି। ଚିକିତ୍ସାଳୟରେ ମୋଟ ଅନୁମୋଦିତ ଡାକ୍ତର ପଦବୀ ସଂଖ୍ୟା ୫୮ ଥିବାବେଳେ ବାସ୍ତବରେ ଅଛନ୍ତି ମାତ୍ର ୨୨ ଜଣ। ଫଳରେ ୩୬ଟି ଡାକ୍ତର ପଦବୀ ଖାଲିପଡ଼ିଛି। ଯାହାକି ଚିନ୍ତାର କାରଣ ହୋଇଛି। ଜିଲାର ବିରିଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ବାଦଦେଲେ ଅନ୍ୟ ବ୍ଲକ ଅଞ୍ଚଳର କୌଣସି ସ୍ୱାସ୍ଥ୍ୟ କେନ୍ଦ୍ରରେ ପ୍ରସୂତି ଓ ସ୍ତ୍ରୀ ରୋଗ ପରାମର୍ଶଦାତା ନାହାନ୍ତି। ତେଣୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭିଡ ହେଉଛି। ସେ ଦୃଷ୍ଟିରୁ ପ୍ରସୂତି ବିଭାଗରେ ସବୁବେଳେ ଭିଡ ଲାଗି ରହୁଛି। ରାଜ୍ୟର ଅନେକ ଜିଲା ମୁଖ୍ୟ ଚିକିତ୍ସାଳୟରେ ଅଲଟ୍ରାସାଉଣ୍ଡ, ସିଟି ସ୍କାନ୍, ଏମ୍‌ଆର୍‌ଆଇ ଆଦି ଅତ୍ୟାଧୁନିକ ଯନ୍ତ୍ରପାତି ଓ ସେବା ଉପଲବ୍ଧ ଥିବାବେଳେ ଏଠାରେ ନାହିଁ। ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ମାତୃ ଶିଶୁ ୱାର୍ଡ (ଏମ୍‌ସିଏଚ୍) ବିଲ୍ଡିଂ ନିର୍ମାଣ ପାଇଁ ୧୭ କୋଟି ଟଙ୍କା ଅନୁଦାନ ଆସିଛି। ଏହି ଅନୁଦାନରେ ଚିକିତ୍ସାଳୟ ପାର୍ଶ୍ୱ ଜଳସେଚନ ବିଭାଗ କର୍ମଚାରୀଙ୍କ କ୍ୱାର୍ଟରରେ ବହୁତଳ ବିଶିଷ୍ଟ ବିଲ୍ଡିଂ ନିର୍ମାଣ ହେବା କଥା। କିନ୍ତୁ ଏଯାଏ ଜଳସେଚନ ବିଭାଗରୁ ସ୍ୱାସ୍ଥ୍ୟ ବିଭାଗକୁ ଜମି ହସ୍ତାନ୍ତର ହୋଇପାରି ନ ଥିବାରୁ ଅନୁଦାନ ବିନିଯୋଗରେ ବିଳମ୍ୱ ହେଉଛି।



ଶଯ୍ୟା ଅଭାବରୁ ବାରଣ୍ଡାରେ ରୋଗୀସେବା କରାଯାଉଛି।

ସୂଚନା ଅନୁଯାୟୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଥିବା ମୋଟ ୧୨୬ ଶଯ୍ୟା ମଧ୍ୟରୁ ଭେଷଜରେ ୨୪, ସଲ୍ୟ ୨୪, ପ୍ରସୂତି ୨୪, ଶିଶୁରୋଗ ୨୪, ଟିବି/ସିଡି ୪, ଚକ୍ଷୁ ୨୦ ଓ ହଇଜାରେ ୬ଟି ରହିଛି। ଏତେ କମ ସଂଖ୍ୟକ ଶଯ୍ୟା ଯୋଗୁ ଅଧିକାଂଶ ସମୟରେ ରୋଗୀ ବାରଣ୍ଡାରେ ଅବହେଳିତ ଅବସ୍ଥାରେ ରହୁଛନ୍ତି। ଭିତ୍ତିଭୂମି ଅଭାବରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ଚିକିତ୍ସାଳୟ ପକ୍ଷରୁ ସଫେଇ ଦିଆଗଲେ ମଧ ତାହା ଲୋକଙ୍କ ଅସନ୍ତୋଷକୁ ପ୍ରଶମିତ କରିପାରୁ ନାହିଁ। ଅନ୍ୟପକ୍ଷରେ ଏକାଧିକ ଗୁରୁତ୍ୱପୂର୍ଣ୍ଣ ଯଥା ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ, ଜିଲା ମେଡିକାଲ ଅଫିସର ତଥା ଜିଲା ମୁଖ୍ୟାଳୟ ଡାକ୍ତରଖାନା ସୁପରିଣ୍ଟେଣ୍ଡେଣ୍ଟ, ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ (ପରିବାର ମଙ୍ଗଳ), ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ (ଭିବିଡି) ପଦବୀ ଖାଲି ପଡିଛି। ଏହାବାଦ୍ ସ୍ତ୍ରୀରୋଗ, ଭେଷଜ, ଚକ୍ଷୁ ଓ ନିଶ୍ଚେତକ ବିଭାଗର ବରିଷ୍ଠ ପରାମର୍ଶଦାତା ନାହାନ୍ତି। ଅସ୍ଥିଶଲ୍ୟ, ଚର୍ମରୋଗ ଓ ଟିବି ଆଦିର ପରାମର୍ଶଦାତା ପଦବୀ ପୂରଣ ହୋଇ ପାରୁନାହିଁ। ୩ଟି ଜିଡିଏମ୍‌ଓ(ଜେନେରାଲ ଡ୍ୟୁଟି ମେଡିକାଲ ଅଫିସର) ଓ ୧୬ଟି ଏଲ୍‌ଟିଆର୍‌ଏମ୍‌ଓ (ଲିଭ୍ ଟ୍ରେନିଂ ରିଜର୍ଭ ମେଡିକାଲ ଅଫିସର)ପଦବୀ ଖାଲି ପଡିଛି। ଜଣେ ଭେଷଜ ବରିଷ୍ଠ ପରାମର୍ଶଦାତା ୩ ମାସ ଓ ଜଣେ ଚକ୍ଷୁରୋଗ ପରାମର୍ଶଦାତା ଲମ୍ବା ଛୁଟିରେ ଯାଇଛନ୍ତି। ଜଣେ ରେଡିଓଲୋଜି ବିଶେଷଜ୍ଞ ୧ ବର୍ଷ ପାଇଁ ତାଲିମରେ ଅଛନ୍ତି। ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସାଳୟ ଭାରପ୍ରାପ୍ତ ଏଡିଏମ୍‌ଓ ଡା. ବସନ୍ତ ବାରିକଙ୍କୁ ପଚାରିବାରେ ସେ କହିଥିଲେ, ଶୀଘ୍ର ଖାଲି ପଦବୀ ପୂରଣ ଓ ସଜ୍ୟା ସଂଖ୍ୟା ବୃଦ୍ଧି ସମେତ ଅନ୍ୟାନ୍ୟ ଆବଶ୍ୟକତା ପୂରଣ ପାଇଁ ଜିଲାପାଳଙ୍କ ପକ୍ଷରୁ ରାଜ୍ୟ ସରକାରଙ୍କୁ ଅବଗତ କରାଯାଇଛି। ସେହିପରି ନିକଟରେ ଗ୍ରାମ୍ୟ ଉନ୍ନୟନ ସଚିବ ପ୍ରଦୀପ ଜେନାଙ୍କ ଜିଲା ଗସ୍ତ ସମୟରେ ଏହି ପ୍ରସଙ୍ଗ ଉଠାଯାଇଛି ବୋଲି କହିଛନ୍ତି।

**ଜଗତ୍‌ସିଂହପୁର ଜିଲା ମୁଖ୍ୟ ଚିକିତ୍ସାଳୟ**

- ୨୨ ଡାକ୍ତରରେ ଚାଲିଛି ରୋଗୀସେବା
- ଜିଲା ଆରମ୍ଭରୁ ଶଯ୍ୟାସଂଖ୍ୟା ୧୨୬ରେ ସୀମିତ
- ନାହିଁ ସିଟି ସ୍କାନ୍, ଏମ୍‌ଆର୍‌ଆଇ ଓ ଅଲଟ୍ରାସାଉଣ୍ଡ ସୁବିଧା

### ଚାଷୀଙ୍କ ପାଇଁ ୩ ନଳକୂପ, ୨ ମଣ୍ଡପ ନିର୍ମାଣ

**ରଘୁନାଥପୁର, ୧୫। ୧୨ (ଡି.ଏନ.ଏ.):** ଚାଷୀଙ୍କ ନିମନ୍ତେ ଜଳସେଚନ ସୁବିଧା ପାଇଁ ରଘୁନାଥପୁର ବ୍ଲକ ସାଦେଇପୁର ପଞ୍ଚାୟତ ରାଉତନୂଆଗାଁରେ ୨ ଓ ତରିକୁନ୍ଦ ପଞ୍ଚାୟତ ନୂଆଦାରେ ୧ ନଳକୂପ ଏବଂ ରାଉତନୂଆଗାଁରେ ୧ ଓ ବଡ ତିହିଡାରେ ୧ ମଣ୍ଡପ ଇଫ୍‌କୋ ଓ ଆଇଏଫ୍‌ସି ଇଣ୍ଡିଆନ ଫାର୍ମ ଫରେଷ୍ଟ୍ରି ଡେଭଲମେଣ୍ଟ କୋ-ଅପରେଟିଭ) ପକ୍ଷରୁ ନିର୍ମାଣ କରାଯାଇଛି। ଏହାଦ୍ୱାରା ୧୦ ଏକର ଚାଷ ଜମିକୁ ଜଳସେଚନ ସୁବିଧା ହେବ। ମଣ୍ଡପ ସ୍ଥାପନ ଦ୍ୱାରା ମହିଳା ଏସ୍‌ଏଚ୍‌ଜି ଓ ଚାଷୀ ସେମାନଙ୍କ ବୈଠକ ଏବଂ ଅନ୍ୟ କାର୍ଯ୍ୟକ୍ରମ କରିବାରେ ସୁବିଧା ହେବ। କ୍ଷେତ୍ରାଧିକାରୀ ଅଜୟ ବଳବନ୍ତରାୟଙ୍କ ତତ୍ତ୍ୱାବଧାନରେ ନିର୍ମିତ ପ୍ରକଳ୍ପଗୁଡିକୁ ପ୍ରୋଜେକ୍ଟ କୋ ଅର୍ଡିନେଟର ତନବିର ନାସିର ଖାନ ଉଦଘାଟନ କରିଥିଲେ। ନଳକୂପରେ ଦୁଇ ଏଚପି ପମ୍ପସେଟ ଲଗାଯାଇଛି। ଏହାର ତତ୍ତ୍ୱାବଧାନ ଦାୟିତ୍ୱ ମହିଳା ଏସ୍‌ଏଚଜିଙ୍କୁ ପ୍ରଦାନ କରାଯାଇଛି। ଚାଷୀ ସଂସ୍ଥା ପକ୍ଷରୁ ଯୋଗାଇ ଦିଆଯାଇଥିବା ବିଭିନ୍ନ ପନିପରିବା ମଞ୍ଜି ନେଇ ଚାଷ କରିଛନ୍ତି। ଏହାଛଡା ନୂତନ ଭାବେ ନିର୍ମିତ ମଣ୍ଡପରେ ଗ୍ରାମବାସୀ ପୂଜା ଓ ବିବାହ ଆଦି କରୁଥିବାର ଲକ୍ଷ୍ୟ କରାଯାଉଛି। ଆଗକୁ ଇଫ୍‌କୋ ଓ ଆଇଏଫଏଫଡିସି ମିଳିତ ସହଯୋଗରେ ବ୍ୟାପକ ଜନକଲ୍ୟାଣମୂଳକ କାର୍ଯ୍ୟକ୍ରମ କରାଯିବ ବୋଲି କ୍ଷେତ୍ରାଧିକାରୀ କହିଛନ୍ତି।

## ରାଢ଼ଙ୍ଗରେ ଜମୁଛି ଲକ୍ଷ୍ମୀପୂଜା

**ରଘୁନାଥପୁର ,୧୫। ୧୨ (ଡି.ଏନ.ଏ.)**

ରଘୁନାଥପୁର ବ୍ଲକ ରାଢଙ୍ଗ ପଞ୍ଚାୟତରେ ଜମୁଛି ଲକ୍ଷ୍ମୀ ପୂଜାର ମାହୋଲ। ମାଣବସା ଗୁରୁବାରଠାରୁ ୭ଟି ମଣ୍ଡପରେ ପୂଜା ପାଉଛି ମା'ଙ୍କ ମୃଣ୍ମୟୀ ମୂର୍ତ୍ତି। ବିଭିନ୍ନ ମଣ୍ଡପ ପକ୍ଷରୁ ସାଂସ୍କୃତିକ ଓ ସଚେତନତା ଭିତ୍ତିକ କାର୍ଯ୍ୟକ୍ରମ ଚାଲିଛି। ଆକର୍ଷଣୀୟ ସାଜସଜାକୁ ଛୋଟି ଓ ଚିତାର ନିର୍ମିତ ରଙ୍ଗ ବେରଙ୍ଗର ଫୁଲ ପରିବେଶକୁ ରଙ୍ଗାୟିତ କରିଛି। ସନ୍ଧ୍ୟା ହେଲେ ପୁରପଲ୍ଲୀ ଉତ୍ସବ ମୁଖରିତ ହୋଇ ଉଠୁଛି। ପାଲା, ଦାସକାଠିଆ, ଭଜନ ସନ୍ଧ୍ୟା ଓ ମେଲୋଡି କାର୍ଯ୍ୟକ୍ରମ ଦେଖିବାକୁ ଲୋକଙ୍କ ଭିଡ ଜମୁଛି। ଗାଁଠାରୁ ଦୂରରେ ରହୁଥିବା ଲୋକେ ମା'ଙ୍କ ପୂଜା ସମୟରେ ଘରକୁ ଆସିଛନ୍ତି। ତେବେ ଅନୁଷ୍ଠାନ ଭାଇଚାରାର ବାର୍ତ୍ତା ଦେଇଥାଏ ବୋଲି ମହାଦେବ ଲକ୍ଷ୍ମୀ ପୂଜା କମିଟିର ସଭାପତି ସନ୍ନ୍ୟାସୀ ସାମଲ କହିଛନ୍ତି। ଗତ ୩୩ ବର୍ଷ ଧରି ଅନୁଷ୍ଠାନ ଚାଲି ଆସିଥିବା ଏବଂ ଗ୍ରାମର ସମସ୍ତେ ମା' ନିକଟରେ ଏକତ୍ରିତ ହୋଇଥାନ୍ତି ବୋଲି କମଳକାନ୍ତ ରାଉତ ପ୍ରକାଶ କରିଛନ୍ତି। ସେହିପରି ସମ୍ପର୍କକୁ ଦୃଢୀଭୂତ କରିବାରେ ମା'ର ଆଶୀର୍ବାଦ ଥାଏ ବୋଲି ସୁଧୀର ରଞ୍ଜନ ବାରିକ କହିଛନ୍ତି। ଗ୍ରାମରେ ଏହି ପର୍ବ ପାଳନ ପାଇଁ ଅପେକ୍ଷା କରି ରହିଥାନ୍ତି ଲୋକେ। ପ୍ରତି ପରିବାରକୁ ବାନ୍ଧୁବାନ୍ଧବ ଆସିଥାନ୍ତି। ସାମଗ୍ରିକ୍ ଭାବେ ପୂଜାକୁ ସରସ ସୁନ୍ଦର କରିବାକୁ ମହିଳାମାନେ ଅଣ୍ଟା ଭିଡିଥାନ୍ତି ବୋଲି ଅପରାଜିତା ପାଳ, କଣ୍ଢେଇ ସାମଲ, ଟିକିନା ଜେନା, ଡଲି ଜେନା ଓ ସୁଷମା ରାଉତ ପ୍ରମୁଖ କହିଛନ୍ତି। ରାଢଙ୍ଗ ଗାଁର ମା' ନାରାୟଣୀ କମିଟି, ପାଳ ସାହି, ପତିତପାବନ ପୂଜା କମିଟି, କଳିଙ୍ଗା ପୂଜା କମିଟି ଓ ଜିଲା ଗାଁର ୨ ସ୍ଥାନରେ ମା' ଲକ୍ଷ୍ମୀ ପୂଜା ପାଉଛନ୍ତି। ଏହାଛଡା ସ୍ଥାନୀୟ ପଞ୍ଚାୟତକୁ ଲାଗିଥିବା ରେଡୁଆର ଇଚ୍ଛାପୁର ଗାଁରେ ମଧ ୨ଟି ମଣ୍ଡପରେ ମା' ପୂଜା ପାଉଛନ୍ତି। ଏ ସମ୍ପର୍କରେ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ ସୁରେଶ ଚନ୍ଦ୍ର ରାଉତ କୁହନ୍ତି, ରଜ, ଦଶହରା ଭଳି ମାଣବସା ଲକ୍ଷ୍ମୀ ପୂଜା ପଞ୍ଚାୟତରେ ଯଥେଷ୍ଟ ଗୁରୁତ୍ୱ ବହନ କରିଥାଏ। ଗ୍ରାମବାସୀଙ୍କ ପ୍ରତ୍ୟେକ୍ଷ ସହଯୋଗରେ ଅନୁଷ୍ଠିତ ଲକ୍ଷ୍ମୀ ପୂଜାର ଭସାଣି ଉତ୍ସବ ଆସନ୍ତା ବୁଧବାର ହେବ ବୋଲି ବିଭିନ୍ନ କମିଟି ପକ୍ଷରୁ କୁହାଯାଇଛି।



ଏକ ମଣ୍ଡପରେ ପୂଜା ପାଉଥିବା ଲକ୍ଷ୍ମୀ।

### ଲୁକ୍କାୟିତ ପ୍ରତିଭାକୁ ପ୍ରସ୍ଫୁଟିତ କରିବା ଶିଶୁ ଉତ୍ସବର ଲକ୍ଷ୍ୟ

**ନାଉଗାଁ,୧୫।୧୨(ସ୍ୱ.ପ୍ର.):** ନାଉଗାଁ ବ୍ଲକ ଅନ୍ତର୍ଗତ ରୋହିଆ ସରକାରୀ ଉଚ୍ଚ ବିଦ୍ୟାଳୟରେ ରବିବାର ବ୍ଲକ ଓଷ୍ଟା ପକ୍ଷରୁ ବ୍ଲକସ୍ତରୀୟ ଶିଶୁ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଓଷ୍ଟା ସଭାପତି ଭାବଗ୍ରାହୀ ଭୋଳଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥିଭାବେ ସାମାଜିକ କର୍ମୀ ସଞ୍ଜୟ ସାହାଣୀ, ଓଷ୍ଟା ଉପଦେଷ୍ଟା ରାମଚନ୍ଦ୍ର ପୁହାଣ, ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ଉମେଶ ଚନ୍ଦ୍ର ରାଉତ, ପୂର୍ବତନ ଛାତ୍ର ପ୍ରତାପ ଲେଙ୍କା, ପ୍ରାଧାପକ ହିତେଶ ମହାନ୍ତି, ପୁରାତନ ଛାତ୍ର ସଂସଦ ସଭାପତି ଅର୍ଜୁନ ଚରଣ ରାଉତ, ନିରଞ୍ଜନ ମହାନ୍ତି ପ୍ରମୁଖ ଯୋଗଦେଇ ଶିଶୁଙ୍କ ମଧରେ ଥିବା ଲୁକ୍କାୟିତ ପ୍ରତିଭାକୁ ଗୀତ, ନୃତ୍ୟ, ବକ୍ତୃତା ଓ ତର୍କ ମାଧମରେ ପ୍ରସ୍ଫୁଟିତ କରିବା ଏହି ଉତ୍ସବର ମୂଳଲକ୍ଷ୍ୟ ବୋଲି ମତବ୍ୟକ୍ତ କରିଥିଲେ। ଉତ୍ସବରେ ବିଭିନ୍ନ ବିଦ୍ୟାଳୟ ଛାତ୍ରୀଛାତ୍ର ଯୋଗଦେଇ ପ୍ରତିଯୋଗିତାରେ ଭାଗ ନେଇଥିଲେ। ପ୍ରତ୍ୟେକ ବିଭାଗରେ ବିଚାରକମଣ୍ଡଳୀଙ୍କ ଦ୍ୱାରା ୧ମ, ୨ୟ, ୩ୟ ସ୍ଥାନରେ ୩ଜଣ ପ୍ରତିଯୋଗୀଙ୍କୁ ବଛାଯାଇ ଜିଲାସ୍ତରକୁ ମନୋନୀତ କରାଯାଇଥିଲା। ଶେଷରେ କୃତୀ ପ୍ରତିଯୋଗୀଙ୍କୁ ଅତିଥିଙ୍କ ଦ୍ୱାରା ମାନପତ୍ର ପ୍ରଦାନ କରାଯାଇଥିଲା। ବିଚାରକମଣ୍ଡଳୀରେ ତ୍ରିଲୋଚନ ପାଢ଼ୀ, ଅକ୍ଷୟ ରାଉତ, ବୁଲାକି ସେଠୀ, ବସନ୍ତ ଦାସ, ସନାତନ ପରିଡା, ପଦ୍ମନାବ ପାଢ଼ୀ, ରାମଚନ୍ଦ୍ର ମୁଦୁଲି, ସନ୍ତୋଷ ଦାସ, ପ୍ରମୋଦ ମହାନ୍ତି, ଗୋକୁଳା ନନ୍ଦ ମହାନ୍ତି, ପ୍ରଭାମୟୀ ମିଶ୍ର, ଆଶୋକ ଫାରକ, ବ୍ରହ୍ମା ନନ୍ଦ ସାହୁ ଓ ପ୍ରଶାନ୍ତ ଦାସ ପ୍ରମୁଖ ଯୋଗ ଦେଇଥିଲେ।

## ପୁରୁଷରେ ଓଡ଼ିଶା ପୋଲିସ, ମହିଳାରେ ଜଗତସିଂହପୁର ଚାମ୍ପିୟନ



ଅତିଥିଙ୍କ ଗହଣରେ ଉପସ୍ଥିତ ଖେଳାଳି।

**ରାଜ୍ୟସ୍ତରୀୟ ହ୍ୟାଣ୍ଡବଲ ଚାମ୍ପିୟନଶିପ୍ ଉଦ୍‌ଯାପିତ**

**ବାଲିକୁଦା,୧୫।୧୨(ସ୍ୱ.ପ୍ର.):** ୩ଦିନ ଧରି ବାଲିକୁଦା ହାଇସ୍କୁଲ ପରିସରରେ ଅନୁଷ୍ଠିତ ୩୩ତମ ରାଜ୍ୟସ୍ତରୀୟ ପୁରୁଷ ଓ ମହିଳା ହ୍ୟାଣ୍ଡବଲ ଚାମ୍ପିୟନଶିପ୍ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଛି। ଫାଇନାଲ ମ୍ୟାଚ୍‌ର ପରୁଷ ବିଭାଗରେ ଓଡ଼ିଶା ପୋଲିସ ଟିମ ଚାମ୍ପିୟନ ହୋଇଥିବା ବେଳେ ଯାଜପୁର ଟିମ ରନର୍ସଅପ୍ ହୋଇଛି। କଟକ ଟିମ୍ ୩ୟ ସ୍ଥାନ ଅଧିକାର କରିଛି। ମହିଳା ବିଭାଗରେ ୧୨/୫ ଗୋଲରେ ଯାଜପୁର ମହିଳା ଟିମ୍‌କୁ ଜଗତ୍‌ସିଂହପୁର ମହିଳା ଟିମ ହରାଇ ଚାମ୍ପିୟନ ଆଖ୍ୟା ଅର୍ଜନ କରିଛି। କଟକ ମହିଳା ଟିମ ତୃତୀୟ ସ୍ଥାନରେ ଅଛି। ରେଫରି ଭାବେ ଶ୍ରୀପ୍ରସାଦ ରାୟ, ନିକୁଞ୍ଜ ନାୟକ, ମନୋରଞ୍ଜନ ଜେନା, ପ୍ରଭାତ ପ୍ରଧାନ, ଜୀବନଜ୍ୟୋତି ନାୟକ ଓ ରାହିଲ ଖାଁ ପ୍ରମୁଖ ଦାୟିତ୍ୱ ତୁଲାଇଥିଲେ। ଜିଲା ହ୍ୟାଣ୍ଡବଲ ଆସୋସିଏଶନ ସଭାପତି ବିପ୍ଳବ ଚୌଧୁରୀଙ୍କ ଅଧକ୍ଷତାରେ ମୁଖ୍ୟ ଅତିଥିଭାବେ ଏମ୍‌ପି ଡା. ରାଜଶ୍ରୀ ମଲ୍ଲିକ, ସମ୍ମାନିତ ଅତିଥି ଜିଲାପରିଷଦ ଅଧକ୍ଷା ପ୍ରିୟଦର୍ଶିନୀ ବିଶ୍ୱାଳ, ଡ. ସୁଶାନ୍ତ କାନୁନ୍‌ଗୋ, ଜିଲା ହ୍ୟାଣ୍ଡବଲ ଆସୋସିଏଶନ ସମ୍ପାଦକ ଶାରଦା ପ୍ରସାଦ ଦାସ, ବ୍ଲକ ଅଧକ୍ଷା ମଧୁସ୍ମିତା ସାହୁ, ଜିଲାପରିଷଦ ସଦସ୍ୟା ଜୟଶ୍ରୀ ଦର୍ପଦଳିନୀ ମଲ୍ଲିକ, ତହସିଲଦାର ସିଦ୍ଧାର୍ଥ ଶଙ୍କର ସାହୁ, ବିଡିଓ କଲ୍ୟାଣୀ ପଟ୍ଟନାୟକ, ଅନୁସୂୟା ସାହୁ, ପ୍ରଧାନଶିକ୍ଷକ ଗଣେଶ ଚନ୍ଦ୍ର ସେଠୀ, ଜିଲା କ୍ରୀଡାଧିକାରିଣୀ ବିଜୟିନୀ ପଟ୍ଟନାୟକ, ରାଜ୍ୟ ହ୍ୟାଣ୍ଡବଲ ଉପସଭାପତି ପ୍ରେମାନନ୍ଦ ବିହାରୀ ଓ ସୁବ୍ରତ ଶତପଥୀ ପ୍ରମୁଖ ଯୋଗଦେଇ ଅଧ୍ୟବସାୟ ଜାରି ରଖିଲେ ହିଁ କ୍ରୀଡାବିତ୍ ଶୀର୍ଷ ସ୍ଥାନରେ ପହଞ୍ଚିପାରିବେ ବୋଲି କହିଥିଲେ।

### ଏକଦିବସୀୟ ଫୁଟବଲ: ଜୟଦେବ ଚାମ୍ପିୟନ



ଅତିଥିଙ୍କଠାରୁ ଟ୍ରଫି ଗ୍ରହଣ କରୁଛନ୍ତି ଖେଳାଳି।

**ବିରିଡ଼ି/ବାଲିଆ, ୧୫।୧୨(ଡି.ଏନ.ଏ.):** ବିରିଡ଼ି ବ୍ଲକ ଅନ୍ତର୍ଗତ ପୁରଣ ରଘୁନାଥଜୀଉ ସ୍ପୋର୍ଟ୍ସ କ୍ଲବ ପକ୍ଷରୁ ରବିବାର ପୁରଣ ଖେଳ ପଡିଆଠାରେ ଏକଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଛି। ଏହାକୁ ପୁରଣ ସରପଞ୍ଚ ସୁଭଦ୍ରା ଭୋଇ ଉଦ୍‌ଘାଟନ କରିଥିଲେ। ଅତିଥିଭାବେ ପୂର୍ବତନ ଶିକ୍ଷକ ଅଲେଖ ଚନ୍ଦ୍ର ବେହେରା, ଶରତ ଚନ୍ଦ୍ର ଦାଶ, ସୁଦର୍ଶନ ଭୋଇ, ସୂର୍ଯ୍ୟକାନ୍ତ ଦାଶ, ଆଦିତ୍ୟ ମିଶ୍ର ଉପସ୍ଥିତ ଥିଲେ। ବିଭିନ୍ନ ଅଞ୍ଚଳରୁ ୮ଟି ଟିମ ଯୋଗଦେଇ ଖେଳ ପ୍ରଦର୍ଶନ କରିଥିଲେ। ଫାଇନାଲ ଖେଳରେ ଓଡ଼ିଶା ରେଲୱେ ପୋଲିସ କଟକ ଓ ଜୟଦେବ ମେମୋରିଆଲ ଅଡ଼ଶପୁର ପରସ୍ପରକୁ ଭେଟିଥିଲେ। ଏଥିରେ ୧-୦ ଗୋଲରେ ଅଡ଼ଶପୁର ଜୟଦେବ ମେମୋରିଆଲ ଟିମ୍ ଚାମ୍ପିୟନ ହୋଇ ଟ୍ରଫି ଗ୍ରହଣ କରିବା ସହ ରନର୍ସ କପ ଓଡ଼ିଶା ରେଲୱେ ଟିମ ଗ୍ରହଣ କରିଥିଲା। ଉପରୋକ୍ତ ଅତିଥିମାନେ ଟ୍ରଫି ଓ କପ ପ୍ରଦାନ କରିଥିଲେ। ରଘୁନାଥଜୀଉ ସ୍ପୋର୍ଟ୍ସ କ୍ଲବ ସଭ୍ୟ ଜୀବନକାନ୍ତ ଦାଶ, କିଶୋର ବଗା, ସୁଜିତ ସେନାପତି, ସୁରେନ୍ଦ୍ର ବେହେରା ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ରେଫରି ସେଖ ହାୟତ, କିର୍ତ୍ତୀ ରଞ୍ଜନ ସ୍ୱାଇଁ, ଚିତ୍ତରଞ୍ଜନ ପ୍ରଧାନ ଖେଳ ପରିଚାଳନା କରିଥିଲେ।

### ଭଙ୍ଗାଯାଉନି ବିପଦସଙ୍କୁଳ ଗୋଦାମ ଗୃହ

# ଛାତ୍ରୀଛାତ୍ରଙ୍କ ପାଇଁ ସାଜିଛି ବିପଦ

**ବାଲିଆ,୧୫।୧୨**

ବିରିଡ଼ି ବ୍ଲକ କାର୍ଯ୍ୟାଳୟର ମାତ୍ର ୩୦୦ ମିଟର ଦୂରରେ ରହିଛି ବିରିଡ଼ି ପ୍ରାଥମିକ ବିଦ୍ୟାଳୟ। ଏହାର ସାମ୍ନାରେ ରହିଛି ଏକ ପରିତ୍ୟକ୍ତ ଗୋଦାମ ଗୃହ। ଏହି ଗୋଦାମ ଗୃହଟି ସମ୍ପୂର୍ଣ୍ଣ ବିପଦପୂର୍ଣ୍ଣ ଅବସ୍ଥାରେ ରହିଥିବାବେଳେ ସେଥିରେ ଅନାବନା ଗଛ ମାଡ଼ି ଯାଇଛି। ତେଣୁ ଏହାକୁ ତୁରନ୍ତ ଭାଙ୍ଗିବାକୁ ସ୍ଥାନୀୟ ଗ୍ରାମବାସୀ ପ୍ରଶାସନ ନିକଟରେ ଦାବି କରୁଛନ୍ତି। ମାତ୍ର ପ୍ରଶାସନ ଏ ଦିଗରେ କୌଣସି ପଦକ୍ଷେପ ନେଉ ନ ଥିବାରୁ ସେମାନଙ୍କ ମଧରେ ଅସନ୍ତୋଷ ପ୍ରକାଶ ପାଇଛି। ଆଗାମୀ ଦିନରେ ଯଦି ଏ ଦିଗରେ କୌଣସି ପଦକ୍ଷେପ ନିଆ ନ ଯାଏ ତେବେ ସେମାନେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ୱନ କରିବେ ବୋଲି ଚେତାବନୀ ଦେଇଛନ୍ତି।

୩୦ ବର୍ଷ ତଳେ ଲକ୍ଷାଧିକ ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିବା ଏହି ଗୋଦାମ ଗୃହକୁ ବ୍ଲକ ପ୍ରଶାସନ ପକ୍ଷରୁ ବ୍ୟବହାର କରାଯାଉଥିଲା। ଏପରି କି ବିଭିନ୍ନ ରାଶନ ସାମଗ୍ରୀ ଏଠାରେ ମହଜୁଦ ରହୁଥିଲା। କାଳକ୍ରମେ ଆଉ ରାଶନ ସାମଗ୍ରୀ ରଖାଗଲା ନାହିଁ। ଫଳରେ ଗୃହଟି ବ୍ୟବାହର ନ ହୋଇ ଜରାଜୀର୍ଣ୍ଣ ଅବସ୍ଥାକୁ ଚାଲିଗଲା। ଏବେ ଏହି ଗୃହର କାନ୍ଥରୁ ପ୍ଲାଷ୍ଟର ଖସିବା ସହ ଇଟା ମଧ ଗଳ ପଡ଼ିଲାଣି। ଘର ଉପରେ ପଡିଥିବା ଅଜବେଷ୍ଟ ଭାଙ୍ଗିଗଲାଣି। କେତେବେଳେ ଯେ, ଏହି ଗୃହ ଭୁଶୁଡ଼ିବ ତାହା କେହି କହିପାରିବେ ନାହିଁ। ବିଦ୍ୟାଳୟ ଛାତ୍ରୀଛାତ୍ର ଏହାର ପାର୍ଶ୍ୱ ଦେଇ ଯିବା ଆସିବା କରୁଥିବାରୁ ସେମାନଙ୍କ ପାଇଁ ବିପଦ ସୃଷ୍ଟି ହୋଇଛି। ଯେକୌଣସି ସମୟରେ ଯଦି ଏହି ଗୃହ ଭୁଶୁଡ଼ି ପଡ଼େ ତେବେ ବଡ଼ ଦୁର୍ଘଟଣାକୁ ଏଡ଼ାଇ ଦିଆଯାଇ ନ ପାରେ। ଛାତ୍ରୀଛାତ୍ରଙ୍କ ବ୍ୟତିତ ଜନସାଧାରଣ ମଧ ଏହି ଗୋଦାମ ଗୃହ ଦେଇ ଯାତାୟାତ କରୁଛନ୍ତି। ତେଣୁ ଏହି ବିପଦସଙ୍କୁଳ ଗୃହକୁ ତୁରନ୍ତ ଭାଙ୍ଗିବାକୁ ଅଞ୍ଚଳର ବୀରବର ମାଣିଆ, ଶିଦ୍ଧେଶ୍ୱର ପାତ୍ର, ଗଗନ ସାହୁ, ରାଜକିଶୋର ଭୋଇ, ସନ୍ଦୀପ ଓଝା, ଭାସ୍କର ବେହେରା, ସଞ୍ଜୟ ଭୋଇ, ଆକାଶ ଭୋଇ, କୃଷ୍ଣ ଭୋଇ, କେଲୁଚରଣ ଦାସ, ସଞ୍ଜୟ ସିଂ, ସନ୍ତୋଷ ଦାସ, ମାଧବ ଭୋଇ, ବିକାଶ ଭୋଇ ପ୍ରମୁଖ ଦାବି କରିଛନ୍ତି। ଏ ସମ୍ପର୍କରେ ବିଡିଓ ଜୀବନ ଚନ୍ଦ୍ର ମଲ୍ଲିକଙ୍କୁ ପଚାରିବାରେ ସେ କହିଥିଲେ, ଗୃହ ଭଙ୍ଗାଯିବା ନେଇ ଜିଲାପାଳଙ୍କ ନିର୍ଦ୍ଦେଶ ଅନୁସାରେ ଜିଲା ପ୍ରକଳ୍ପ ଅଧିକାରୀଙ୍କୁ ଅବଗତ କରାଯାଇଛି। ଖୁବ୍‌ଶୀଘ୍ର ପରବର୍ତ୍ତୀ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ। ଏବେ ଦେଖିବାକୁ ବାକି ରହିଲା କେବେ ଏ ଦିଗରେ ପଦକ୍ଷେପ ନିଆଯାଉଛି।



ବିପଦସଙ୍କୁଳ ଗୋଦାମ ଗୃହ।

- ଆନ୍ତରିକତା ଦେଖାଉନି ବ୍ଲକ ପ୍ରଶାସନ
- ଗ୍ରାମବାସୀଙ୍କ ମଧରେ ବଢୁଛି ଅସନ୍ତୋଷ

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ସୋମବାର, ଡିସେମ୍ବର ୧୬/୨୦୧୯ Bhubaneswar, Monday, December 16/ 2019

# ଯୁବତୀଙ୍କୁ ବିବାହ କରିବାକୁ ଜିଦ୍, ଯୁବକ ଗିରଫ

**ବାଲିକୁଦା,୧୫।୧୨(ସ୍ୱ.ପ୍ର.)**

ବାଲିକୁଦା ଥାନା ଅଧୀନ ତିତିରା ପଞ୍ଚାୟତର ଜଣେ ଯୁବତୀଙ୍କୁ ବିବାହ କରିବାକୁ ଜିଦ୍ କରିବା ଜଣେ ଯୁବକଙ୍କ ପାଇଁ ମହଙ୍ଗା ପଡ଼ିଛି। ଏପରି କି ଯୁବତୀଙ୍କ ପରିବାର ଲୋକଙ୍କ ଅଭିଯୋଗ ଆଧାରରେ ପୋଲିସ ସମ୍ପୃକ୍ତ ଯୁବକଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ସେ ହେଲେ ଥାନା ଅଧୀନ ସୁମୋଡ଼ା(ବାଲିସାହି) ଗାଁର ନିମାଇଁ ସ୍ୱାଇଁ। ଶୁକ୍ରବାର ଯୁବତୀ ଜଣଙ୍କ ଘରେ ଏକା ଥିବାର ସୁଯୋଗ ନେଇ ନିମାଇଁ ପହଞ୍ଚି ତାଙ୍କୁ ବିବାହ କରିବାକୁ କହିଥିଲେ। ଏଥିରେ ଯୁବତୀ ରାଜି ନ ହେବାରୁ ସେ ତାଙ୍କୁ ଟଣାଓଟରା କରିଥିଲେ। ଏପରି କି ତାଙ୍କୁ ସାଙ୍ଗରେ ନେଇ ଯିବାକୁ କହିଥିଲେ। ନିମାଇଁଙ୍କ ଏପରି ବ୍ୟବହାର ଦେଖି ଯୁବତୀ ଚିତ୍କାର କରିଥିଲେ। ଏହାଶୁଣି ପାଖ ପଡୋଶୀ ଲୋକେ ଆସିଯିବାରୁ କୌଶଳ କରି ନିମାଇଁ ଖସି ପଳାଇଥିଲେ। ପରିବାର ଲୋକେ ଘରେ ପହଞ୍ଚିବା ପରେ ଯୁବତୀ ସବୁ କଥା କହିଥିଲେ। ଏହାପରେ ପରିବାର ଲୋକେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନିମାଇଁଙ୍କୁ ତାଙ୍କ ଘରୁ ଗିରଫ କରିଥିଲା। ଏନେଇ ମାମଲା ସଂଖ୍ୟା–୨୬୦/୧୯ ରୁଜୁ ହୋଇଛି।

## ମଦ ବେପାରୀ ଅଟକ

**ବାଲିକୁଦା,୧୫।୧୨(ସ୍ୱ.ପ୍ର.):** ବାଲିକୁଦା ଥାନା ପୋଲିସ ଶନିବାର ରାତିରେ ବଡ଼ଗାଁ ପଞ୍ଚାୟତ ମିଞ୍ଚାପଡା ଗାଁରେ ଚଢାଉ କରି ବେଆଇନ ମଦ ବ୍ୟବସାୟ କରୁଥିବା ଜଣେ ବ୍ୟକ୍ତିଙ୍କୁ ଧରି ଅଟକ ରଖିଛି। ସମ୍ପୃକ୍ତ ବ୍ୟକ୍ତି ଚୋରାମଦ କାରବାର କରୁଥିବା ନେଇ ପୋଲିସ ନିକଟରେ ଅଭିଯୋଗ ହୋଇଥିଲା। ଏସଆଇ ଚିରଞ୍ଜୀବ ବେହେରାଙ୍କ ନେତୃତ୍ୱରେ ଛଡ଼ାଉ କରାଯାଇଥିଲା।




## ନାବାଳିକାଙ୍କୁ ବଳାତ୍କାର ଘଟଣା

# ଅଭିଯୁକ୍ତ କୋର୍ଟ ଚାଲାଣ

**ବାଲିକୁଦା, ୧୫।୧୨ (ସ୍ୱ.ପ୍ର.):** ନାବାଳିକାଙ୍କୁ ବଳାତ୍କାର କରିଥିବା ଅଭିଯୋଗରେ ବାଲିକୁଦା ପୋଲିସ ଜଣେ ଯୁବକଙ୍କୁ ରବିବାର ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଥାନା ଅଧୀନ ନାଗପୁର ପଞ୍ଚାୟତ ନର୍ସିଂପୁର (ଦଣ୍ଡାସାହି)ଗାଁର ହାପି ଭୋଇ (୨୫)। ଥାନା ଅଞ୍ଚଳର ସମ୍ପୃକ୍ତା ନାବାଳିକା ଜଣକ ତାଙ୍କ ମା'ଙ୍କ ସହିତ ମାମୁ ଘରକୁ ଆସିଥିବାବେଳେ ଗତ ବୁଧବାର କିଛି ପିଲାଙ୍କ ସହ ଗାଁ ଦାଣ୍ଡରେ ଖେଳୁଥିଲେ। ଏହି ସମୟରେ ସେଠାରେ ହାପି ପହଞ୍ଚି ତାଙ୍କୁ ପ୍ରଲୋଭିତ କରି ନିକଟସ୍ଥ ଅଳକା ନଦୀ ପଠାକୁ ନେଇ ବଳାତ୍କାର କରିଥିଲେ। ପରେ ନାବାଳିକା ଜଣଙ୍କ ଆସି ଏ କଥା ତାଙ୍କ ମା'ଙ୍କୁ ଜଣାଇଥିଲେ। ଝିଅଠାରୁ ସବୁ କଥା ଜାଣିବା ପରେ ମା'ଥାନାକୁ ଯାଇ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ନଂ–୨୬୧/୧୯ ରୁଜୁ କରି ହାପିଙ୍କୁ ତାଙ୍କ ଘରୁ କାବୁ କରିଥିଲା।

# ସାପ କାମୁଡ଼ାରେ ଯୁବକଙ୍କ ମୃତ୍ୟୁ

**ଜେନାପୁର, ୧୫।୧୨ (ଡି.ଏନ.ଏ):** ଧର୍ମଶାଳା ବ୍ଲକ ତାଳଜଙ୍ଗ ନୂଆସାହି ଗ୍ରାମର ଦଳିତ ସାହିରେ ରବିବାର ଅପରାହ୍ଣରେ ଜଣେ ଯୁବକଙ୍କୁ ସାପ କାମୁଡ଼ି ଦେବାରୁ ତାଙ୍କର ମୃତ୍ୟୁ ଘଟିଛି। ମୃତ ଯୁବକ ଜଣକ ନୂଆସାହି ଗ୍ରାମର ପ୍ରଦୀପ ମଳିକ ଓରଫ ବାବୁଲି (୪୮)ବୋଲି ଜଣାପଡିଛି। ସୂଚନା ଯେ, ରବିବାର ଅପରାହ୍ଣରେ ବାବୁଲି ନିକଟସ୍ଥ ଧାନବିଲରେ କାମ କରୁଥିବାବେଳେ ଏକ ବିଷାକ୍ତ ସାପ ତାଙ୍କ ଡାହାଣ ଗୋଡ଼କୁ କାମୁଡି ଦେଇଥିଲା। ଖବରପାଇ ତାଙ୍କ ପରିବାର ଲୋକେ ବାଇକ ଯୋଗେ ତାଙ୍କୁ ଦାନଗଦୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଯାଇ ଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।













3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ଜନନୀ ଓ ଜନ୍ମଭୂମି
ସ୍ୱର୍ଗଠୁ ବଡ଼ା
- ମହର୍ଷି ବାଲ୍ମିକି



## ସଂକ୍ଷେପରେ

### ଦୁର୍ଘଟଣାରେ କଲେଜ ଛାତ୍ରଙ୍କ ମୃତ୍ୟୁ

**ଭାପୁର,୧୫।୧୨(ଡି.ଏନ.ଏ.):** ଏକ ବାଇକ୍ ଦୁର୍ଘଟଣାରେ ଭାପୁର ବ୍ଲକ ନିମାଣୀ ଗ୍ରାମର ଭଗବାନ ସ୍ୱାଇଁଙ୍କ ପୁତ୍ର ଆଦଲ କୁମାର ସ୍ୱାଇଁ (୧୭)ଙ୍କର ରବିବାର ମୃତ୍ୟୁ ଘଟିଛି। ଆଦଲ ସ୍ଥାନୀୟ ପଠାଣି ସାମନ୍ତ ମହାବିଦ୍ୟାଳୟର ଯୁକ୍ତ ୨ ଦ୍ୱିତୀୟ ବର୍ଷର ଛାତ୍ର ଥିଲେ। ନିମାଣୀ ଗ୍ରାମରେ ଚାଲିଥିବା ଲକ୍ଷ୍ମୀପୂଜା ମହୋତ୍ସବ ପାଇଁ ସେ ବାଇକ୍‌ରେ ମାଉସୀଙ୍କୁ ବସାଇ ଗ୍ରାମକୁ ଆସୁଥିଲେ। ଖଣ୍ଡପଡ଼ା-ଭାପୁର ପୂର୍ତ୍ତ ରାସ୍ତାର ବାହାଡ଼ା ଗ୍ରାମ ଉପକଣ୍ଠ ଏକ ଗଛରେ ବାଇକ୍ ପିଟି ହୋଇଯିବାରୁ ସେ ଗୁରୁତର ହୋଇଥିଲେ। ପ୍ରଥମେ ତାଙ୍କୁ ଖଣ୍ଡପଡ଼ା ଡାକ୍ତରଖାନା ଓ ପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ପରବର୍ତ୍ତୀ ସମୟରେ ତାଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଉଥିବାବେଳେ ତାଙ୍କର ମୃତ୍ୟୁ ହୋଇଥିଲା। ଘଟଣାକୁ ନେଇ ଗ୍ରାମରେ ଶୋକର ଛାୟା ଖେଳିଯାଇଛି।

### ଅପହୃତା କଲେଜ ଛାତ୍ରୀ ଉଦ୍ଧାର: ୩ ଅଟକ

**ଭାପୁର,୧୫।୧୨(ଡି.ଏନ୍.ଏ.):** ଭାପୁର ବଜାର ନିକଟରୁ ଶନିବାର ଅପହୃତ ଜଣେ କଲେଜ ଛାତ୍ରୀଙ୍କୁ ପୋଲିସ ଉଦ୍ଧାର କରିଛି। ଏହି ଘଟଣାରେ ୩ ଅଭିଯୁକ୍ତ ଥାନାରେ ଅଟକ ଅଛନ୍ତି। ଯୁକ୍ତ ୨ ଦ୍ୱିତୀୟ ବର୍ଷରେ ପଢୁଥିବା ଛାତ୍ରୀ ଜଣକ ଶନିବାର ସକାଳେ ଏକ କୋଚିଂ ସେଣ୍ଟରକୁ ଟ୍ୟୁଶନ ପାଇଁ ଯିବା ସମୟରେ ତାଙ୍କୁ ଅପହରଣ କରି ନିଆଯାଇଥିଲା। ଏ ନେଇ ଛାତ୍ରୀଙ୍କ ବାପା ଫତେଗଡ଼ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ୨୧୫/୧୯ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ବିଳମ୍ବିତ ରାତିରେ ପୋଲିସ ଫୁଲବାଣୀ ଜିଲା ଦାରିଙ୍ଗବାଡ଼ି ନିକଟ ଏକ ଜଙ୍ଗଲରୁ ଛାତ୍ରୀଙ୍କୁ ଉଦ୍ଧାର କରିଛି। ଏଥିରେ ସମ୍ପୃକ୍ତ ୩ ଅଭିଯୁକ୍ତଙ୍କୁ ପୋଲିସ ଅଟକ ରଖି ତଦନ୍ତ ଚାଲୁ ରଖିଛି। ଅପହରଣକାରୀ ମୁଖ୍ୟ ଅଭିଯୁକ୍ତ ପିଠାଖାଇ ଗ୍ରାମର ସୁଶାନ୍ତ କୁମାର ନାୟକ (୨୭), ବିଜିପୁର ଗ୍ରାମର ଛତିଶ ଜେନା (୩୦) ଓ ଖୋର୍ଦ୍ଧା ଜିଲା କୁମାରବସ୍ତ ଗ୍ରାମର ମାନସ ବଳିୟାରସିଂହ (୩୫) ବୋଲି ପୋଲିସ ଏସ୍‌ଆଇ ସଚ୍ଚିଦାନନ୍ଦ ସାମନ୍ତରାୟ ସୂଚନା ଦେଇଛନ୍ତି। ଛାତ୍ରୀଙ୍କୁ ଭାପୁର ଡାକ୍ତରଖାନାରେ ଡାକ୍ତରୀମାଇନା କରାଯାଇ ତାଙ୍କ ପରିବାରକୁ ହସ୍ତାନ୍ତର କରାଯାଇଛି।

### ୩୧ ଶିକ୍ଷାସହାୟକ ଲେଭଲ ୫କୁ ଉନ୍ନୀତ

**ଦଶପଲ୍ଲା,୧୫।୧୨(ଡି.ଏନ୍.ଏ.):** ଦଶପଲ୍ଲା ବ୍ଲକର ବିଭିନ୍ନ ବିଦ୍ୟାଳୟରେ କାର୍ଯ୍ୟରତ ୩୧ଜଣ ଶିକ୍ଷାସହାୟକ ସରକାରୀ ନିୟମ ଅନୁଯାୟୀ ୬ ବର୍ଷ ଶିକ୍ଷାସହାୟକ ଅବଧି ପୂରଣ କରିଥିବାରୁ ସେମାନଙ୍କୁ ଲେଭଲ ୫କୁ ଉନ୍ନୀତ କରାଯାଇଛି। ବ୍ଲକ ଶିକ୍ଷା କାର୍ଯ୍ୟାଳୟ ପରିସରରେ ବିଇଓ ପ୍ରଦୀପ୍ତ କୁମାର ବେହେରା ସେମାନଙ୍କୁ ତାଙ୍କର ନିଯୁକ୍ତିପତ୍ର ବଣ୍ଟନ କରିଥିବା ଜଣାଯାଇଛି। ସେଥିମଧ୍ୟରୁ ୫ ଜଣ ଶିକ୍ଷା ସହାୟକ ଆବଶ୍ୟକ କାଗଜପତ୍ର ଦାଖଲ କରି ନ ଥିବାରୁ ସେମାନଙ୍କ ନିଯୁକ୍ତିପତ୍ର ଦିଆଯାଇ ନ ଥିବା ବିଇଓଙ୍କ ସୂତ୍ରରୁ ଜଣାଯାଇଛି।

### ଭାପୁର ବ୍ଲକସ୍ତରୀୟ ଶିଶୁମେଳା

**ଭାପୁର,୧୫।୧୨(ଡି.ଏନ୍.ଏ.):** ଭାପୁର ବ୍ଲକ ବାଲୁଙ୍କେଶ୍ୱରଦେବ ବିଦ୍ୟାପୀଠ ପରିସରରେ ରବିବାର ବ୍ଲକସ୍ତରୀୟ ଶିଶୁମେଳା ଆୟୋଜିତ ହୋଇଯାଇଛି। ଏଥିରେ ବ୍ଲକର ୧୨୪ ସ୍କୁଲର ଶତାଧିକ ଛାତ୍ରୀଛାତ୍ର ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ। ଓଷ୍ଟା ପକ୍ଷରୁ ଆୟୋଜିତ ଉତ୍ସବରେ ବ୍ଲକ ଓଷ୍ଟା ସଭାପତି ମନୋଜ କୁମାର ଶତପଥୀ ସଭାପତିତ୍ୱ କରିଥିଲେ। ଜିଲା ଓଷ୍ଟା ସମ୍ପାଦକ ମାଣିକେଶ୍ୱର ସ୍ୱାଇଁ ମୁଖ୍ୟଅତିଥି, ସ୍ତମ୍ଭକାର ଡ. ପବିତ୍ର କୁମାର ସୁବୁଦ୍ଧି ମୁଖ୍ୟବକ୍ତା ଓ ନିରଞ୍ଜନ ଆଚାର୍ଯ୍ୟ, ପ୍ରଫୁଲ୍ଲ କୁମାର ମହାନ୍ତି, ସୋମନାଥ ମହାପାତ୍ର, ହରିହର ଦାଶ ଓ ଶୈଳବାଳା ରଥ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଆବୃତ୍ତିରେ ରୂପାଲି ରତୁପର୍ଣ୍ଣା ସାହୁ, ତର୍କରେ ଶୁଭଶ୍ରୀ ମିଶ୍ର, କବିତା ଲିଖନରେ ଅର୍ଚ୍ଚନା ପଣ୍ଡା, ସାଧାରଣ ଜ୍ଞାନରେ କାର୍ତ୍ତିକେଶ୍ୱର ସାହୁ, ଏକକ ଅଭିନୟରେ ବିଷ୍ଣୁପ୍ରିୟା ପ୍ରଧାନ, ଏକକ ନୃତ୍ୟରେ ମସ୍କାନ ରାୟ, ଚିତ୍ରାଙ୍କନରେ ଗାୟତ୍ରୀ ସାମନ୍ତରାୟ, ଗଳ୍ପ ଲିଖନରେ ବର୍ଷାରାଣୀ ସାହୁ ଓ ସଙ୍ଗୀତରେ ସିତୁସୁବ୍ରତ ସାହୁ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ପ୍ରତ୍ୟେକ ବିଭାଗରେ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ହାସଲ କରିଥିବା ଛାତ୍ରୀଛାତ୍ର ଜିଲାସ୍ତରରେ ଆୟୋଜିତ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ।

# ୬ବର୍ଷ ହେଲା ପ୍ରକଳ୍ପ ଅଧାପନ୍ତରିଆ

**ନୟାଗଡ଼ ଅଫିସ,୧୫।୧୨**



ଅଧାପନ୍ତରିଆ ହୋଇ ପଡ଼ିରହିଥିବା ଜଳଯୋଗାଣ ପ୍ରକଳ୍ପ।

- ନୟାଗଡ଼ ବ୍ଲକ ପାଟଚଣ୍ଡୀପ୍ରସାଦ ଗ୍ରାମ
- ପାଣି ପାଇଁ ଗ୍ରାମବାସୀ ହୀନସ୍ତା

ଜିଲାରେ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ଦ୍ୱାରା କରାଯାଉଥିବା ବିଭିନ୍ନ ପ୍ରକଳ୍ପ ଅଧାପନ୍ତରିଆ ହୋଇ ପଡ଼ିଥିଲେ ମଧ୍ୟ ଏଥିପ୍ରତି କର୍ତ୍ତୃପକ୍ଷ ନଜର ଦେଉ ନ ଥିବା ଅଭିଯୋଗ ହେଉଛି। ଫଳରେ ଲୋକମାନେ ପାନୀୟ ଜଳ ପାଇଁ ନାହିଁ ନ ଥିବା ହଇରାଣ ହେଉଛନ୍ତି। ଏଭଳି ଏକ ଘଟଣା ନୟାଗଡ଼ ବ୍ଲକ ବାଉଁଶିଆପଡ଼ା ପଞ୍ଚାୟତ ପାଟଚଣ୍ଡୀପ୍ରସାଦ ଗ୍ରାମରେ ଦେଖିବାକୁ ମିଳିଛି। ୬ବର୍ଷ ତଳେ ଆରମ୍ଭ କରାଯାଇଥିବା ଜଳ ଯୋଗାଣ ପ୍ରକଳ୍ପ ବର୍ତ୍ତମାନ ସୁଦ୍ଧା ସରିନାହିଁ। ଫଳରେ କେବେ ପ୍ରକଳ୍ପ ସରି ଗ୍ରାମକୁ ପାଇପ୍ ଯୋଗେ ଜଳଯୋଗାଣ କରାଯିବ ତାହାକୁ ଗ୍ରାମବାସୀ ଅପେକ୍ଷା କରିଛନ୍ତି। ଏହି ଗ୍ରାମରେ ବସବାସ କରୁଥିବା ୩୦୦ ପରିବାରର ଲୋକଙ୍କ ପାନୀୟ ସମସ୍ୟାକୁ ଆଖି ଆଗରେ ରଖି ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ତରଫରୁ ୨୦୧୩-୧୪ ଆର୍ଥିକ ବର୍ଷରେ ପାଟପୁର ଗ୍ରାମରେ ପ୍ରକଳ୍ପ କରାଯିବା ପାଇଁ ଟଙ୍କା ମଞ୍ଜୁର ହୋଇଥିଲା। ପାଖାପାଖି ୬ ଲକ୍ଷ ଟଙ୍କା ବ୍ୟୟରେ ଇନ୍‌ଟେକ ୱେଲ ଓ ଗୃହ ତିଆରି କରାଗଲା। ୨୦୧୮ ମସିହା ସୁଦ୍ଧା ଏହି କାର୍ଯ୍ୟ ଅଧାପନ୍ତରିଆ ଭାବେ ପଡ଼ି ରହିଲା। ଏ ନେଇ ପଚାରିବାରୁ ସେଠାରେ ପାଣିର ଉତ୍ସ ନ ଥିବା କହି ବିଭାଗ ଦିନ ପରେ ଦିନ ଗଡ଼ାଇ ଚାଲିଥିଲା। ପରେ ୨୦୧୮-୧୯ ଆର୍ଥିକ ବର୍ଷରେ ଏହି ପ୍ରକଳ୍ପ ନୂଆ ଯୋଜନାରେ କାର୍ଯ୍ୟକାରୀ କରିବା ପାଇଁ ଟଙ୍କା ମଞ୍ଜୁର ହୋଇଥିଲା। ବର୍ତ୍ତମାନ ଅଧା କାମ ସରିଥିବା ବେଳେ କେତେବେଳେ କାମ ସରିବ ତାହା କେହି କହି ପାରୁନାହାନ୍ତି। ଏ ନେଇ ଗ୍ରାମବାସୀ ବିଭିନ୍ନ ସ୍ଥାନରେ ଅଭିଯୋଗ କରିଥିଲେ ମଧ୍ୟ ପଦକ୍ଷେପ ଶୂନ। ଫଳରେ ବାଧ୍ୟ ହୋଇ ଗ୍ରାମରେ ଥିବା ଏକ ନଳକୂପ ଓ ପୋଖରୀରୁ ଲୋକମାନେ ଦୂଷିତ ପାଣି ପିଉଛନ୍ତି। ଏ ନେଇ ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ରାଜୀବ କୁମାର ପାଣିଗ୍ରାହୀଙ୍କୁ ପଚାରିବାରୁ ସେ କିଛିମାସ ମଧ୍ୟରେ ଉକ୍ତ ପ୍ରକଳ୍ପ କାମ ଶେଷ କରାଯାଇ ଜଳଯୋଗାଣ କରାଯିବ ବୋଲି ପ୍ରକାଶ କରିଥିଲେ। ଆଗକୁ ଗ୍ରୀଷ୍ମଋତୁ ଆସୁଥିବାରୁ ତୁରନ୍ତ ପ୍ରକଳ୍ପ କାର୍ଯ୍ୟ ଶେଷ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।



# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଖଣ୍ଡି ଗଣିଆର ଦି'ଗୁଣ ସରେ;**
**ଆଟିକା ପୋଛାର ମାଇପ ମରେ ।**

ଅଭାବୀ ଲୋକର ଖର୍ଚ୍ଚ ଅଧିକ। ସେ ଯେତେ ଯାହା ଚେଷ୍ଟା କଲେ ମଧ୍ୟ ନିଜ ଖର୍ଚ୍ଚକୁ ରୋକିବାରେ ସଫଳ ହୋଇପାରି ନ ଥାନ୍ତି। ପରନ୍ତୁ ଧନ ଥାଇ କୃପଣ ପ୍ରକୃତିର ବ୍ୟକ୍ତି ନିଜ ଖାଇବା, ପିଇବା ତଥା ଚଳିବାରେ ଅନେକ କାଟଛାଣ୍ଟ କରିଥାନ୍ତି। ଫଳସ୍ୱରୂପ ଉକ୍ତ ବ୍ୟକ୍ତିର ପତ୍ନୀ ଭୋକ ଉପାସରେ ପଡ଼ିରହିବାକୁ ବାଧ୍ୟ ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଖାଇବ ସଅଳ, ଶୋଇବ ବେଗେ**
**ଉଠିବ ସଅଳ, ଚାଲିବ ବେଗେ ।**

ରାତ୍ରୀର ଖାଦ୍ୟ ସଅଳ ଖାଇ ଶୀଘ୍ର ବିଛଣା ଯିବା ଉଚିତ। ଶୀଘ୍ର ଶୋଇଲେ ବଡ଼ି ଭୋରରୁ ନିଦ ଭାଙ୍ଗିଯାଇଥାଏ। ସେହିପରି ଅତି ସକାଳୁ ଉଠି ବାହାରେ ଚଲାବୁଲା କଲେ ଦେହ ମନ ତାଜା ହୋଇଯାଇଥାଏ, ଫୁର୍ତ୍ତି ଆସିଥାଏ। ବ୍ୟକ୍ତି ସୁସ୍ଥ ନୀରୋଗ ରହିବା ପାଇଁ ଏପରି ଦିନଚର୍ଯ୍ୟା କରିବା ଉଚିତ ଅର୍ଥରେ ଏଭଳି ଉପଦେଶ ପ୍ରଦାନ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ତପ୍ତପାଣି ଘାଟିରେ ଓଲଟିଲା ପିକ୍‌ନିକ୍ ବସ୍

## ଜଣେ ମୃତ, ୧୫ରୁ ଊର୍ଦ୍ଧ୍ୱ ଗୁରୁତର

**ଦିଗପହଣ୍ଡି,୧୫।୧୨(ଡି.ଏନ୍.ଏ.)**

ଗଞ୍ଜାମ-ଗଜପତି ସୀମାନ୍ତ ତପ୍ତପାଣି ଘାଟି ହନୁମାନ ମନ୍ଦିର ନିକଟରେ ରବିବାର ରାତି ପ୍ରାୟ ସାଢେ ୭ଟାରେ ଏକ ପିକ୍‌ନିକ୍ ବସ୍ (ନଂ.ଓଡି୨୫ବି-୧୯୯୯) ବାଇକକୁ ଧକ୍କାଦେଇ ଓଲଟି ପଡିଛି। ଏଥିରେ ବାଇକ ଆରୋହୀଙ୍କର ମୃତ୍ୟୁ ଘଟିଥିବାବେଳେ ବସ୍‌ରେ ଥିବା ୧୫ରୁ ଊର୍ଦ୍ଧ୍ୱ ଯାତ୍ରୀ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ପାଟପୁର ଥାନା ଘାସିଆମ୍ବ ଗ୍ରାମର ଅନୁଜ ମଣ୍ଡଳ। ପ୍ରକାଶ ଯେ, ଅନୁଜ ତାଙ୍କ ସମ୍ପର୍କୀୟ ଶମ୍ଭୁ ମଣ୍ଡଳଙ୍କ ସହ ବାଇକ (ନଂ. ଓଡି୦୭ବି-୩୨୫୬) ଯୋଗେ ଘାଟିରୁ ଓହ୍ଲାଉଥିବାବେଳେ ପିକ୍‌ନିକ୍ ବସ୍‌ଟି ପଛରେ ଆସୁଥିଲା। ହନୁମାନ ମନ୍ଦିର ନିକଟରେ ବସ୍‌ଟି ବାଇକ୍‌କୁ ଧକ୍କା ଦେଇ ଘାଟି ତଳକୁ ଓଲଟି ପଡିଥିଲା। ଘଟଣାସ୍ଥଳରେ ଅନୁଜଙ୍କର ମୃତ୍ୟୁ ଘଟିଥିବାବେଳେ ବାଇକ ପଛରେ ବସିଥିବା ଶମ୍ଭୁ ଆହତ ହୋଇଛନ୍ତି। ସାନଖେମୁଣ୍ଡି ଦମକଳ ବାହିନୀ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଆହତଙ୍କୁ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ନୟାଗଡରୁ ଏହି ପିକ୍‌ନିକ୍ ବସ୍‌ଟି ଯାଇଥିବା ଜଣାପଡିଛି। ଏଥିରେ ୨୫ରୁ ଊର୍ଦ୍ଧ୍ୱ ଲୋକ ଥିଲେ। ଆହତଙ୍କ ମଧ୍ୟରେ ନୟାଗଡ ଥାନା ବାଲୁଗାଁର ସୀମାରାଣୀ ସ୍ୱାଇଁ, ଇଟାମାଟିର ଦୀପକ କୁମାର ସାଠୁଆ, ଓଲ୍ଡ ଟାଉନର ଇଶାନ୍ତ ପ୍ରସାଦ ଦାସ, ସିନ୍ଧକାରୀର ରଜକ୍ ମହମ୍ମଦ, ଖଣ୍ଡପଡାର ରାକେଶ ପଣ୍ଡା, ସିନ୍ଧୁରିଆର ସୋହେଲ୍ ଖାନ୍, ଏସ୍. କେ. ସମିମ୍, ହରିପୁରର ଚିନ୍ମୟ ଦାସ, ମୁକ୍ତାପୁରର ଦୀପକ ଦାସ, ନୟାଗଡର ରାହୁଲ କୁମାର ସୁବୁଦ୍ଧି, ଦୁର୍ଗାପ୍ରସାଦର ରଶ୍ମିରଞ୍ଜନ ମହାପାତ୍ର, ଭୀମାପଡାର ଅଲିମ୍ ଖାନ୍, ନୟାଗଡର ହିମାଂଶୁ ଶେଖର ମହାନ୍ତି ରହିଛନ୍ତି। ପ୍ରାଥମିକ ଚିକିତ୍ସା ପରେ ଗୁରୁତର ଆହତମାନଙ୍କୁ ବ୍ରହ୍ମପୁର ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ପାଟପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ବସ୍ ଓ ବାଇକକୁ ଜବତ କରିଛି। ଦୁର୍ଘଟଣାରେ ମୃତ୍ୟୁ ଘଟିଥିବା ଅନୁଜଙ୍କ ମୃତଦେହ ପୋଲିସ ଜବତ କରିଛି। ସୋମବାର ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ ମେଡିକାଲ ପଠାଯିବ ବୋଲି ଆଇଆଇସି ଅଜୟ କୁମାର ବାରିକ ସୂଚନା ଦେଇଛନ୍ତି।

### ଶ୍ରୀରଘୁନାଥଜୀଉ ପୂଜକ ପରିଷଦର କର୍ମକର୍ତ୍ତା ଚୟନ

**ଓଡ଼ଗାଁ,୧୫।୧୨(ସ୍ୱ.ପ୍ର.)**

ଓଡ଼ଗାଁରେ ବିଜେ ଶ୍ରୀରଘୁନାଥଜୀଉଙ୍କ ମନ୍ଦିର ପୂଜକ ପରିଷଦର ନୂତନ କର୍ମକର୍ତ୍ତା ମନୋନୀତ ହୋଇଛନ୍ତି। ଝୁଲଣ ମଣ୍ଡପ ନିକଟ ପ୍ରସାଦ ସେବନ ମଣ୍ଡପରେ ବରିଷ୍ଠ ପୂଜକ ମନୋଜ କୁମାର ନନ୍ଦଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଆଗାମୀ ୩ ବର୍ଷ ନିମନ୍ତେ ନୂତନ କର୍ମକର୍ତ୍ତାଙ୍କୁ ଚୟନ କରାଯାଇଛି। ସୂଚନା ଅନୁସାରେ ପ୍ରଫୁଲ୍ଲ କୁମାର ମହାପାତ୍ର ସଭାପତି, ଅଶୋକ କୁମାର ନନ୍ଦ ଉପସଭାପତି, ସୁବେଦାର ବିଜୟ କୁମାର ଦାଶ ସାଧାରଣ ସମ୍ପାଦକ, ନାରାୟଣ ମହାପାତ୍ର ସହ ସମ୍ପାଦକ, ସୁକାନ୍ତ କୁମାର ମହାପାତ୍ର କୋଷାଧ୍ୟକ୍ଷ ଓ ନଗେଶ ଚନ୍ଦ୍ର ମହାପାତ୍ର, ଜିତେନ୍ଦ୍ର କୁମାର ମହାପାତ୍ର, ସଚ୍ଚିଦାନନ୍ଦ ବଡପଣ୍ଡା, ରଞ୍ଜିତ ନନ୍ଦ, ଲକ୍ଷ୍ମୀଧର ଦାଶ, ଅଶ୍ୱିନୀ ଦାଶ, ପ୍ରଦୀପ ବାହିନୀପତି, କେଦାର ମହାପାତ୍ର ପ୍ରମୁଖଙ୍କୁ କାର୍ଯ୍ୟକାରୀ ସଦସ୍ୟ ଭାବେ ମନୋନୀତ କରାଯାଇଛି। ସୁରେଶ ଚନ୍ଦ୍ର ମହାପାତ୍ର, ପଣ୍ଡିତ ପ୍ରଭାତ କୁମାର ମହାପାତ୍ର ଓ ଡାକ୍ତର ଶୁଭେନ୍ଦୁ କୁମାର ନନ୍ଦ ଉପଦେଷ୍ଟା ମଣ୍ଡଳୀ ଭାବେ କାର୍ଯ୍ୟ କରିବେ ବୋଲି ପରିଷଦ ତରଫରୁ ଏକ ପ୍ରେସ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି।

# ୭୦ ପରିବାରକୁ ଧୂଆଁବିହୀନ ଚୁଲା ବଣ୍ଟନ



ଲୋକଙ୍କୁ ଚୁଲା ବଣ୍ଟନ କରାଯାଉଛି।

**ଗଣିଆ,୧୫।୧୨(ଡି.ଏନ୍.ଏ.)**

ସାତକୋଶିଆ ବ୍ୟାଘ୍ର ଅଭୟାରଣ୍ୟର ନୟାଗଡ ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ଅନ୍ତର୍ଗତ ଛାମୁଣ୍ଡିଆ ବନ୍ୟପ୍ରାଣୀ ବନାଞ୍ଚଳ ତରଫରୁ ରବିବାର ଛାମୁଣ୍ଡିଆ ପଞ୍ଚାୟତ ହରିପୁର ଗ୍ରାମର ୭୦ ପରିବାରକୁ ଧୂଆଁ ବିହୀନ ଚୁଲା ବଣ୍ଟନ କରାଯାଇଛି। ଛାମୁଣ୍ଡିଆ ବନାଞ୍ଚଳ ଅଧିକାରୀ ଅଶୋକ କୁମାର ଦାସଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଫରେଷ୍ଟର ଗୋଲକ ବିହାରୀ ବେହେରା, ଗାୟତ୍ରୀ ପରିଡା ଓ ଫରେଷ୍ଟଗାର୍ଡ ରଞ୍ଜିତା ସ୍ୱାଇଁ ପ୍ରମୁଖ ଯୋଗଦେଇ ଚୁଲା ବଣ୍ଟନ କରିଥିଲେ। ଏଥିସହ ଏହି ଚୁଲାର ବ୍ୟବହାର ଓ ଉପକାରିତା ସମ୍ପର୍କରେ ଲୋକଙ୍କୁ ବୁଝାଇଥିଲେ । ବିଶେଷକରି ଏହି ଚୁଲା ବ୍ୟବହାର କରିବା ଦ୍ୱାରା କମ୍ ଜାଳେଣିରେ ଖୁବ୍ ଶୀଘ୍ର ରୋଷେଇ ପ୍ରସ୍ତୁତ ହୋଇପାରିବ ଏବଂ ଜାଳେଣି ପାଇଁ ଜଙ୍ଗଲ ଉପରେ କମ୍ ନିର୍ଭର କରିବାକୁ ହେବ ବୋଲି ବିଭାଗୀୟ ଅଧିକାରୀମାନେ କହିଥିଲେ। ପୂର୍ବରୁ ମାଟିରେ ନିର୍ମିତ ଧୂଆଁ ବିହୀନ ଚୁଲା ଅପେକ୍ଷା ନୂତନ ଭାବେ ଲୁହା ନିର୍ମିତ ଏହି ଚୁଲା ଦୀର୍ଘସ୍ଥାୟୀ ହୋଇପାରିବ ।

# ସ୍ଥାନୀୟ ସମସ୍ୟା ସମାଧାନ ନେଇ ବୈଠକ

**ଗଣିଆ,୧୫।୧୨(ଡି.ଏନ.ଏ.)**



ବୈଠକରେ ଉପସ୍ଥିତ ବୁଦ୍ଧିଜୀବୀ ଓ ଜନସାଧାରଣ।

ଗଣିଆ ବ୍ଲକ ଆଦିମ ଅଧିବାସୀ ମୁକ୍ତିମଞ୍ଚ, ଗ୍ରାମୀଣ ଶ୍ରମଜୀବୀ ଚେତନା ସଙ୍ଗଠନ ଓ ସଞ୍ଚାର ଆନୁକୂଲ୍ୟରେ ରବିବାର ଡଙ୍କାରିସାହିସ୍ଥିତ ଗଣପତିଶ୍ୱର ଦେବଙ୍କ ପୀଠ ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ସାମାଜିକ କର୍ମୀ ଅନ୍ତର୍ଯ୍ୟାମୀ ମିଶ୍ର ଓ ପ୍ରଫୁଲ୍ଲ କୁମାର ନାୟକଙ୍କ ଆବାହକତ୍ୱରେ ଆୟୋଜିତ ବୈଠକରେ ବ୍ଲକର ବିଭିନ୍ନ ପଞ୍ଚାୟତରୁ ୨୦ରୁ ଊର୍ଦ୍ଧ୍ୱ ବୁଦ୍ଧିଜୀବୀ ଓ ଜନସାଧାରଣ ଯୋଗଦେଇଥିଲେ। ଗଣିଆ ଅଞ୍ଚଳର କୃଷି ଓ କୃଷକ, ଶ୍ରମିକ, ଜଳ, ଜମି, ଜଙ୍ଗଲ, ଜୀବନଜୀବିକା, ସଂସ୍କୃତିକୁ ନେଇ ଦେଖାଦେଇଥିବା ସାମ୍ପ୍ରତିକ ସ୍ଥିତି, ସମସ୍ୟା, ଭବିଷ୍ୟତ ପ୍ରସଙ୍ଗକୁ ନେଇ ବିଚାର ବିମର୍ଷ କରାଯାଇଥିଲା। ଲୋକଙ୍କ ପାଖରେ ଏହା ଆଲୋଚନା କରାଯାଇ ଅଞ୍ଚଳରେ ଲାଗିରହିଥିବା ବିଭିନ୍ନ ସମସ୍ୟା ସମାଧାନ ପାଇଁ ପ୍ରଚେଷ୍ଟା ଜାରି ରହିବ ବୋଲି ମତ ପ୍ରକାଶ ପାଇଥିଲା। ଦଳୀୟ ରାଜନୀତିଠାରୁ ଊର୍ଦ୍ଧ୍ୱରେ ରହି ଜନ ଅଧିକାର ବିକାଶମଞ୍ଚ ନାମରେ ଏକ ନୂତନ ସଙ୍ଗଠନକୁ ଆଗଇେନେବା ପାଇଁ ସ୍ଥିରୀକୃତ ହୋଇଥିଲା । ବୈଠକରେ ସଞ୍ଚାର, ଦଶପଲ୍ଲାର ସମ୍ପାଦକ ପ୍ରଫୁଲ୍ଲ କୁମାର ମିଶ୍ର, ମାଟି ମା' ମହିଳା ମଞ୍ଚର ସଂଯୋଜିକା ସରୋଜିନୀ ମଳିକ, ଜଙ୍ଗଲ ମହାସଂଘ ଗଣିଆ ଜୋନ୍ ସଭାପତି ଭିକାରୀ ଚରଣ ସାହୁ, ବାମଦେବ ମନ୍ଥନ, ଦୁଆରି ବେହେରା, କେଦାରନାଥ ସାହୁ, ରାମଚନ୍ଦ୍ର ମଳିକ ପ୍ରମୁଖ ଯୋଗଦେଇଥିଲେ ।

### ଜୁଆ ଆଡ୍ଡାରେ ଚଢାଉ, ୪ ଗିରଫ

**ବେଗୁନିଆ ,୧୫। ୧୨ (ଡି.ଏନ.ଏ.)**

ବେଗୁନିଆ ଥାନା ପୋଲିସ ଶନିବାର ରାତିରେ ଜୁଆ ଆଡ୍ଡା ଉପରେ ଚଢାଉ କରି ୪ ଜଣଙ୍କୁ ଗିରଫ କରିବା ସହ ସେମାନଙ୍କଠାରୁ ୩୨ଶହ ଟଙ୍କା ଜବତ କରିଛି। ଥାନାରେ ନଂ.୨୩୨/୧୯ରେ ମାମଲା ରୁଜୁ ହୋଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଧଳାପଥର ଗାଁର ବିଶ୍ୱନାଥ ସ୍ୱାଇଁ, ଧ୍ରୁବଚରଣ ସାହୁ, ଉମାଶଙ୍କର ମୂର୍ତ୍ତି, ବାଙ୍କୀ ବ୍ଲକ ବୈଦେଶ୍ୱର କୋଠସାହିର ଯୋଗୀନାଥ ସାମନ୍ତରାୟ।

# ସଦାଶିବ ମେମୋରିଆଲ କ୍ରିକେଟ: ଢେଙ୍କାନାଳ ସେମିରେ

**ଭାପୁର,୧୫।୧୨(ଡି.ଏନ୍.ଏ.)**

ଭାପୁର ବ୍ଲକ ଫତେଗଡ଼ ଗ୍ରାମର ଯୁବକସଂଘ ଆନୁକୂଲ୍ୟରେ ରବିବାର ୧୦ମ ରାଜ୍ୟସ୍ତରୀୟ ସଦାଶିବ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଛି। ପ୍ରଥମ ମ୍ୟାଚରେ ଢେଙ୍କାନାଳ ଦଳ ୪୫ ରନରେ ଭୁବନେଶ୍ୱରର ଯାଁଳା ଦଳକୁ ହରାଇ ସେମିଫାଇନାଲରେ ପ୍ରବେଶ କରିଛି। ଟସ୍ ଜିତି ଢେଙ୍କାନାଳର ସୁରପ୍ରତାପ କ୍ରିକେଟ କ୍ଲବ ବ୍ୟାଟିଂ କରି ୨୪.୧ ଓଭରରେ ସମସ୍ତ ଉଇକେଟ ହରାଇ ୧୮୨ ରନ ସଂଗ୍ରହ କରିଥିଲା। ଜବାବରେ ଯାଁଳାର ବ୍ଲୁ ରକ୍ ଷ୍ଟାର କ୍ରିକେଟ କ୍ଲବ ୧୯.୪ ଓଭରରେ ସମସ୍ତ ଉଇକେଟ ହରାଇ ୧୩୭ ରନ କରି ମ୍ୟାଚଟି ହାରିଯାଇଥିଲା। ବିଜୟୀ ଦଳର ତନ୍ମୟ ମହାନ୍ତି ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଖେଳ ପରିଚାଳନା କରିଥିଲେ ଦ୍ୟୁଜେନ୍ଦ୍ର ଘୋଷ ଓ ଦୁର୍ଗାପ୍ରସାଦ ପଟ୍ଟନାୟକ। ବିଜୟୀ ଦଳ ଓ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ଖେଳାଳିଙ୍କୁ ୧୯ ନମ୍ବର ଜୋନ୍ ଜିଲାପରିଷଦ ସଭ୍ୟାଙ୍କ ପ୍ରତିନିଧି ମନୋଜ କୁମାର ପ୍ରଧାନ ସମ୍ମାନିତ କରିଥିଲେ। ସୋମବାର କାଇପଦର ଓ ଭୁବନେଶ୍ୱରର ନଁଅପୁଟ କ୍ରିକେଟ କ୍ଲବ ମଧ୍ୟରେ ମ୍ୟାଚ ଆୟୋଜିତ ହେବ।

# ଠାକୁର ଅନୁକୂଳ ଚନ୍ଦ୍ରଙ୍କ ଆବିର୍ଭାବ ଦିବସ

**ଭାପୁର,୧୫।୧୨(ଡି.ଏନ୍.ଏ.)**

ଠାକୁର ଶ୍ରୀ ଶ୍ରୀ ଅନୁକୂଳ ଚନ୍ଦ୍ରଙ୍କର ୧୩୨ତମ ଆବିର୍ଭାବ ଦିବସ ରବିବାର ଭାପୁର ବଜାରସ୍ଥିତ ସତ୍‌ସଙ୍ଗ ବିହାରରେ ପାଳିତ ହୋଇଯାଇଛି। ଭାପୁର ବଜାର ଜୟଗୁରୁ ମାର୍ଗଠାରୁ ଶ୍ରଦ୍ଧାଳୁମାନେ ଠାକୁରଙ୍କୁ ଏକ ସୁସଜ୍ଜିତ ରଥରେ ବଜାର ପରିକ୍ରମା କରିଥିଲେ। ପରେ ପ୍ରବଚନ ଆରମ୍ଭ ହୋଇଥିଲା। ଉତ୍ସବ କମିଟି ସଭାପତି ବ୍ରଜବନ୍ଧୁ ସାହୁଙ୍କ ଆୟୋଜନରେ ଆବାହକ ଲକ୍ଷ୍ମୀଧର ସାହୁ ଓ ମାଧବ ଚନ୍ଦ୍ର ରଣା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମନୋରମା ସାହୁ, ନବକିଶୋର ସାହୁ ଓ ଋତ୍ୱିକ ଡ. ହରପ୍ରସାଦ ସାହୁ, ବାଙ୍କନିଧି ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଶ୍ରଦ୍ଧାଳୁମାନେ।

# ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ବିକାଶ ଚିନ୍ତା

**ଖଣ୍ଡପଡା,୧୫।୧୨(ସ୍ୱ.ପ୍ର.)**



ବୈଠକରେ ଉପସ୍ଥିତ ପରିଷଦର କର୍ମକର୍ତ୍ତା ଓ ଅନ୍ୟମାନେ।

- ପଶ୍ଚିମାଞ୍ଚଳ ବିକାଶ ପରିଷଦର ବୈଠକରେ ହେଲା ଆଲୋଚନା
- ଲୋକ ପ୍ରତିନିଧି, ପ୍ରଶାସନିକ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ନିଷ୍ପତ୍ତି

ଖଣ୍ଡପଡାର ପଶ୍ଚିମାଞ୍ଚଳ କୁହାଯାଉଥିବା କୋସକା, କିଆଝର, ବଳଭଦ୍ରପ୍ରସାଦ, କୁମ୍ଭାରପଡା, ଢୋଲମରା, ସିଂଘାପଡା ଆଦି ପଞ୍ଚାୟତଗୁଡିକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ଭାବେ ପରିଚିତ। ଏହି ଅଞ୍ଚଳ ଅବହେଳିତ ଅବସ୍ଥାରେ ରହିଥିବାରୁ ଏହାର ବିକାଶ ନେଇ ରବିବାର ପଶ୍ଚିମାଞ୍ଚଳ ବିକାଶ ପରିଷଦ ଆନୁକୂଲ୍ୟରେ ଏକ ବୈଠକ କୋସକା ଯୋଗୀଯୋଗିଆଣୀ ପୀଠରେ ଅନୁଷ୍ଠିତ ହୋଇ ଯାଇଛି । ନୟାଗଡ ଜିଲାର ଏକମାତ୍ର ଯୋଗୀଯୋଗିଆଣୀ ବୌଦ୍ଧ ପୀଠଟି ଅବହେଳିତ ଅବସ୍ଥାରେ ଥିବାରୁ ଏହାର ଉନ୍ନତି ପାଇଁ ଏହି ବୈଠକରେ ଆଲୋଚନା କରାଯାଇଥିଲା। ବୈଠକରେ ସଭାପତି ଇନ୍ଦ୍ରମଣୀ ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ପଶ୍ଚିମାଞ୍ଚଳ ବିକାଶ ପରିଷଦର କର୍ମକର୍ତ୍ତା ଓ ବିଭିନ୍ନ ଗ୍ରାମର ମୁଖିଆମାନେ ରାସ୍ତାଘାଟ ସମସ୍ୟା, ବିଭିନ୍ନ ମେଡିକାଲରେ ଡାକ୍ତର ପଦବୀ ଖାଲି ପଡିଥିବାରୁ ସ୍ୱାସ୍ଥ୍ୟସେବାରେ ଘୋର ସମସ୍ୟା ଉପୁଜୁଛି ବୋଲି ଆଲୋଚନା କରିଥିଲେ। ଅଞ୍ଚଳର ବିକାଶ ନେଇ ପ୍ରଶାସନିକ ଅଧିକାରୀ, ଜିଲାପାଳ, ସ୍ଥାନୀୟ ବିଧାୟକ, ଏମ୍‌ପିଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ସର୍ବସମ୍ମତିକ୍ରମେ ନିଷ୍ପତ୍ତି ହୋଇଥିଲା। ପଶ୍ଚିମାଞ୍ଚଳ ବିକାଶ ପରିଷଦ ମୁଖ୍ୟ ଭୂମିକା ନେବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ଖବରଦାତା ପ୍ରଭାକର ଶିରୋମଣି ମୁଖ୍ୟ ଅତିଥି ଭାବେ ଯୋଗଦେଇ ମଣିଷ ସହିତ ବୃକ୍ଷଲତାର ଜୀବନକୁ ତୁଳନା କରିବା ସହ ଜଳବାୟୁ ପରିବର୍ତ୍ତନ ରୋକାଯିବା ପାଇଁ ଜନ ସଚେତନତା ସୃଷ୍ଟି କରିବାକୁ ମତ ପ୍ରକାଶ କରିଥିଲେ। ଅନ୍ୟତମ ଅତିଥି ଭାବେ ଖବରଦାତା ଭବାନୀ ଶଙ୍କର ସିଂହ ସାମନ୍ତ ଯୋଗଦେଇ ଜିଲାର ଏକମାତ୍ର ପୁରାତନ ବୌଦ୍ଧ ପୀଠର ବିକାଶ ତ୍ୱରାନ୍ୱିତ କରିବାକୁ ସମସ୍ତଙ୍କ ସହଯୋଗ ଆବଶ୍ୟକ ବୋଲି କହିଥିଲେ। ସମିତିର ଉପଦେଷ୍ଟା କୈଳାସ ଚନ୍ଦ୍ର ପଣ୍ଡା ପରିବେଶ ସୁରକ୍ଷା ସମ୍ବନ୍ଧରେ ଆଲୋଚନା କରିଥିଲେ । ଏହି ସଭାରେ ଆଞ୍ଚଳିକ ବନସୁରକ୍ଷା କମିଟି ସମ୍ପାଦକ ସନ୍ତୋଷ କୁମାର ମହାନ୍ତି ଓ ମଦନ ମୋହନ ସୁବୁଦ୍ଧି, ପୃଷ୍ଠପୋଷକ ପ୍ରଫୁଲ୍ଲ କୁମାର ପଣ୍ଡା, କୋଷାଧ୍ୟକ୍ଷ ଅଭୟ ଚରଣ ନାୟକ, ସିଂଘାପଡା ବନପାଳ ପ୍ରଫୁଲ୍ଲ କୁମାର ନାୟକ, ବନରକ୍ଷୀ ମାନସ ରଞ୍ଜନ ମିଶ୍ରଙ୍କ ସମେତ ୧୪ଟି ଗ୍ରାମର ମୁଖ୍ୟମାନେ ଯୋଗଦାନ କରିଥିଲେ । ପୂଜାରୀ ବାବାଜୀ ନନ୍ଦ, ସତ୍ୟବାଦୀ ପଣ୍ଡା ସଂଯୋଜନା କରିଥିବା ବେଳେ ସନ୍ତୋଷ କୁମାର ପାଣିଗ୍ରାହୀ, ଭକ୍ତ ଚରଣ ପଣ୍ଡା, ଗୌରାଙ୍ଗ ହୋତା ଓ ପ୍ରତ୍ୟୁଷ ରଞ୍ଜନ ପଣ୍ଡା ସହଯୋଗ କରିଥିଲେ।

**ସଂକ୍ଷେପରେ**

## ଆଜିଠୁ ଶ୍ରୀମନ୍ଦିରରେ ପହିଲି ଭୋଗ

**ପୁରୀ ଅଫିସ,୧୫।୧୨:** ପବିତ୍ର ଧନୁ ସଂକ୍ରାନ୍ତି ଅବସରରେ ସୋମବାର ଶ୍ରୀମନ୍ଦିରରେ ଆରମ୍ଭ ହେବ ମହାପ୍ରଭୁଙ୍କ ପହିଲି ଭୋଗ ନୀତି। ମକର ସଂକ୍ରାନ୍ତି ପୂର୍ବଦିନ ପଯର୍ୟନ୍ତ ପ୍ରତ୍ୟହ ଏହି ନୀତି ଚାଲିବ। ଗତ ଶୁକ୍ରବାର ଅନୁଷ୍ଠିତ ନୀତି ସବ୍ କମିଟି ବୈଠକରେ ମହାପ୍ରଭୁଙ୍କ ପହିଲି ଭୋଗ ନୀତି ଚୂଡ଼ାନ୍ତ ହୋଇଛି। ମହାପ୍ରଭୁଙ୍କ ପହଲି ଭୋଗ ନୀତି ଧନୁ ସଂକ୍ରାନ୍ତି ଅର୍ଥାତ୍ ଡିସମ୍ବେର ୧୬ ତାରିଖଠାରୁ ଆରମ୍ଭ ହୋଇ ଜାନୁଆରୀ ୧୪ ପର୍ଯ୍ୟନ୍ତ ଚାଲିବ। ପ୍ରତ୍ୟହ ରାତ୍ର ୩ଟାରେ ଦ୍ୱାରଫିଟା, ୩ଟା ୩୦ରେ ଭିତରଶୋଧ, ୩ଟା ୪୫ରେ ମଙ୍ଗଳ ଆଳତି ନୀତି ସମ୍ପନ୍ନ ହେବ। ସକାଳ ୬ଟା ୨୦ରୁ ୬ଟା ୫୦ ମଧରେ ପହିଲି ଭୋଗ ନୀତି ବଢିବ। ସକାଳ ୬ଟା ୩୦ରୁ ୯ଟା ସକାଳ ଧୂପ(କେବଳ କୋଠଭୋଗ), ୮ଟା ୪୫ରୁ ୧୦ଟା ୩୦ ଭୋଗମଣ୍ଡପ, ୧୧ଟା ୩୦ରୁ ମଧାହ୍ନ ୧୨ଟା ୩୦ ମଧାହ୍ନ ଧୂପ(କେବଳ କୋଠଭୋଗ), ୧୨ଟା ୧୫ରୁ ଅପରାହ୍ନ ୨ଟା ଦ୍ୱିତୀୟ ଭୋଗ ମଣ୍ଡପ ହୋଇ ଅନ୍ୟାନ୍ୟ ନୀତି ଚାଲିବ। ଅପରାହ୍ନ ୫ଟାରେ ସନ୍ଧ୍ୟା ଆଳତି, ସାଢେ ୬ଟାରୁ ରାତି ୮ଟା ସନ୍ଧ୍ୟା ଧୂପ, ୯ଟାରେ ଚନ୍ଦନ ଲାଗି, ୧୦ଟାରେ ବଡସିଂହାର ବେଶ, ୧୦ଟା ୩୦ ବଡସିଂହାର ଭୋଗ ଏବଂ ୧୧ଟାରେ ରାତ୍ର ପହୁଡ ନୀତି ସମ୍ପନ୍ନ ଲାଗି ନୀତି ଚୂଡ଼ାନ୍ତ ହୋଇଛି।

## ଆସିକାରେ ଇପିଏଫ୍ ପେନ୍ସନ୍‌ଧାରୀଙ୍କ ବୈଠକ

**ଆସିକା,୧୫।୧୨ (ଡି.ଏନ୍.ଏ.)-** ଗଞ୍ଜାମ ଜିଲା ଇପିଏଫ୍ ପେନସନ୍ଧାରୀଙ୍କ ଏକ ବୈଠକ ରବିବାର ଆସିକା ଚିନିଶିଳ୍ପ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ପେନ୍ସନ୍ଧାରୀ ରକ୍ଷିନାଥ ପାଢୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଅଲ୍ ଓଡିଶା ଇପିଏଫ୍ ପେନସନର୍ସ ଆସୋସିଏସନର ସାଧାରଣ ସମ୍ପାଦକ ଭାଗ୍ୟଧର ବ୍ରହ୍ମା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କୃଷ୍ଣଚନ୍ଦ୍ର ମହାନ୍ତି, ବିକ୍ରମ ଛୋଟରାୟ, ତ୍ରିନାଥ ନାୟକ, ବାସୁଦେବ ଚୌଧୁରୀ ପ୍ରମୁଖ ପେନସନ୍ଧାରୀଙ୍କ ବିଭିନ୍ନ ସମସ୍ୟା ପ୍ରତି ସରକାରୀ ଉଦାସୀନତା ସମ୍ପର୍କରେ ଆଲୋଚନା କରିଥିଲେ। ରାଜ୍ୟର ବିଭିନ୍ନ ସ୍ଥାନରେ ଇପିଏଫ୍ ପେନସନ୍ ଧାରୀଙ୍କୁ ନେଇ ସମାବେଶ ସହ ବାସ୍ତବ ସ୍ଥିତି ସମ୍ପର୍କରେ ସଚେତନତା କରାଯିବ। ଯଦି ପରିସ୍ଥିତିରେ କୌଣସି ପରିବର୍ତ୍ତନ ନହୁଏ ତେବେ ଆଗାମୀ ଦିନରେ ଏକ ବଡଧରଣର ଆନ୍ଦୋଳନ କରାଯିବ ବୋଲି ରାଜ୍ୟ ସମ୍ପାଦକ ବ୍ରହ୍ମା ସୂଚନା ଦେଇଥିଲେ।

## ଆସିକା ବନାଞ୍ଚଳରେ ପ୍ରାଣୀ ଚିକିତ୍ସା ଶିବିର

**ଆସିକା,୧୫।୧୨(ଡି.ଏନ୍.ଏ.)-** ଆସିକା ବନାଞ୍ଚଳ ଭେଟନଈ ଓ ନାରାୟଣପୁର ଗ୍ରାମରେ ରବିବାର ପ୍ରାଣୀ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଥିଲା। ଭେଟନଈ ଶିବିରରେ ୫୫୦ ଓ ନାରାୟଣପୁର ଶିବିରରେ ୪୫୦ ଗୋରୁ, ଛେଳି ଆଦିଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ପ୍ରତିଷେଧକ ଟୀକା ଦିଆଯାଇଥିଲା। ଆସିକା ପ୍ରାଣୀ ଚିକିତ୍ସାଳୟର ଚିକିତ୍ସାଧିକାରୀ ଡାକ୍ତର ପ୍ରଭାତ କୁମାର ପରିଡାଙ୍କ ନେତୃତ୍ୱରେ ବିଭାଗ କର୍ମଚାରୀମାନେ ଏହି କାର୍ଯ୍ୟକ୍ରମରେ ସାମିଲ୍ ଥିଲେ। ବନାଞ୍ଚଳ ଅଧିକାରୀ ପ୍ରସନ୍ନ କୁମାର ସାହୁ, ବନପାଳ କଳ୍ପନା କୁମାରୀ ପ୍ରଧାନ, ବନରକ୍ଷୀ ସନ୍ତୋଷ ବେହେରା, ଶରତ ଚନ୍ଦ୍ର ବେହେରା, ବିଷ୍ଣୁପ୍ରିୟା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

■ ଶ୍ରୀପୁରୁଷୋତ୍ତମ ପ୍ରାର୍ଥନା କାର୍ଯ୍ୟକ୍ରମ

# ରଙ୍ଗତୂଳୀରେ ସ୍ୱଚ୍ଛତାର ବାର୍ତ୍ତା

**ପୁରୀ ଅଫିସ, ୧୫।୧୨**



ଶ୍ରୀପୁରୁଷୋତ୍ତମ ପ୍ରାର୍ଥନା କାର୍ଯ୍ୟକ୍ରମରେ କଳାକାରଙ୍କ ଦ୍ୱାରା ନୃତ୍ୟ ପରିବେଷଣ।

ସିଂହଦ୍ୱାର ସମ୍ମୁଖରେ ପ୍ରତି ରବିବାର ସକାଳେ ଅନୁଷ୍ଠିତ ହେଉଛି ଶ୍ରୀପୁରୁଷୋତ୍ତମ ପ୍ରାର୍ଥନା କାର୍ଯ୍ୟକ୍ରମ। ବହୁ ସଂଖ୍ୟକ ଶ୍ରଦ୍ଧାଳୁ ସମବେତ ହେଉଥିବାବେଳେ ଯୋଗ, ଓଡ଼ିଶୀ, ଚିତ୍ରାଙ୍କନ, ସାମୁହିକ ପ୍ରାର୍ଥନା ସାଙ୍ଗକୁ ସଂକୀର୍ତ୍ତନ ଓ ଧର୍ମଗ୍ରନ୍ଥ ପାଠ ବି କରାଯାଉଛି। ରବିବାର ସକାଳେ ସିଂହଦ୍ୱାର ସମ୍ମୁଖରେ ଅନୁଷ୍ଠିତ ହୋଇଥିଲା ଏହି ଆଧାତ୍ମିକ କାର୍ଯ୍ୟକ୍ରମ। ଏଥିରେ ଆକର୍ଷଣ ସାଜିଥିଲା ରଙ୍ଗତୂଳୀରେ ସ୍ୱଚ୍ଛ ପୁରୀର ବାର୍ତ୍ତା। ପୁରୀ ସହରକୁ ସ୍ୱଚ୍ଛ ଏବଂ ପରିଷ୍କାର ରଖିବା ଦରକାର। ରଙ୍ଗତୂଳୀରେ କାନ୍‌ଭାସ ଉପରେ ଏମିତି ବାର୍ତ୍ତା ଦେଇଥିଲେ ଶିଳ୍ପୀମାନେ। ଗୁରୁ ଦୁର୍ଗାମାଧବକ କରଙ୍କ ତତ୍ତ୍ୱାବଧାନରେ ଓଡ଼ିଶା ଚାରୁ ଓ କାରୁ କଳା ମହାବିଦ୍ୟାଳୟର ଶିଳ୍ପୀମାନେ ପୁରୀ ସହରର ସ୍ୱଚ୍ଛତା ଉପରେ ଏମିତି ଚିତ୍ର କରିଥିଲେ, ଯାହାକି ଦେଖାଣାହାରୀଙ୍କ ବେଶ୍ ଆକର୍ଷଣ ସାଜିଥିଲା।

ପ୍ରଥମେ ଶଙ୍ଖଧ୍ୱନି ଏବଂ ବେଦଧ୍ୱନି ସହ ଅରୁଣ ସ୍ତମ୍ଭ ସମ୍ମୁଖରେ ପ୍ରଦୀପ ପ୍ରଜ୍ୱଳନ କରାଯାଇ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ମହନ୍ତ ଡ. ରାମଚରଣ ଦାସମହାରାଜ, ଶ୍ରୀମନ୍ଦିର ପୁରୋହିତ ପଦ୍ମନାଭ ମହାପାତ୍ର, ଡ. ପ୍ରଭାତ ମହାପାତ୍ର ଓ ପଣ୍ଡିତ ବିଶ୍ୱମ୍ଭର ଦାଶ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ପରେ ପଣ୍ଡିତ ସୂର୍ଯ୍ୟନାରାୟଣ ରଥଶର୍ମା ଶ୍ରୀଜଗନ୍ନାଥାଷ୍ଟକମ୍ ଆବୃତ୍ତି କରିଥିଲେ। ଧର୍ମଗ୍ରନ୍ଥ ପାଠ କରାଯିବା ସହ ଶ୍ରୀମଦ୍ ଭଗବତ ଗୀତାର ୧/୨ଟି ଶ୍ଳୋକ ଓ ଏହାର ବ୍ୟାଖ୍ୟା କରାଯାଇଥିଲା। ଏହାପରେ ସାମୂହିକ ପ୍ରାର୍ଥନା ଗାନ କରାଯାଇଥିଲା। ଡ. ନରେଶ ଚନ୍ଦ୍ର ଦାଶ ଭକ୍ତକବି ସଦାନନ୍ଦ କବିସୂର୍ଯ୍ୟ ବ୍ରହ୍ମାଙ୍କ ରଚନାରୁ ବୋଲିଥିଲେ ମଣିମା ଶୁଣିମା ହେଉ ଗରିବ ଡାକ...। ତାଙ୍କ ସ୍ୱର ସହିତ ତାଳ ଦେଇ ସମବେତ ଶ୍ରଦ୍ଧାଳୁ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଏହି ପ୍ରାର୍ଥନା ଗାନ କରିଥିଲେ। ଆଲୋକ ଯୋଗ ଗ୍ରୁପ୍ ପକ୍ଷରୁ ଆକର୍ଷଣୀୟ ଯୋଗ ପ୍ରଦର୍ଶନ କରାଯାଇଥିଲା। ପୁରୀ ଡ୍ୟାନ୍ସ ଏକାଡେମୀର ଶିଳ୍ପୀମାନେ ଶ୍ରୀଗୀତଗୋବିନ୍ଦ (ଓଡ଼ିଶୀ) ନୃତ୍ୟ ପରିବେଷଣ କରିଥିଲେ। ପରେ ସଂକୀର୍ତ୍ତନ ସହ ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ପରିକ୍ରମା କରାଯାଇଥିଲା। ଏହି ପରିକ୍ରମାରେ ସମସ୍ତେ ସାମିଲ ହୋଇଥିଲେ। ଏତଦ୍‌ବ୍ୟତୀତ ରଙ୍ଗୋଲି ଏବଂ ଚିତ୍ରାଙ୍କନ ବେଶ୍ ଆକର୍ଷଣୀୟ ସାଜିଥିଲା। କାର୍ଯ୍ୟକ୍ରମକୁ ଶ୍ରୀମନ୍ଦିର କାର୍ଯ୍ୟାଳୟର ଲୋକ ସମ୍ପର୍କ ଅଧିକାରୀ ଲକ୍ଷ୍ମୀଧର ପୂଜାପଣ୍ଡା ସଂଯୋଜନା କରିଥିବାବେଳେ ଶ୍ରୀମନ୍ଦିର ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ ଓ ଓଏସ୍‌ଡି ଶୁଭ୍ରାଂଶୁ ଶେଖର ପାଢୀ ପ୍ରମୁଖ ଉପସ୍ଥିତ ଥିଲେ।

## ଅଫିସର୍ସ କ୍ଲବର ପ୍ଲାଟିନମ୍ ଜୁବିଲି

**ପୁରୀ ଅଫିସ, ୧୫।୧୨**

ଦି କଲେକ୍ଟୋରେଟ୍ ମିନିଷ୍ଟରିଆଲ ଅଫିସର୍ସ ରିକ୍ରେସନ କ୍ଲବ ପୁରୀର ପ୍ଲାଟିନମ ଜୁବିଲି ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜିଲାପାଳ ବଲୱନ୍ତ ସିଂ ଏବଂ ସମ୍ମାନିତ ଅତିଥି ଭାବେ ଏସ୍‌ପି ଉମାଶଙ୍କର ଦାଶ, ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ ଓ ବିନୟ କୁମାର ଦାଶ, ଉପଜିଲାପାଳ ଭବତାରଣ ସାହୁ ଏବଂ ପୁରୀ ପୌରସଂସ୍ଥା କାର୍ଯ୍ୟନିର୍ବାହୀ ଅଧିକାରୀ ବିଜୟ କୁମାର ଦାଶ ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ କ୍ଲବର ଉତ୍ତରୋତ୍ତର ଉନ୍ନତି କାମନା କରିବା ସହ ଆଗାମୀ ଦିନରେ କ୍ଲବକୁ ଅଧିକ ମଜବୁତ୍ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଦିଲୀପ କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ସମ୍ପାଦକ ଦୁର୍ଗାପ୍ରସନ୍ନ ମହାନ୍ତି ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। କ୍ରୀଡ଼ା ସଙ୍ଗଠକ ସବ୍ୟସାଚୀ ରଥ ଓ ମାମା ମହାନ୍ତି ମଞ୍ଚ ପରିଚାଳନା କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ।

# ଅଳିଆ ଭିକ୍ଷା ମାଗିଲେ ଜିଲାପାଳ

**ପୁରୀ ଅଫିସ, ୧୫।୧୨**

**ମୋ ପୁରୀ ସ୍ୱଚ୍ଛ ପୁରୀ**

ଶରଧାବାଲି ମୁକ୍ତାକାଶ ମଞ୍ଚରେ ମୋ ପୁରୀ ସ୍ୱଚ୍ଛ ପୁରୀ ଅଭିଯାନର ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବହୁ ବିଶିଷ୍ଟ ଅତିଥି ଯୋଗଦେଇ ପୁରୀ ସହରକୁ ସ୍ୱଚ୍ଛ ଓ ସୁନ୍ଦର ରଖିବା ପାଇଁ ବହୁମୂଲ୍ୟ ମତ ରଖିଥିଲେ।

ଭିକ୍ଷା ମାଗିଲେ ପୁରୀ ଜିଲାପାଳ। ଏହା ଶୁଣିବାକୁ ବୋଧହୁଏ ସମସ୍ତଙ୍କୁ ଅଡୁଆ ଲାଗୁଥିବ। ହଁ, ଏହା ସତ୍ୟ। ଶରଧାବାଲି ମୁକ୍ତାକାଶ ମଞ୍ଚରେ ଠିଆ ହୋଇ ପୁରୀ ସହରବାସୀଙ୍କୁ ଭିକ୍ଷା ମାଗିଛନ୍ତି ଜିଲାପାଳ ବଲୱନ୍ତ ସିଂ। ଏ ଭିକ୍ଷାରେ ସେ ଟଙ୍କା ପଇସା କିମ୍ବା ସୁନା ଅଳଙ୍କାର ମାଗିନାହାନ୍ତି, ମାଗିଛନ୍ତି ପ୍ରତ୍ୟେକ ପରିବାରରୁ ବାହାରୁଥିବା ଅଳିଆ। ରବିବାର ଶରଧାବାଲି ମୁକ୍ତାକାଶ ମଞ୍ଚରେ ଆୟୋଜିତ ହୋଇଥିଲା ମୋ ପୁରୀ ସ୍ୱଚ୍ଛ ପୁରୀ ଅଭିଯାନର ସ୍ୱତନ୍ତ୍ର କାର୍ଯ୍ୟକ୍ରମ। ଏଥିରେ ଜିଲାପାଳ ପୁରୀକୁ ସ୍ୱଚ୍ଛ ଏବଂ ସୁନ୍ଦର ସହର ଭାବେ ଗଢିତୋଳିବା ଲାଗି ସମସ୍ତଙ୍କୁ ନିବେଦନ କରିଥିଲେ। ଏଥିପାଇଁ ପ୍ରତ୍ୟେକ ସହରବାସୀଙ୍କୁ ସେ ଅଳିଆ ଭିକ୍ଷା ମାଗୁଛନ୍ତି ବୋଲି କହିଥିଲେ। ଜିଲାପାଳ କହିଥିଲେ, ପ୍ରତି ପରିବାର ଦୁଇଟି ଡଷ୍ଟବିନ ରଖିବେ। ପ୍ରତ୍ୟେକ ଦିନ ଘରୁ ବାହାରୁଥିବା ଅଳିଆକୁ ଅଲଗା କରି ଗୋଟିକରେ ଶୁଖିଲା ଏବଂ ଅନ୍ୟଟିରେ ଓଦା ଅଳିଆ ପକାଇବେ। ସକାଳୁ ଘର ଆଗରେ ସ୍ୱଚ୍ଛ ସବାରୀ ଗାଡି ପହଞ୍ଚିବା ପରେ ସେଥିରେ ଏହି ଅଳିଆ ଦେବାକୁ ନିବେଦନ କରିଥିଲେ ଜିଲାପାଳ।

### ବଡ଼ଦାଣ୍ଡକୁ ଆମିଷମୁକ୍ତ ପାଇଁ ମହେଶ୍ୱରଙ୍କ ପ୍ରସ୍ତାବ

ପୂର୍ବତନ ମନ୍ତ୍ରୀ ମହେଶ୍ୱର ମହାନ୍ତି ବଡ଼ଦାଣ୍ଡକୁ ଆମିଷମୁକ୍ତ କରିବା ପାଇଁ ପ୍ରସ୍ତାବ ଦେଇଥିଲେ। କାର୍ଯ୍ୟକ୍ରମରେ ବକ୍ତବ୍ୟ ରଖିବା ଅବସରରେ ମହେଶ୍ୱର କହିଥିଲେ, ଶ୍ରୀକ୍ଷେତ୍ରକୁ ଐତିହ୍ୟ ସହର କରିବାର ଯେଉଁ ସଂକଳ୍ପ ରଖାଯାଇଛି ସେଥିରେ ପବିତ୍ରତାକୁ ନ ଯୋଡିଲେ ଏହା କେଉଁଠି ନା କେଉଁଠି ଅସମ୍ପୂର୍ଣ୍ଣ ରହିଯିବ। ସ୍ୱଚ୍ଛତା ସହିତ ସହରର ପବିତ୍ରତାକୁ ମଧ ଯୋଡାଯିବାର ଯଥେଷ୍ଟ ଆବଶ୍ୟକତା ରହିଛି। ବଡ଼ଦାଣ୍ଡ (ସିଂହଦ୍ୱାରୁ ଗୁଣ୍ଡିଚା ମନ୍ଦିର), ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ଏବଂ ପୁରୀ ସହରର ପ୍ରବେଶ ପଥ ଅଠରନଳା ଏହିସବୁ ଅଞ୍ଚଳକୁ ଆମିଷମୁକ୍ତ କରିବା ଲାଗି ପଦକ୍ଷେପ ନେବାକୁ ସେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ତେବେ ମହେଶ୍ୱରଙ୍କ ଏହି ପ୍ରସ୍ତାବକୁ ସମସ୍ତେ ସମର୍ଥନ କରିଥିବାବେଳେ ପୂର୍ବରୁ ଏହା କାର୍ଯ୍ୟକାରୀ ହେବା ଦରକାର ଥିଲା ବୋଲି ସଭାସ୍ଥଳରେ ଲୋକେ ପରସ୍ପର କୁହାକୁହି ହେଉଥିଲେ।

### ପୁରୀରେ ଅନ୍ତର୍ଜାତୀୟ ବିମାନ ବନ୍ଦର

ମୋ ପୁରୀ ସ୍ୱଚ୍ଛ ପୁରୀ କାର୍ଯ୍ୟକ୍ରମରେ ଏମ୍‌ପି ପିନାକୀ ମିଶ୍ର କହିଥିଲେ, ପୁରୀ ପାଇଁ ମୁଖ୍ୟମନ୍ତ୍ରୀଙ୍କ ମେଗା ପରିକଳ୍ପନା ରହିଛି। ପୂର୍ବରୁ ପୁରୀକୁ ଐତିହ୍ୟ ସହର କରିବା ଲାଗି ମଧ ଘୋଷଣା କରିସାରିଛନ୍ତି। ଆସନ୍ତା ୫ ବର୍ଷ ମଧରେ ପୁରୀରେ ଅନ୍ତର୍ଜାତୀୟ ବିମାନ ବନ୍ଦର କରିବା ଲାଗି ମୁଖ୍ୟମନ୍ତ୍ରୀ ସଂକଳ୍ପ କରିଛନ୍ତି। ଏଥିସହ ପୁରୀକୁ ଟୁରିଜମ୍ ଏବଂ ଆଇଟି ହବ୍ କରିବାକୁ ମଧ ସଂକଳ୍ପ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଏହି ସଫଳତାରରେ ଆମ ସମସ୍ତଙ୍କୁ ଭାଗିଦାର ହେବାକୁ ପଡିବ ବୋଲି ପିନାକୀ କହିଛନ୍ତି।

■ ଓଡ଼ିଶା ଲେଖିକା ସଂସଦ ବ୍ରହ୍ମପୁର ଶାଖା ବାର୍ଷିକୋତ୍ସବ

# ସମାଜଧର୍ମୀ ସାହିତ୍ୟ ସୃଷ୍ଟି କରିବାକୁ ଆହ୍ୱାନ

**ବ୍ରହ୍ମପୁର ଅଫିସ,୧୫।୧୨**

ଓଡ଼ିଶା ଲେଖିକା ସଂସଦ ବ୍ରହ୍ମପୁର ଶାଖାର ପ୍ରଥମ ବାର୍ଷିକୋତ୍ସବ ରବିବାର ଉତ୍କଳ ଆଶ୍ରମ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହାକୁ ସଂସଦ ରାଜ୍ୟ ସଭାନେତ୍ରୀ ଡ଼. ବୀଣାପାଣି ମହାନ୍ତି ଉଦ୍‌ଘାଟନ କରି ଲେଖିକାମାନେ ସମାଜରେ ଘଟୁଥିବା ନାରୀ ନିର୍ଯାତନା ବିରୋଧରେ ଲେଖନୀ ଚାଳନା କରିବାକୁ ଆହ୍ୱାନ ଦେଇଥିଲେ। କବୟିତ୍ରୀ ଓ ସାହିତ୍ୟିକାମାନଙ୍କ ସମାବେଶରେ ବୀଣାପାଣି କହିଥିଲେ, ନାରୀ ସମାଜର ବିଭିନ୍ନ ସମସ୍ୟାକୁ ଗୁରୁତ୍ୱ ଦେଇ ସାହିତ୍ୟ ସୃଷ୍ଟି କରିବା ଆବଶ୍ୟକ। ମହିଳାମାନେ ନିଜକୁ ଦୁର୍ବଳ ମନେ ନ କରି ପୁରୁଷଙ୍କ ସହ ସମକକ୍ଷ ହେବା ଏବଂ ସମାଜର ମୁଖ୍ୟସ୍ରୋତରେ ସାମିଲ ହୋଇ ସମାଜଧର୍ମୀ ସାହିତ୍ୟ ସୃଷ୍ଟି କରିବାକୁ ସେ ପରାମର୍ଶ ଦେଇଥିଲେ।

ସାଧାରଣ ସମ୍ପାଦିକା ଡ.ଶକୁନ୍ତଳା ବଳିୟାରସିଂ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ଗୋଲାପ ମଞ୍ଜରୀ କର ସମ୍ମାନିତ ଅତିଥି ଥିଲେ ।ବ୍ରହ୍ମପୁର ଶାଖା ଉପଦେଷ୍ଟା ଅମିୟବାଳା ପଟ୍ଟନାୟକ ମଞ୍ଚାସୀନ ଥିଲେ । ସଂସଦ ଶାଖା ଆବାହିକା ସ୍ୱର୍ଣ୍ଣପ୍ରଭା ପାଢ଼ୀ ଅଧକ୍ଷତା କରିଥିବା ବେଳେ ସମ୍ପାଦିକା ଡ଼. ସୂଚନା ପାଢ଼ୀ ସ୍ୱାଗତ ସମ୍ଭାଷଣ ଜଣାଇଥିଲେ । ଖଲ୍ଲିକୋଟ ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧକ୍ଷା ପ୍ରଫେସର ଉତ୍ତମା ଜେନା ଉଦ୍‌ବୋଧନ ଦେଇଥିଲେ। କିରଣବାଳା ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ।

ବାର୍ଷିକୋତ୍ସବରେ ଜ୍ୟୋସ୍ନାରାଣୀ ସ୍ୱାଇଁ, ଭାଗ୍ୟଲକ୍ଷ୍ମୀ ମହାରଣା, ବିନିତା ପାତ୍ର, ସୁଧାଞ୍ଜଳି ମିଶ୍ର, ରଞ୍ଜିତା ଦାସ, ସୁନନ୍ଦା ପାଢ଼ୀ, ସୁଚେତା ପାଣିଗ୍ରାହୀ, ଡ. ବିଦ୍ୟୁତପ୍ରଭା ସାହୁ, ଭାରତୀ କୁସୁମ ପାତ୍ର, ମାଧୁରୀ ଅଧିକାରୀ, ସବିତା ସାହୁ, ଅମିତା ମିଶ୍ର, ଲୋପା ସାମଲ, ପୁଷ୍ପାଞ୍ଜଳି ପଟ୍ଟନାୟକ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧରେ ସ୍ୱର୍ଣ୍ଣପ୍ରଭା ମିଶ୍ର, ସ୍ମୃତି ପଟ୍ଟନାୟକ, ବନ୍ଦନା ମହାପାତ୍ର, ଦେବୀପ୍ରଭା ରଥ, ସୌଦାମିନୀ ମିଶ୍ର, ସୁନନ୍ଦା ମହାପାତ୍ର, ନୀହାରିକା ସାହୁ, ପୁଷ୍ପଲତା ମିଶ୍ର, ସରୋଜିନୀ ସାହୁ, ଅମୀୟବାଳା ମୁନି, ପ୍ରମିଳା ମହଲା, କ୍ଷଣପ୍ରଭା ଶତପଥୀ, ପଦ୍ମିନୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ କବିତା ପାଠୋତ୍ସବ ହୋଇଥିଲା । କବୟିତ୍ରୀମାନେ ସ୍ୱରଚିତ କବିତା ପାଠ କରିଥିଲେ ।

# ବିଭିନ୍ନ ଗାଁ ବୁଲି ଲୋକଙ୍କୁ ସଚେତନ କରୁଛନ୍ତି

**ପରିବେଶପ୍ରେମୀ ବିଜୟ**

**ଭଞ୍ଜନଗର,୧୫।୧୨(ଡି.ଏନ.ଏ)**


ବିଜୟ ପ୍ରଧାନ ଲୋକଙ୍କୁ ସଚେତନ କରୁଛନ୍ତି।

ଜଗନ୍ନାଥପ୍ରସାଦ ବ୍ଲକ କ୍ଷେତମୁଣ୍ଡୁଲି ଗ୍ରାମର ବିଜୟ କୁମାର ପ୍ରଧାନ ପରିବେଶପ୍ରେମୀ ଭାବେ ଅଞ୍ଚଳରେ ଜଣାଶୁଣା। ଆଗାମୀ ପିଢ଼ୀ ପାଇଁ ସୁସ୍ଥ ପରିବେଶ ଏବେ ବଡ଼ ଆହ୍ୱାନ। ତେଣୁ ବିଜୟ ଗାଁକୁ ଗାଁ ବୁଲି ଲୋକଙ୍କୁ ପରିବେଶ ଉପରେ ସଚେତନତା କରାଉଛନ୍ତି। ନିଜେ ନିଜେ ପୋଷ୍ଟର ଧରି କେତେବେଳେ ସାଇକେଲରେ, କେତେବେଳେ ବାଇକ୍‌ରେ ଆଉ କେତେବେଳେ ଚାଲିଚାଲି ପରିବେଶ ଉପରେ ଲୋକଙ୍କୁ ସଚେତନ କରୁଛନ୍ତି। ଏଥିସହ କେତକ ସ୍ଥାନରେ ଚାରାରୋପଣ ସହ ବୃକ୍ଷ ଓ ଜୀବଜନ୍ତୁଙ୍କ ସୁରକ୍ଷା ପାଇଁ କାର୍ଯ୍ୟକ୍ରମ ହାତକୁ ନେଉଛନ୍ତି। ବିଗତ କିଛିବର୍ଷ ହେବ ବିଜୟ ନିଜସ୍ୱ ଅର୍ଥରେ ପ୍ରଚାରପତ୍ର ମାଧ୍ୟମରେ ପରିବେଶ ସଚେତନତା ବାର୍ତ୍ତା ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ଚେଷ୍ଟା କରୁଛନ୍ତି। ତାଙ୍କର ପ୍ରଚେଷ୍ଟା ଅନ୍ୟମାନଙ୍କ ପାଇଁ ଏକ ଉଦାହରଣ ହେବ।

ସେଲ୍‌ସ ଏକ୍‌ଜିକ୍ୟୁଟିଭ ଆସୋସିଏଶନର ବାର୍ଷିକ ସମ୍ମିଳନୀ

# ଏଫ୍‌ଡିଆଇ, ଅନ୍‌ଲାଇନ ମାର୍କେଟିଂକୁ ବିରୋଧ



ମଞ୍ଚାସୀନ ଅତିଥି ଓ ସଂଘ କର୍ମକର୍ତ୍ତା।

**ବ୍ରହ୍ମପୁର ଅଫିସ,୧୫।୧୨**

ଓଡ଼ିଶା ସେଲ୍‌ସ ଏକ୍‌ଜିକ୍ୟୁଟିଭ୍ ଆସୋସିଏଶନ ବ୍ରହ୍ମପୁର ଶାଖାର ୨୩ତମ ବାର୍ଷିକ ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି। ବ୍ରହ୍ମପୁର ଶହୀଦ ଲକ୍ଷ୍ମଣ ନାୟକ କମ୍ୟୁନିଟି ହଲରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସଭାପତି ରବି ଶଙ୍କର ପଣ୍ଡାଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ସଂଘ ପୂର୍ବତନ ରାଜ୍ୟ ସଭାପତି ତଥା ସର୍ବଭାରତୀୟ ସଂଗଠନ ନେତା ପ୍ରଦୀପ କୁମାର ସିହ୍ନା ଯୋଗଦେଇ ଔଷଧ ଶିଳ୍ପର ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧରେ ସିଆଇଟିୟୁ ଜିଲା ସମ୍ପାଦକ ଯୁଧିଷ୍ଠିର ବେହେରା ଯୋଗଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଶ୍ରମିକ ମାରଣ ନୀତିକୁ ତୀବ୍ର ସମାଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବେ ସଂଘ ରାଜ୍ୟ ସମ୍ପାଦକରାଣାଚାଟାର୍ଜୀମଞ୍ଚାସୀନଥିଲେ। ସଂଘ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ହରିଶ ଚନ୍ଦ୍ର ବେଜ, ହିମାଂଶୁ ଓଟା ଓ ବାବୁଲା ପାଢୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବ୍ରହ୍ମପୁର ଶାଖା ସମ୍ପାଦକ ପ୍ରଶାନ୍ତ କୁମାର ପରିଡା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଔଷଧ ଉପରୁ ଶୂନ ପ୍ରତିଶତ ଜିଏସ୍‌ଟି ଲାଗୁ କରିବା, ରୁଗ୍ଣ ରାଷ୍ଟ୍ରାୟତ୍ତ କମ୍ପାନୀଗୁଡିକର ପୁନରୁଦ୍ଧାର , ଔଷଧର ଦାମ କମାଇବା ନେଇ ଦାବି କରାଯାଇଥିଲା। ଶ୍ରମ ଆଇନରେ ଶ୍ରମ ବିରୋଧୀ ସଂଶୋଧନକୁ ଆସୋସିଏଶନ ପକ୍ଷରୁ ତୀବ୍ର ବିରୋଧ କରାଯାଇଥିଲା। ଏହା ବ୍ୟତୀତ ଏଫ୍‌ଡିଆଇ ଓ ଅନଲାଇନ ମାର୍କେଟିଂକୁ ମଧ ସଂଘ ପକ୍ଷରୁ ବିରୋଧ କରାଯାଇଥିଲା। ନାରାୟଣ ଗୌଡ, ଶିବାନୀ ମହାପାତ୍ର, ଧର୍ମେନ୍ଦ୍ର ରାୟ, ବିଦ୍ୟୁତ ଆଚାର୍ଯ୍ୟଙ୍କ ସମେତ ଆସୋସିଏଶନର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ହାଣ୍ଡିଗଢା ପାଇଁ ମାଟି ଅନୁକୂଳ

**ପୁରୀ ଅଫିସ, ୧୫।୧୨**

ପୌଷ କୃଷ୍ଣ ତୃତୀୟା ତିଥିରେ ସୂର୍ଯ୍ୟୋଦୟଠାରୁ ସକାଳ ୭ଟା ୧୯ ମିନିଟ ମଧରେ ସମସ୍ତ କୁମ୍ଭକାର ମାଟିପାତ୍ର ଅନୁକୂଳ କରିଛନ୍ତି। କୁମ୍ଭକାର ନିଯୋଗ ସାଧାରଣ ସଭା ନିଷ୍ପତ୍ତି କ୍ରମେ ଏହି ଶୁଭ ଅନୁକୂଳ ସମୟ ନିର୍ଘଣ୍ଟ କରାଯାଇଥିଲା। ନିର୍ଦ୍ଧାରିତ ସମୟରେ ନିଯୋଗର ସମସ୍ତ ସଦସ୍ୟ ମାଟି ଅନୁକୂଳ କରିଥିଲେ। ସୂଚନାଥାଉ କି, କୁରାଳ ପଞ୍ଚମୀଠାରୁ କୁମ୍ଭକାରମାନେ ସେମାନଙ୍କ ହାଣ୍ଡିକୁଡୁଆ କାମ ବନ୍ଦ ରଖିଥିଲେ। ରବିବାର ମାଟି ଅନୁକୂଳ କରି ଆସନ୍ତା ବର୍ଷ ପାଇଁ ହାଣ୍ଡିଗଡା କାମ ଆରମ୍ଭ କରିଛନ୍ତି।

# ଯୋଗ ଶିବିର ଉଦ୍‌ଯାପିତ

**ଆସିକା,୧୫।୧୨(ଡି.ଏନ୍.ଏ.)**

ଆସିକା ମେକ୍ ମାଇକେଲ୍ ସଂସ୍କୃତ ମହାବିଦ୍ୟାଳୟ ଜାତୀୟ ସେବା ସଂସ୍ଥା ଆନୁକୂଲ୍ୟରେ ଗତ ମଙ୍ଗଳବାରଠାରୁ ମହାବିଦ୍ୟାଳୟ ପରିସରରେ ଚାଲିଥିବା ପଞ୍ଚଦିବସୀୟ ଯୋଗ ପ୍ରଶିକ୍ଷଣ ଶିବିର ଶନିବାର ଉଦ୍‌ଯାପିତ ହୋଇଛି। ଅଧକ୍ଷ ଅଶ୍ୱିନୀ କୁମାର ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁ ଯୋଗଦେଇଥିଲେ। ସମ୍ମାନିତ ଅତିଥି ରୂପେ ପ୍ରଦୀପ କୁମାର ପାଣିଗ୍ରାହୀ, ସୂର୍ଯ୍ୟପ୍ରକାଶ ରାଓ, ଅନିଲ୍ କୁମାର ପାଣିଗ୍ରାହୀ, ଯୋଗ ପ୍ରଶିକ୍ଷକ ପ୍ରସନ୍ନ କୁମାର ଦାସ, ଗୁଣ୍ଡିଚା ମହାରଣା ପ୍ରମୁଖ ଯୋଗଦେଇ ସୁସ୍ଥ ଜୀବନଯାପନ ନିମନ୍ତେ ଯୋଗାସନ ଓ ପ୍ରାଣାୟମର ଆବଶ୍ୟକତା ସମ୍ପର୍କରେ କହିଥିଲେ। ଅଧାପକ ଶିଶିର କୁମାର ମିଶ୍ର, ସେବା ସଂସ୍ଥା ଅଧିକାରୀ ବାବାନାଥ ମିଶ୍ର, ଅଧାପକ ସନାତନ ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


ମଞ୍ଚାସୀନ ଅତିଥି।

**ଋଷିକୁଲ୍ୟା ରୟତ ମହାସଭାର ଅଭିଯୋଗ**

# ଗଞ୍ଜାମ ଜିଲାର ସବୁଠି ଖୋଲିନି ଧାନମଣ୍ଡି

**ବ୍ରହ୍ମପୁର ଅଫିସ,୧୫।୧୨**

ଗଞ୍ଜାମ ଜିଲାରେ ନଭେମ୍ବର ୧୫ରୁ ମଣ୍ଡି ଖୋଲାଯାଇ ଚାଷୀଙ୍କଠାରୁ ଧାନ କିଣାଯିବାର ପ୍ରଶାସନ ପକ୍ଷରୁ ଘୋଷଣା କରାଯାଇଥିଲା । ଏହାର ମାସେ ବିତିଛି ଏବଂ ସବୁ ସୋସାଇଟିରେ ଏଯାବତ ମଣ୍ଡି ଖୋଲାଯାଇ ନ ଥିବା ଚାଷୀ ସଂଗଠନ ଋଷିକୁଲ୍ୟା ରୟତ ମହାସଭା ସଙ୍ଗିନ ଅଭିଯୋଗ କରିଛି । ତେଣୁ ଧାନର ଅଭାବୀ ବିକ୍ରି ସୃଷ୍ଟି ହୋଇଛି ଓ ଏହାର ସୁଯୋଗରେ ଦଲାଲମାନେ କମ୍ ମୂଲ୍ୟରେ କ୍ରୟ କରୁଥିବାରୁ ଚାଷୀକୁଳ ବ୍ୟାପକ କ୍ଷତିର ସମ୍ମୁଖୀନ ହୋଇଛନ୍ତି । ତୁରନ୍ତ ମଣ୍ଡି ଖୋଲାଯିବା ଏବଂ ପୂର୍ବ ବର୍ଷ ଭଳି ଟୋକେନ ଦେଇ ଚାଷୀ ଓ ଭାଗଚାଷୀଙ୍କ ଉତ୍ପାଦିତ ଧାନ ସରକାରୀ ଧାର୍ଯ୍ୟ ଦରରେ କିଣିବା ପାଇଁ ଦାବି କରାଯାଇଛି । ପଞ୍ଜୀକରଣ ହୋଇ ନ ଥିବା ଚାଷୀଙ୍କ ନାମ ପଞ୍ଜୀକରଣ ପାଇଁ ଚଳିତ ମାସ ଶେଷ ପର୍ଯ୍ୟନ୍ତ ସମୟ ସୀମା ବୃଦ୍ଧି କରାଯିବାକୁ ମହାସଭା ଗୁରୁତ୍ୱ ଦେଇଛି ।

ରୟତ ମହାସଭା ପକ୍ଷରୁ ରବିବାର ବ୍ରହ୍ମପୁରରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଆହୁରି କୁହାଯାଇଛି, ସମସ୍ତ ପଞ୍ଜୀକୃତ ଚାଷୀଙ୍କଠାରୁ ଧାନ କିଣିବା ପାଇଁ ସମବାୟ ସୋସାଇଟି ଓ ଯୋଗାଣ ବିଭାଗ କର୍ମଚାରୀ ଯେଭଳି ଉତ୍ତରଦାୟୀ ରହିବାର କଡ଼ାକଡ଼ି ବ୍ୟବସ୍ଥା କିମ୍ବା ଏହାର ବ୍ୟତିକ୍ରମ ହେଲେ ସେମାନଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ସହ ଦରମା ବନ୍ଦ କରିବାକୁ ଦାବି କରାଯାଇଛି। ଅପରପକ୍ଷରେ ଏଫଏକ୍ୟୁ ମାନ ଆଳରେ ଚାଷୀଙ୍କୁ ଶୋଷଣ କରାଯାଉଛି । କୁଇଣ୍ଟାଲ ପ୍ରତି ୫ ରୁ ୭ କେଜି ଅଧିକ ଧାନ ନିଆଯାଉଥିବା ଅଭିଯୋଗ ହୋଇଛି। ଏଥିରେ ସମବାୟ ଓ ଯୋଗାଣ ବିଭାଗ କର୍ମଚାରୀଙ୍କ ଦୁର୍ନୀତିର ଗନ୍ଧ ବାରି ହେଉଛି । ଏହାର ତଦନ୍ତ ଓ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରାଯାଇଛି। ପ୍ରତି ଗ୍ରାମରେ ମଣ୍ଡି ଖୋଲାଯିବା ଏବଂ ଗ୍ରାମ୍ୟ ଚାଷୀ କମିଟି ପରାମର୍ଶରେ ଧାନକିଣା ଯିବାକୁ ପ୍ରସ୍ତାବ ଦିଆଯାଇଛି ।


ଖବରଦାତା ସମ୍ମିଳନୀରେ ପ୍ରଫୁଲ୍ଲ ସାମନ୍ତରା ଓ ଅନ୍ୟ ଚାଷୀ ନେତାମାନେ।

ଲୋକଶକ୍ତି ଅଭିଯାନ ରାଜ୍ୟ ସଭାପତି ତଥା ପରିବେଶବିତ୍ ପ୍ରଫୁଲ୍ଲ ସାମନ୍ତରା ଓ ଋଷକୁଲ୍ୟା ରୟତ ମହାସଭା ସମ୍ପାଦକ ସୀମାଞ୍ଚଳ ନାହାକ ଉପସ୍ଥିତ ଥିଲେ । ଚାଷୀଙ୍କ ସମସ୍ୟା ସମାଧାନରେ ସରକାରଙ୍କ ବିଫଳତାର ଉଭୟ ସମାଲୋଚନା କରିଥିଲେ । ଅଣଚାଷୀଙ୍କ ନାମ ପଞ୍ଜୀକରଣ କରିଥିବା ସୋସାଇଟି ସମ୍ପାଦକମାନଙ୍କୁ ଚାକିରିରୁ ବହିଷ୍କାର କରିବାକୁଦାବି କରାଯାଇଛି।ଅପରପକ୍ଷରେ ସରକାର ପ୍ରତି କୁଇଣ୍ଟାଲ ପିଛା ଚାଷୀଙ୍କୁ ୩ ଶହ ଟଙ୍କା ବୋନସ୍ ଦେବା ଓ ଏଥିପାଇଁ ଆଗାମୀ ବଜେଟରେ ଆବଶ୍ୟକ ଅର୍ଥ ବରାଦ କରିବାକୁ ମହାସଭା ଉପଦେଷ୍ଟା ସାମନ୍ତରା ପ୍ରସ୍ତାବ ଦେଇଛନ୍ତି । ଖବରଦାତା ସମ୍ମିଳନୀରେ ବିଭିନ୍ନ ସ୍ଥାନର ଅନେକ ଚାଷୀ ସଂଗଠନ ନେତା ଉପସ୍ଥିତ ଥିଲେ।